


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17




Vol. 33 | ISSUE 106 | ଭାଗ ୩୩ | ସଂଖ୍ୟା ୧୦୬ | Bhubaneswar | Monday 7 July 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୭ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆସୁଛି ଖୁସି ଖବର

## ଆସନ୍ତା ବର୍ଷ ଲାଗୁ ହେବ ଅଷ୍ଟମ ବେତନ କମିଶନ!

**ନୂଆଦିଲ୍ଲୀ, ୬।୭ :** କେନ୍ଦ୍ରୀୟ କର୍ମଚାରୀ ଓ ପେନସନଭୋଗୀଙ୍କ ମନରେ ଦୀର୍ଘ ଦିନ ଧରି ଗୋଟିଏ ପ୍ରଶ୍ନ ଘୁରି ବୁଲୁଛି, କେବେ ଲାଗୁ ହେବ ଅଷ୍ଟମ ବେତନ କମିଶନ? ସୂଚନା ଅନୁସାରେ, ମୋଦି ସରକାର ଚଳିତ ବର୍ଷ ଜାନୁଆରୀ ୧୬, ୨୦୨୫ରେ ଅଷ୍ଟମ ବେତନ କମିଶନ ଗଠନକୁ ଅନୁମୋଦନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଘୋଷଣା କରି କର୍ମଚାରୀଙ୍କ ମନରେ ଆଶାର ସଞ୍ଚାର କରିଥିଲେ। କିନ୍ତୁ, ଅନୁମୋଦନ ପରେ ମଧ୍ୟ କମିଟି ଗଠନରେ ବିଳମ୍ବ ହେଉଥିବାରୁ ଅନିଶ୍ଚିତତା ଦେଖାଦେଇଛି।

ଅଷ୍ଟମ ବେତନ କମିଶନର ଗଠନ ଏଯାଏ ହୋଇନଥିବା ହେତୁ ଏହାର କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। କେନ୍ଦ୍ରୀୟ କର୍ମଚାରୀ ଓ ପେନସନଭୋଗୀଙ୍କ ମଧ୍ୟରେ ଏହି ବିଳମ୍ବ ନେଇ ଅସନ୍ତୋଷ ଦେଖାଦେଇଛି। ସୂତ୍ର ଅନୁସାରେ, ଅଷ୍ଟମ ବେତନ କମିଶନ ୨୦୨୬ରେ ଲାଗୁ ହେବାର ସମ୍ଭାବନା ରହିଛି, କିନ୍ତୁ ସରକାରୀ ସ୍ତରରେ ଏଯାଏ କୌଣସି ସ୍ପଷ୍ଟ ଘୋଷଣା ହୋଇନାହିଁ। ପେନସନଭୋଗୀ ସଂଘ ମୋଦି ସରକାରଙ୍କୁ ଚିଠି ଲେଖି ଶୀଘ୍ର କମିଟି ଗଠନ ପାଇଁ ଅନୁରୋଧ କରିଛନ୍ତି, କିନ୍ତୁ ଏ ଦିଗରେ କୌଣସି ସଫଳତା ମିଳିନାହିଁ।




ଅଷ୍ଟମ ବେତନ କମିଶନର ପ୍ରସ୍ତାବିତ ଫିଟମେଣ୍ଟ ଫ୍ୟାକ୍ଟର ୨.୨୮ ରୁ ୨.୮୬ ମଧ୍ୟରେ ହେବାର ସମ୍ଭାବନା ରହିଛି। ଏହା କାର୍ଯ୍ୟକାରୀ ହେଲେ କେନ୍ଦ୍ରୀୟ କର୍ମଚାରୀଙ୍କ ସର୍ବନିମ୍ନ ଦରମା ୧୮,୦୦୦ ଟଙ୍କାରୁ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହା ସହିତ, ଡିଏ, ଗୃହ ଭଡ଼ା ଭତ୍ତା ଏବଂ ଅନ୍ୟାନ୍ୟ ଭତ୍ତାରେ ମଧ୍ୟ ବୃଦ୍ଧି ହେବାର ଆଶା ରହିଛି। ସାଧାରଣ ଗ୍ରେଡ୍ ପେ ଥିବା କର୍ମଚାରୀଙ୍କ ଦରମାରେ ମାସିକ ୮,୦୦୦ ରୁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଅନ୍ୟପକ୍ଷରେ, ପେନସନଭୋଗୀଙ୍କ ପାଇଁ ପେନସନରେ ୨୦ ପ୍ରତିଶତରୁ ରୁ ୩୮ ପ୍ରତିଶତକୁ ବୃଦ୍ଧିର ସମ୍ଭାବନା ରହିଛି, ଯାହା ସେମାନଙ୍କ ପାଇଁ ଏକ ବଡ଼ ଉପହାର ହେବ।

## ରାଜାଧିରାଜ ବେଶରେ ମହାପ୍ରଭୁ





**ପୁରୀ, ୬।୭ (ସଂଚାର ବ୍ୟୁରୋ) :** ଆଜି ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ବଡ଼ ଏକାଦଶୀ ତିଥିରେ ମହଣ ମହଣ ସୁନାରେ ଆଭୂଷିତ ହେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଶ୍ରୀଜିଉଙ୍କ ସମସ୍ତ ଚିତ୍ତାକର୍ଷକ ବେଶ ମଧ୍ୟରେ ସୁନାବେଶ ଅର୍ଥାତ ବଡ ତଢାଉ ବେଶ ଅନ୍ୟତମ। ୧୩୮ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାରରେ ଝଲସିଲେ ଶ୍ରୀଜିଉ । ଏହି ମନମୁଗ୍ଧକର ବେଶ ବର୍ଷକରେ ଥରେ ରଥ ଉପରେ ଅନୁଷ୍ଠିତ ହେଉଥିବା ବେଳେ ଏହି ବେଶରେ ଦର୍ଶନ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଯେଉଁଥିପାଇଁ ଆଜି ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଥିଲା ।

ସୁନାବେଶ ପାଇଁ ଶ୍ରୀକ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ମାର୍କେଟ ଛକରୁ ବ୍ୟାରିକେଡ଼ କରାଯାଇଥିଲା । ଶ୍ରଦ୍ଧାଳୁ ମାର୍କେଟ ଛକରୁ ବ୍ୟାରିକେଡରେ ଆସି ବେଶ ଦେଖିବା ପରେ ତିନିରଥ ପଛପଟ ରାସ୍ତା ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଥିଲା। ସୁନାବେଶରେ ସାଆନ୍ତେଙ୍କୁ ଦର୍ଶନ କରିବାକୁ

- ● ନଟନାଗରଙ୍କ ସୁନାବେଶ ଦେଖି ଭକ୍ତ ବିମୋହିତ
- ● ୧୩୮ ପ୍ରକାର ଅଳଙ୍କାରରେ ଝଲସିଲେ ଶ୍ରୀଜିଉ
- ● ସୁସଜ୍ଜିତ ବେଶ ଦେଖିବାକୁ ଭକ୍ତଙ୍କ ଅସମ୍ଭବ ଭିଡ
- ● ଆଜି ଅଧରପଣା, ମଙ୍ଗଳବାର ନିଳାଦ୍ରୀ ବିଜେ

ଆତୁର ହୋଇପଡିଥିଲେ ଭକ୍ତ। ଶ୍ରୀକ୍ଷେତ୍ର ଆସିବାକୁ ରାସ୍ତାରେ ପଛକୁ ପଛ ଲମ୍ବିଛି ଗାଡ଼ିର ଲମ୍ବା ଲାଇନ। ଅନ୍ୟପକ୍ଷେ ଟ୍ରାଫିକ କଣ୍ଟ୍ରୋଲ ରୁମରୁ ସ୍ଥିତି ଅନୁଧ୍ୟାନ କରିଛନ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ। ପୁରୀରେ କେତେ ଗାଡ଼ି ପ୍ରବେଶ କରୁଛି ଏବଂ ବାହାରୁଛି ସବୁ ଉପରେ ମଧ୍ୟ ନଜର ରଖାଯାଇଥିଲା।

ବର୍ଷକରେ ଥରେ ରଥ ଉପରେ ଅନୁଷ୍ଠିତ ହେଉଥିବା ବେଳେ ଏହି ବେଶରେ ଦର୍ଶନ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏନେଇ ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଉଠିଥିଲା । ଏହି ରାଜବେଶରେ କେବଳ ଶଙ୍ଖଟି ରୂପା, ବାକି ସବୁ ଅଳଙ୍କାର ସୁନା । ରଥ ଉପରେ ହେଉଥିବା ରାଜବେଶରେ ଦୁଇଟି ପ୍ରଧାନ ଅଳଙ୍କାର ନଥାଏ । ତାହା ହେଲା ସୁନାର ରାହୁରେଖା ଓ ରତ୍ନ ଚିତା । ରାଜବେଶରେ ପ୍ରଭୁ ବଳଭଦ୍ର ସୁନାର ହଳ ଓ ସୁନାର ଗଦା ସାଙ୍ଗକୁ ସୁନାର ଶ୍ରୀପୟର, ଶ୍ରୀଭୁଜ, କିରଟି, ଓଡ଼ିଆଣି କୁଣ୍ଡଳ, ଚନ୍ଦ୍ର-ସୂର୍ଯ୍ୟ, ଆଡ଼କାନି ଘାଗଡ଼ାମାଳି, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକାନ୍ତ, ହଳ ଓ ମୂଷଳ, ବାହାଡାମାଳି, ବାଘନଖୁ ମାଳି, ସେବତୀମାଳି, ତ୍ରିଖଣ୍ଡିକା ଓ କମରପଟି ଅଳଙ୍କାରରେ ଭୂଷିତ ହୋଇଥିଲେ।

ଦେବୀ ସୁଭଦ୍ରାଙ୍କ ଅଳଙ୍କାର ହେଉଛି କିରଟି, ଓଡ଼ିଆଣି, କାନ, ଚନ୍ଦ୍ର, ସୂର୍ଯ୍ୟ, ଘାଗଡ଼ାମାଳି, କଦମ୍ବମାଳି, ତାଡ଼ଗି ଏବଂ ସେବତୀମାଳି। ପ୍ରଭୁ ଶ୍ରୀଜଗନ୍ନାଥ ଉଭୟ ପୁରୁଷ ଓ ସ୍ତ୍ରୀଙ୍କର ଅଳଙ୍କାର ପରିଧାନ କରିଥିଲେ। ସୁନାର ଚକ୍ର ଓ ରୂପାର ଶଙ୍ଖ ସହିତ କିରଟି, ଶ୍ରୀଭୁଜ, ଶ୍ରୀପୟର, ଓଢିଆଣି, ଚନ୍ଦ୍ର ସୂର୍ଯ୍ୟ, କାନ, ଅଡକାନି, ଘାଗରାମାଳି, କଦମ୍ବ, ମାଳି, ତିଳକ, ଚନ୍ଦ୍ରିକା, ଅଳକ, ଝୋବାକାନ୍ତି, ବାହାଡ଼ାମାଳି, ତାବିଜମାଳି ସେବତୀମାଳି ଓ ତ୍ରିଖଣ୍ଡିକା କମରପଟି ମୁଖ୍ୟ ଅଳଙ୍କାର ଭାବରେ ଶ୍ରୀଜଗନ୍ନାଥଙ୍କ ଶୋଭା ବଢ଼ାଉଥିଲା। ଏହି ବେଶରେ ଭକ୍ତମାନେ ଦିଅଁମାନଙ୍କ ସୁନା, ହାତ, ପାଦ, ଆଙ୍ଗୁଳି ଦେଖିବାର ସୁଯୋଗ ପାଆନ୍ତି ।

ପୂରାଣ ଅନୁଯାୟୀ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସରିଗଲା ପରେ ପ୍ରଭୁ ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରଥରେ ରହି ବିଶ୍ରାମ ନିଅନ୍ତି। ତିନିଠାକୁରଙ୍କର ସୁନାବେଶ ➪ପୃଷ୍ଠା-୬

## ବିକଶିତ ଓଡ଼ିଶା ଓ ବିକଶିତ ଭାରତର ମୂଳ ଚାବିକାଠି ଶିକ୍ଷା

- ❑ ଅବିଭକ୍ତ କୋରାପୁଟରେ ଶିକ୍ଷା ବିକାଶର ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ❑ ଶିକ୍ଷାର ବିକାଶ ସହ ନବଜାତକ ଓ ଛାତ୍ରଛାତ୍ରୀଙ୍କ ପୋଷଣକୁ ଗୁରୁତ୍ୱ
- ❑ ଆକାଂକ୍ଷୀ ଜିଲ୍ଲାରେ ଶିକ୍ଷାକୁ ନୂଆ ସୋପାନକୁ ନେବା ପାଇଁ ଉଦ୍ୟମ
- ❑ ପିଲାଙ୍କୁ ସ୍କୁଲକୁ ଆଣି ମାତୃଭାଷାରେ ଶିକ୍ଷାଦାନ ଏନଇପିର ଲକ୍ଷ୍ୟ




**କୋରାପୁଟ , ୬।୭ (ସଂଚାର ବ୍ୟୁରୋ) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅବିଭକ୍ତ କୋରାପୁଟ ଜିଲ୍ଲା ଯଥା କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରେ ସ୍କୁଲ ଶିକ୍ଷା ଏବଂ ଉଚ୍ଚ ଶିକ୍ଷାର ବିକାଶ ସହ ଶିଶୁ ଓ ମହିଳାଙ୍କ କଲ୍ୟାଣ ଏବଂ ଅନ୍ୟାନ୍ୟ ପ୍ରାଥମିକତା ବିଷୟ ଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି ।

ବୈଠକରେ ଏହି ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ସ୍କୁଲ ଶିକ୍ଷା ଏବଂ ଉଚ୍ଚ ଶିକ୍ଷାର ବିକାଶ, ନବଜାତ ଶିଶୁ ଜନ୍ମ ନେବା ପର ଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ସହ ଶାରିରୀକ ସ୍ୱାସ୍ଥ୍ୟକୁ ଦୃଷ୍ଟି ଦେବା, ମହିଳା ଓ ଶିଶୁ ବିକାଶ, ଦକ୍ଷତା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଆଦି ଆନୁସଙ୍ଗିକ ବିଷୟରେ ସମୀକ୍ଷା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଯୋଗରେ ଓଡ଼ିଶାର ଏହି ଜିଲ୍ଲା ଗୁଡ଼ିକରେ ସ୍କୁଲ ଭିତ୍ତିଭୂମିର ବିକାଶ, ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବା, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ର ଉନ୍ନତିକରଣ, ସର୍ବବ୍ୟାପୀ ଓ ସର୍ବସମାବେଶୀ ଶିକ୍ଷାକୁ ପ୍ରାଥମିକତା ଦେବା ଉପରେ ଆଲୋଚନା ହୋଇଛି । ପ୍ରତ୍ୟେକ ପିଲାମାନଙ୍କୁ ➪ପୃଷ୍ଠା-୬

## ଏନଏଚ-୧୬ରେ ଓଲଟିଲା ବସ୍

### ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

**ଧର୍ମଶାଳା, ୬।୭ (ସଂଚାର ବ୍ୟୁରୋ) :** ଯାଜପୁର ଜିଲାର ୧୬ ନମ୍ବର ଜାତୀୟ ରାଜପଥରେ କୁଆଖିଆ ଥାନା ଅଧୀନ ମୂଳାପାଳ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। 'ସ୍ୱସ୍ତି ରଥ' ନାମକ ଏହି ବସ୍ଟି କଟକରୁ ବରୀ ଅଭିମୁଖେ ଯାଉଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଓ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ଯାତ୍ରୀମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ମଧୁବନ ଏବଂ ଧର୍ମଶାଳା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କୁଆଖିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଅନୁସନ୍ଧାନ ଆରମ୍ଭ କରିଛି। ବସ୍ଟି ଭାରସାମ୍ୟ ହରାଇବା ଯୋଗୁଁ ଏହି ଅଘଟଣ ଘଟିଛି।

## ୮ରେ ବିଜେପି ରାଜ୍ୟ ସଭାପତି ନିର୍ବାଚନ




- ● ମନମୋହନଙ୍କୁ ପୁଣି ସଭାପତି ଦାୟିତ୍ୱ!
- ● ୨୭୩ ଭୋଟର ବାଛିବେ ନୂଆ ସଭାପତି

**ଭୁବନେଶ୍ୱର, ୬।୭ (ସଂଚାର ବ୍ୟୁରୋ) :** ମନମୋହନ ସାମଲଙ୍କୁ ପୁଣି ଥରେ ରାଜ୍ୟ ବିଜେପିର ମଙ୍ଗୁଆଳ ଦାୟିତ୍ୱ ମିଳିବା ଏକ ପ୍ରକାର ନିଶ୍ଚିତ। କେବଳ ଔପଚାରିକତା ପାଇଁ ନିର୍ବାଚନ ଆଉ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା। ରାଜ୍ୟ ବିଜେପି ସଭାପତି ଚୟନ ବାରମ୍ବାର ଘୁଞ୍ଚିବା ପରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୮ ତାରିଖରେ ଘୋଷଣା ହେବ କିଏ ହେବ ରାଜ୍ୟ ବିଜେପିର ନୂଆ ମୁଖିଆ ।

ଆଜି ଦଳୀୟ କାର୍ଯ୍ୟାଳୟରେ ଲାଗିଛି ସଭାପତି ଚୟନର ବିଜ୍ଞପ୍ତି । ରାଜ୍ୟ ବିଜେପି ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ଲାଗି ପ୍ରକାଶ ପାଇଛି ଭୋଟର ତାଲିକା। ଏଥିରେ ଅଛନ୍ତି ମୋଟ ୨୭୩ ଜଣ। ଜିଲ୍ଲା ସଭାପତି, ରାଜ୍ୟ ପରିଷଦ ସଦସ୍ୟ ଏବଂ ନିର୍ବାଚିତ ବିଧାୟକ ଓ ସାଂସଦଙ୍କ ମଧ୍ୟରୁ ଦଶ ପ୍ରତିଶତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି। ଆସନ୍ତାକାଲି ନାମାଙ୍କନ ହେବ। ଏକାଧିକ ଆଶାୟୀ ହେଲେ ୮ ତାରିଖରେ ନିର୍ବାଚନ ହେବ। ସେହିଦିନ ଅପରାହ୍ନରେ କେନ୍ଦ୍ରୀୟ ନିବାଚନ ଅଧିକାରୀ ସୁନୀଲ ଜୟସ୍ୱାଲଙ୍କ ଉପସ୍ଥିତିରେ ନୂଆ ସଭାପତିଙ୍କ ନାଁ ଘୋଷଣା କରାଯିବ । ସଭାପତି ନିର୍ବାଚନର ଭୋଟର ତାଲିକା ବି ପ୍ରକାଶିତ ହୋଇଛି। ଜିଲ୍ଲା ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ ଓ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ, ବିଧାୟକ ଓ ସାଂସଦଙ୍କ ମଧ୍ୟରୁ ୧୦ ପ୍ରତିଶତ ସଭାପତି ନିର୍ବାଚନରେ ନିଜର ମତଦାନ କରିବେ। ଏକାଧିକ ନାମାଙ୍କନ ହେଲେ ନିର୍ବାଚନ ହେବ । ନୂଆ ସଭାପତି ନେଇ ମନମୋହନ ସାମଲ କହିଛନ୍ତି, କେନ୍ଦ୍ରୀୟ କମିଟି ନିଷ୍ପତ୍ତି ନେବ । ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ➪ପୃଷ୍ଠା-୬

## ଉପରମୁଣ୍ଡରେ ପ୍ରବଳ ବର୍ଷା, ଫୁଲୁଛି ମହାନଦୀ



- ■ ହୀରାକୁଦରୁ ଛଡାଗଲା ପ୍ରଥମ ବନ୍ୟାଜଳ
- ■ ସୃଷ୍ଟି ହେଲା ଆଉ ଏକ ଲଘୁଚାପ
- ■ ଆଜି ଭୀଷଣ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ୱାର୍ଣ୍ଣିଂ

**ସମ୍ବଲପୁର, ୬।୭ (ସଂଚାର ବ୍ୟୁରୋ) :** ରବିବାର ହୀରାକୁଦ ଡ୍ୟାମ୍‌ର ୮ଟି ଗେଟ୍ ଖୋଲାଯାଇଛି। ପୂଜାର୍ଚ୍ଚନା ପରେ ପ୍ରଥମେ ୭ ନଂ ଗେଟ୍ ଖୋଲାଯାଇଥିବାବେଳେ ପର୍ଯ୍ୟାୟକ୍ରମେ ୧୨ଟି ଗେଟ୍ ଖୋଲାଯାଇଛି। ଆଜି ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ା ଯାଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ଏହି ଗେଟ୍ ଖୋଲାଯାଇଛି। ମୋଟ୍ ୨୦ଟି ଗେଟ ଦେଇ ହୀରାକୁଦ ଜଳଭଣ୍ଡାରରୁ ➪ପୃଷ୍ଠା-୬

## ତ୍ୟାଗ ଓ ସେବା ଦ୍ୱାରା ଭବିଷ୍ୟତ ଗଢ଼ିବାକୁ ଆହ୍ୱାନ

- ● ଶିକ୍ଷା, ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରବାଦର ଉଦ୍ଧାରକର୍ତ୍ତା ଥିଲେ ଶ୍ୟାମାପ୍ରସାଦ
- ● ଓଡ଼ିଶା ବିକାଶର ଭିଜନ ଡକୁମେଣ୍ଟକୁ ସଫଳ କରିବାକୁ ରାଜ୍ୟବାସୀଙ୍କୁ ଅପିଲ

**ଭୁବନେଶ୍ୱର, ୬।୭ (ସଂଚାର ବ୍ୟୁରୋ) :** ଆମର ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ। ଆଜି ରାଜ୍ୟସରକାର ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି । ଏଣୁ ନୈତିକତା ବିନା ରାଜନୀତି, ଆଦର୍ଶ ବିନା ଶାସନ, ଓ ଦେଶପ୍ରେମ ବିନା ସ୍ୱାଧୀନତା କେବଳ ଏକ ଭ୍ରମ। ତ୍ୟାଗ ଓ ସେବା ଦ୍ୱାରା ଆମେ ଆମ ଭବିଷ୍ୟତ ଗଢ଼ିବା। ଆଜି ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଗଢ଼ୁଛୁ, ଏକ ଶକ୍ତିଶାଳୀ ଭାରତର ଦିଗକୁ ବଢ଼ୁଛୁ, ଡଃ ମୁଖାର୍ଜୀଙ୍କ ନିତି ଓ ଦୃଷ୍ଟିକୋଣ ଆମକୁ ସଠିକ ମାର୍ଗ ଦେଉଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ରାଜ୍ୟସ୍ତରୀୟ ➪ପୃଷ୍ଠା-୬





### କାନ ଡେରିଥା

ଲାଞ୍ଚ,ପିସି ଯଦି ଅଫିସର ନିଏ
ଦରମା କାହିଁକି ନେବେ
ଏକଥା ଉପରେ ଆମ ସରକାର
ଚିନ୍ତା ବି ଟିକେ କରିବେ
ଲୋକଙ୍କୁ ଜଣାଇ ଦେବେ...
ଦରମା ବାଦେ ଉପୁରୀ ଖାଇଲେ
ତଳେ ତ ଦଣ୍ଡିତ ହେବେ
ଭଗବାନ ଦଣ୍ଡ ଦେବେ।

■ ଦେବାଶିଷ

## ଅଫିସ ଭଡ଼ା ୧୫ହଜାର ୫୦୦, ସଂଘ ଭଡ଼ା କେତେ?

- ■ କାର୍ଯ୍ୟାନୁଷ୍ଠାନ ଆଶଙ୍କାରେ ସଂଘ ନେତାଙ୍କ ଗୁପ୍ତ ବୈଠକ
- ■ ଓଏଏସ୍ ଅଫିସରଙ୍କ ଯାଇନି ବିଜେଡି ହ୍ୟାଙ୍ଗଓଭର
- ■ ସଂଘ କାର୍ଯ୍ୟାଳୟ ପାଲଟିଛି ସରକାରୀ ବିରୋଧୀ ୱାର ରୁମ
- ■ କାର୍ଯ୍ୟାଳୟର ଶହେ ମିଟର ଦୂରରେ ରହୁଛନ୍ତି କିଙ୍ଗ୍‌ପିନ୍ ରବି

**ଭୁବନେଶ୍ୱର, ୬।୭ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କୁ ଓଏଏସ ସଂଘ ନେତାମାନେ ବ୍ଲାକମେଲ କରି ଜିଦି ହାସଲ କରିନେଲେ। ବିଜେଡି ହ୍ୟାଙ୍ଗଓଭର ଯାଇନଥିବାରୁ ସେମାନେ ବିଜେପି ସରକାରକୁ ଅକଳରେ ପକାଇଦେବାରେ ସଫଳ ହୋଇଛନ୍ତି। ହେଲେ ଏବେ ସଂଘର ନେତାମାନଙ୍କୁ ଘାରିଛି କାର୍ଯ୍ୟାନୁଷ୍ଠାନ ଭୟ। ଯେଉଁଥି ପାଇଁ ଭାଗ ଭାଗ ହୋଇ ନେତା ଓ କନିଷ୍ଠ ଅଧିକାରୀମାନେ ଆରମ୍ଭ କରିଦେଇଛନ୍ତି ଗୁପ୍ତ ବୈଠକ। ସେପଟେ ସୋସିଆଲ ମିଡିଆରେ ବୁଲିଛି "ଓଏଏସ ସଂଘ ଅଫିସ ଭଡା ୧୫ହଜାର ୫୦୦ ଟଙ୍କା, ସଂଘ ଭଡା କେତେ?'

ଅର୍ଥାତ ସଂଘର ବୈଠକ ପାଇଁ ସରକାରଙ୍କ ଠାରୁ ଜାଗା ନେଇ ସେଠାରେ ଦୁଇ ମହଲା କୋଠା କରାଯାଇଛି। ଆଉ ଏହା ଏବେ ସଂଘ ନେତାମାନଙ୍କ ପାଇଁ ପାଲଟିଛି ରୋଜଗାରର ମାଧ୍ୟମ। ବାହାଘର, ବ୍ରତଘର ଓ ଅନ୍ୟାନ ଉତ୍ସବ ପାଇଁ ୧୫ହଜାର ୫୦୦ ଟଙ୍କାରେ ଭଡା ଦିଆଯାଉଛି। ସେମଧ୍ୟରୁ ୧୫ହଜାର ଟଙ୍କା ହେଉଛି ଜାଗା ପାଇଁ ଓ ୫୦୦ ଟଙ୍କା ହେଉଛି ସଫାସୁତୁରା ପାଇଁ। ବିବାହ ଓ ବ୍ରତଘର ସିଜିରେ ଲକ୍ଷ ଲକ୍ଷ ଟଙ୍କା ଏହି କାର୍ଯ୍ୟାଳୟ ନାଁରେ ରୋଜଗାର ହେଉଛି। ଏଥିସହିତ ଏହା ଏବେ ପାଲଟିଛି ବିଜେପି ସରକାର ବିରୋଧରେ ରଣନୀତି ପ୍ରସ୍ତୁତ କରିବାରୁ ୱାର ରୁମ।

ସେହିଭଳି ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ଓଏଏସ ଅଫିସରଙ୍କ ବିଜେଡି ହ୍ୟାଙ୍ଗଓଭର ଯାଇନି । ରାଜ୍ୟରେ ଗୋଟିଏ ପଟେ ବନ୍ୟା ସ୍ଥିତି ଏବଂ ରଥଯାତ୍ରା ଅଘଟଣ ବେଳେ ଧର୍ମଘଟ କରିବା ଏସବୁକୁ ଇଙ୍ଗିତ କରୁଛି । କୋର୍ଟ ଗାଇଡଲାଇନ୍ ନମାନି ଯେଉଁ ନାଟକ କଲେ ସେଥିରୁ ହିଁ ଜଣାପଡୁଛି ବିଜେଡି ହ୍ୟାଙ୍ଗଓଭର ଯାଇନି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜଗା ପ୍ରଧାନଙ୍କ ନାଁରେ ଏଫଆଇଆର ନାହିଁ, ସେ ସ୍ଥାନରେ ବି ସେ ନଥିଲେ । ମାତ୍ର ବିଜେଡିର ଦିବ୍ୟଶଙ୍କର, ଅରୁଣ ସାହୁ ଓ ପ୍ରତାପ ଜେନାଙ୍କ ନାଁରେ ହତ୍ୟା ଭଳି ସଙ୍ଗିନ ଅଭିଯୋଗ ଥିଲେ ବି ଗିରଫ କରାଯାଇଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁ ଅଫିସର ଲୋକଙ୍କ ସହ ନରହିବେ, ଲୋକେ ରାଗିବା ସ୍ୱାଭାବିକ ବୋଲି କହିଛନ୍ତି ଜୟନାରାୟଣ ।




ବିଏମ୍‌ସି କାର୍ଯ୍ୟାଳୟର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଏବଂ ଏଥିରେ ବରିଷ୍ଠ ରାଜନେତା ଜଗନ୍ନାଥ ପ୍ରଧାନଙ୍କ ସମ୍ପୃକ୍ତି ଅଭିଯୋଗ ନେଇ ରାଜ୍ୟ ରାଜନୀତି ଏବେ ଉଠୁଛିପଡୁଛି । ବିରୋଧୀ ବିଜୁ ଜନତା ଦଳ ଏହାକୁ ଏକ ବଡ଼ ରାଜନୈତିକ ଅସ୍ତ୍ର କରି ମୋହନ ମାଝୀ ସରକାରକୁ ଘେରିବା ପାଇଁ ଚେଷ୍ଟା କରିଥିଲା ଏବଂ ଏହି ଚାପ ଯୋଗୁଁ ଜଗନ୍ନାଥ ଗୁରୁବାର ଦିନ ସଂଧ୍ୟାରେ ଆତ୍ମସମର୍ପଣ କରିବା ପରେ ଗିରଫ ହୋଇଛନ୍ତି । ଜଗନ୍ନାଥ ପ୍ରଧାନ ଏବେ ଝାରପଡ଼ା ଜେଲରେ। ଏହାସହିତ ଓଏଏସ୍ ଅଧିକାରୀ ସଂଘ ଯେଉଁ 'କଲମ ଛାଡ଼' ଆନ୍ଦୋଳନ ଡାକରା ଦେଇଥିଲା, ତାହା ପ୍ରତ୍ୟାହୃତ ହୋଇଛି ।

ରତ୍ନାକର ସାହୁ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ । ଏଣୁ ତାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ନେଇ ଓଏଏସ ସଂଘ କ୍ଷୁବ୍ଧ ହେବା ସ୍ୱାଭାବିକ । ଏହି ଦୃଷ୍ଟିରୁ ସଂଘ 'କଲମ ଛାଡ଼' ଆନ୍ଦୋଳନ ଡାକରା ଦେଇ ➪ପୃଷ୍ଠା-୬



## ବାହୁଡ଼ା ବ୍ରହ୍ମଙ୍କ ବାହୁଡ଼ା ଯାତରା

ସ୍ୱାଗତିକା ସାହୁ

ରତ୍ନ ବେଦୀ ଠାରୁ ଜନମ ବେଦୀରେ
କାଳିଆ ଖୁସି ହିଁ ପାଏ
ସେଇ କଳା ମୁଖ ଦର୍ଶନ କରିଲେ
କୋଟି ପୁଣ୍ୟ ପ୍ରାପ୍ତି ହୁଏ ।

ଆଷାଢ଼ ଦଶମୀ ଶୁକ୍ଳ ତିଥିରେ
ରଥରେ ଚଢ଼ନ୍ତି ହରି
ମାଉସୀ ମା ଙ୍କ ପୋଡ଼ ପିଠା ଖାଇ
ଫେରନ୍ତି ଯେ ନରହରି ।

ରଙ୍ଗ ଅଧରରେ ପୀୟୂଷ ହସରେ
ନାଟ୍ୟକାର ନାରାୟଣ
ପୁଷ୍ପ ବୃଷ୍ଟି ରଥ ସାତ ସିନ୍ଧୁ ଭକ୍ତ
ନାଲି ହଳଦୀ ଭୂଷଣ ।

ମୁରୁକୁନ୍ଦ ହସ ବାଙ୍କ ଚାହାଣୀ ଯେ
କାଳିଆର ନନ୍ଦିଘୋଷ
ଷୋଳକଳା ପୂର୍ଣ୍ଣ ଚଳନ୍ତି ଠାକୁର
ରଙ୍ଗିଆ ନାଟୁଆ ବେଶ ।

ଚତୁର୍ଦ୍ଧା ମୂରତୀ ଆସିବେ ତ ଫେରି
ନୟନ ରହିଛି ଚାହିଁ
ରଥ ଯାତ୍ରା ସାରି ବାହୁଡେ କାଳିଆ
ଆତ୍ମହରା ଭକ୍ତ ପାଇଁ ।

ଅପେକ୍ଷାର ଏବେ ଅନ୍ତ ହିଁ ହୋଇବ
ବାହୁଡ଼ା ବ୍ରହ୍ମାଙ୍କ ସାଥେ
ଭାଇ ଭଗ୍ନୀ ସହ ଭାବଗ୍ରାହୀ ତୁମେ
ଭକ୍ତଙ୍କ ଭିଡ଼ ର ପଥେ ।

କାଳିଆ ସାଆନ୍ତେ ସହ ବଳଦେବ
ସାଙ୍ଗରେ ସୁଭଦ୍ରା ଭଉଣୀ
ପୋଡ଼ ପିଠା ଖାଇ ବାହାରି ଆସନ୍ତି
କର୍ମ ସ୍ଥଳି ରତ୍ନବେଦୀ ।

ବାହୁଡେ କାଳିଆ ସୁନା ଶ୍ରୀମନ୍ଦିର
ପ୍ରତୀକ୍ଷାରେ ଲକ୍ଷ୍ମୀ ମାତ
ଗୁମୁରି କାନ୍ଦିବ ଗୁଣ୍ଡିଚା ମନ୍ଦିର
ଝୁରିବ ବାଲି ସହିତ ।

ନନ୍ଦିଘୋଷ ହେଲା ପୁଣି ସଜବାଜ
ତାଳଧ୍ୱଜ ହେଲା ସଜ
ଦର୍ପଦଳନ ଓ ଚାରମାଳ ସଜ
ସୁଦର୍ଶନ ହୁଏ ସଜ ।

ସାଙ୍ଗରେ ଆସନ୍ତି ଭକ୍ତ ମାଳ ମାଳ
ବଜାଇ ମୃଦଙ୍ଗ ତାଳ
ସତେକି ସାଗର ଶ୍ରୀପାଦ ଛୁଇଁବ
ନଚେଇ ହୋଇ ପ୍ରବଳ ।

ଭକତଙ୍କ ହାତେ ପୁଣି ଟଣା ହବ ।
ଡାକନ୍ତି ଭକତ ଆସ
ଭକତ ଭକ୍ତିରେ ବନ୍ଧା ପଡିଯାନ୍ତି
ପ୍ରେମର ଡାଙ୍କୁଣି ଶକ୍ତ ।

ନଅ ଦିନ ପାଇଁ ଯାଆନ୍ତି କାଳିଆ
ମାଉସୀ ଘରେ ଆଦର
ରତ୍ନ ସିଂହାସନେ କରିବେ ଆସ୍ଥାନ
ପୂଜା ହେବ ନିରନ୍ତର ।
ଉମରକୋଟ, ନବରଙ୍ଗପୁର

# ରାଜମାତା ଅହଲ୍ୟାବାଇ ହୋଲକର

ଜୟଶ୍ରୀ ପଟ୍ଟନାୟକ



ଅହଲ୍ୟା ବାଇ ଥିଲେ ଜଣେ ବିଦୁଷୀ ଶାସିକା। ତାଙ୍କର ଉଦାର ଓ ପ୍ରଜାବତ୍ସଳ ମନୋଭାବ ପାଇଁ ଲୋକମାତା ଅହଲ୍ୟା ଭାବରେ ଥିଲା ପ୍ରସିଦ୍ଧି। ସେ ଖୁବ ସାହସୀ ଶାସିକା ଥିଲେ। ଜୀବନ କାଳ ମଧ୍ୟରେ ଅନେକ ଯୁଦ୍ଧ କରି ସଫଳତାର ସହିତ ରାଜ୍ୟ ଭାର ସମ୍ଭାଳିଥିଲେ ବୋଲି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ତାଙ୍କର ଶାସନ କାଳ ଏବଂ ତାଙ୍କ ଶାସନ ଯୁଗକୁ ସ୍ୱର୍ଣ୍ଣଯୁଗ ବୋଲି କୁହାଯାଏ। ଅତି ସାଧାରଣ ଜୀବନ ବ୍ୟତୀତ କରି ଅସାଧାରଣ ଧୀମତ୍ତା ର ପରିଚୟ ଦେଇଥିଲେ। ଜଣେ ସାହସୀ ଯୋଦ୍ଧା ଓ ତୀରନ୍ଦାଜୀରେ ମଧ ତାଙ୍କର ଦକ୍ଷତା ଥିଲା। ହାତୀ ପିଠିରେ ସବାର ହୋଇ ଲଢ଼ିଛନ୍ତି ଅନେକ ଯୁଦ୍ଧ। ସେ ଥିଲେ ଶିବଙ୍କର ଜଣେ ପରମ ଭକ୍ତ। ପୁଣ୍ୟଶ୍ଳୋକା ଅହଲ୍ୟାବାଇ ଙ୍କର ଜନ୍ମ ହୁଏ ୩୧ ମେ ୧୭୨୫ରେ ମହାରାଷ୍ଟ୍ର ଅହମଦ ନଗର ସ୍ଥିତ ଚୌଣ୍ଡି ଗ୍ରାମରେ। ପିତା ମାନକୋଜି ସିନ୍ଧେ ଥିଲେ ଗାଁ ର ଜଣେ ସାଧାରଣ କୃଷକ ଜାତିରେ ବ୍ରାହ୍ମଣ ଏବଂ ମାତା ଥିଲେ ସୁଶୀଲା ବାଇ । ପିଲାଟି ଦିନରୁ ଅହଲ୍ୟା ଥିଲେ ଜଣେ ନ୍ୟାୟପ୍ରିୟ ସେବା ଓ ଧର୍ମପ୍ରିୟ ସ୍ୱଭାବର। ସେତେବେଳେ ଝିଅ ମାନଙ୍କର ଶିକ୍ଷା ବ୍ୟବସ୍ଥା ପ୍ରଚଳନ ନ ଥିଲେ ମଧ ତାଙ୍କ ପିତା ଅହଲ୍ୟା ଙ୍କୁ ପାଠ ପଢାଇଥିଲେ। ତାଙ୍କର ଜୀବନ ଖୁବ ସାଧାରଣ ଥିଲା କିନ୍ତୁ ବିଚାର ଧାରା ଥିଲା ସ୍ୱତନ୍ତ୍ର। ସେ କେବେ ଅନ୍ୟାୟ ଆଗରେ ମୁଣ୍ଡ ନୂଆଇଁ ନ ଥିଲେ। ଆଠ ବର୍ଷ ବୟସରେ ତାଙ୍କର ବିବାହ ମରାଠା ପେଶୱାର ବାଜି ରାଓ ଙ୍କର କମାଣ୍ଡର ମାଲବା ରାଜ୍ୟର ମଲ୍ହାର ରାଓ ହୋଲକର ଙ୍କର ପୁତ୍ର ଖଣ୍ଡେ ରାଓ ଙ୍କ ସହିତ ହୋଇଥିଲା। ଅହଲ୍ୟା ମରାଠା ସମ୍ପ୍ରଦାୟର ଥିଲେ କିନ୍ତୁ ବିବାହ ପରେ ହେଲେ ହୋଲକର ରାଜବଂଶର ବଧୂ। ବିବାହର ତିନି ବର୍ଷ ପରେ ତାଙ୍କର ପୁତ୍ର ମାଲେ ରାଓ ଏବଂ ପୁତ୍ର ଜନ୍ମର ତିନିବର୍ଷ ପରେ ଝିଅ ମୁକ୍ତାବାଇ ଜନ୍ମ ହେଲା। ୧୯୫୪ରେ ଖୁବ କମ ବୟସରେ ଯୁଦ୍ଧରେ ପତି ଖଣ୍ଡେ ରାଓ ଙ୍କ ମୃତ୍ୟୁ ପରେ ଏବଂ ଶଶୁରଙ୍କ ନିଧନ ୧୭୬୬ ମସିହା ପରେ ରାଜକାର୍ଯ୍ୟର ସମସ୍ତ ଦାୟିତ୍ୱ ହାତକୁ ନେଲେ । ଅହଲ୍ୟା ୧୭୬୭ରୁ ୧୭୯୫ ସମୟ ତଥା ନିଜ ମୃତ୍ୟୁ ପର୍ଯ୍ୟନ୍ତ ସାମ୍ରାଜ୍ୟ ଦାୟିତ୍ୱ ଅତି କୁଶଳତାର ସହିତ ତୁଲାଇ ଥିଲେ. ଜୀବନର ସବୁ ସମୟ ପ୍ରଜା ଓ ରାଜ୍ୟର ହିତରେ ଲଗାଇଥିଲେ। ନିଜ ସାମ୍ରାଜ୍ୟ କୁ ସଦା ସର୍ବଦା ମୁସଲମାନ ଆକ୍ରମଣ ରୁ ସୁରକ୍ଷିତ ରଖୁଥିଲେ। ସେ ନିଜ ଶାସନ କାଳରେ, ମନ୍ଦିର, ଧର୍ମଶାଳା, ପାଠଶାଳା, ରାସ୍ତା ଘାଟ ନିର୍ମାଣରେ ସରକାରୀ ଟଙ୍କା ଖର୍ଚ୍ଚ ନ କରି ଦକ୍ଷ ପ୍ରଶାସିକା ଭାବରେ ତୁଲାଇ ଥିଲେ । ସେ କେଉଁ ବଡ଼ ରାଜ୍ୟର ରାଣୀ ନଥିଲେ ପରନ୍ତୁ ନିଜ ରାଜ୍ୟ ଇନ୍ଦୋରକୁ ବହୁତ ସୁନ୍ଦର ସଜାଇଥିଲେ। ପ୍ରଜାମାନଙ୍କ ପାଇଁ ନୂତନ ଯୋଜନା ମାନ ପ୍ରଣୟନ କରିଥିଲେ। ଶିକ୍ଷା, କୃଷି, ବ୍ୟାପାର, ବଣିଜ ରେ ଉନ୍ନତି ଆଣିଥିଲେ। ଧାର୍ମିକ ସ୍ଥଳ କାଶୀ, ଗୟା, ସୋମନାଥ, ଦ୍ୱାରକା ଆଦି ମନ୍ଦିର ମାନଙ୍କର ପୁନଃନିର୍ମାଣ କରାଇଥିଲେ। ପ୍ରଜାମାନଙ୍କ ପାଇଁ ଅନେକ ଜନ ହିତକର କାର୍ଯ୍ୟ କରି ରାଜ୍ୟର ସମୃଦ୍ଧି କରିଥିବାରୁ ପ୍ରଜାମାନେ ତାଙ୍କୁ ଲୋକମାତା ରୂପରେ ଜାଣୁଥିଲେ। ପ୍ରଜାଙ୍କ ସନ୍ତୋଷ ହିଁ ତାଙ୍କ ସାମ୍ରାଜ୍ୟର ମୁଖ୍ୟ ବିଶେଷତ୍ୱ ଥିଲା। ସେ ମଧ ତାଙ୍କ ରାଜ୍ୟରେ ଆରମ୍ଭ କରିଥିଲେ ଦରିଦ୍ର ନାରାୟଣ ସେବା। ନାରୀ ଶକ୍ତି ଓ ଶିକ୍ଷାକୁ ସେ ଦେଇଥିଲେ ପ୍ରାଧାନ୍ୟତା। ଆଜି ବି ଅହଲ୍ୟା ବାଇ ଙ୍କର ସୁଶାସନ ତଥା ସୁବର୍ଣ୍ଣ ଯୁଗ ପାଇଁ ମାଲବା ଭାରତ ଇତିହାସର ସ୍ୱର୍ଣ୍ଣାକ୍ଷରରେ ପ୍ରସିଦ୍ଧି ଲାଭ କରିଛି।ଜଣେ ଆଦର୍ଶ ଶାସିକା ଓ ବିଦୁଷୀ ପ୍ରଶାସିକା ଭାବରେ ତିଷ୍ଠି ରହିଛନ୍ତି ସେ କାଳ କାଳକୁ। ତାଙ୍କର ମୃତ୍ୟୁ ହୁଏ ୧୩ ଅଗଷ୍ଟ ୧୭୯୫ ମସିହାରେ। ସେ ଥିଲେ ଧର୍ମ ପରାୟଣା, ସହୃଦୟ ଶାସିକା, ତ୍ୟାଗ, ସେବା ଓ ନାରୀଶକ୍ତିର ପ୍ରତୀକ। ମାଲବା ର ଆଦର୍ଶ ମହିଳା ଶାସିକ। ତାଙ୍କର ଯୋଗଦାନ ଭାରତ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ। ୩୧ ମଇ ତାଙ୍କର ଜନ୍ମ ଜୟନ୍ତୀ ରେ ଏ ଜାତି ତାଙ୍କୁ ନମନ କରୁଛି।

**ଗଙ୍ଗନଗର ଛକ**
**ଭୁବନେଶ୍ୱର, ମୋବାଇଲ୍: ୭୯୭୮୧୧୦୪୭୪**





## ହସ

ଡ ଚନ୍ଦ୍ରକଳା ନାୟକ

ତୁ ଏମିତି ଏକ ସୁନ୍ଦର ଶବ୍ଦ
ଯାହାର ନାମ 'ହସ'
ଯେମିତି କାଶତଣ୍ଡୀର ତୁ ସ୍ୱଚ୍ଛ
ଧବଳ ବର୍ଣ୍ଣ
ଆଉ ପ୍ରେମିକର ଶିହରଣ
ପ୍ରେମର କଦମ୍ବ ବନ ।
ବେଳେବେଳେ ତୁ ଭାରି
ଅଭିମାନିନୀ
ତୋ ଭିତରେ ଭରିଥାଏ
ଦ୍ୱିଅର୍ଥବୋଧତା
ଭିତର ଓ ବାହାରଟା ପୁରା ଭିନ୍ନ
ଯେପରି ଗାମ୍ଭୀର୍ଯ୍ୟର ଶସ୍ତରାଗିଣୀ
ମୋନାଲିସାର ନିଦା ଅଟ୍ଟହାସ୍ୟ
ଆଉ ଆଉଁସି ଦେବାର ନରମ
ପରଶ ।
ସତରେ ତୁ ନଥିଲେ ମୁଖଟା
ଶ୍ରୀହୀନ
ଓଠଟା ଦରଫଟା କାଠ ଫାଳିଆ
ବର୍ଣ୍ଣହୀନ ଗୋଧୂଳିର ଛିଟା
ଶ୍ରୀକୃଷ୍ଣଙ୍କ ଶେଷ ଇତିହାସ ।
ତୁ ଥିଲେ ଓଠର ଧାରାରେ
ସବୁ ଅପ୍ରାପ୍ତିରେ ଥାଏ ପ୍ରାପ୍ତି
ଅନେକ ଅନ୍ୟମନସ୍କତାରେ
ଅମାନିଆ ପଣ
ଅସଜଡା ଜୀବନକୁ ସଜାଡୁଥିବା
ବାଇ ଚଢେଇର କାଠିକୁଟା ବସା
ଶରୀରରୁ ହଜି ଯାଉଥିବା
ଚରମ ତୃପ୍ତିର ଶେଷ ନିର୍ଯ୍ୟାସ ।
କେବେ ତୁ ଅନ୍ୟକୁ ଶିହରିତ କରୁ
ମୃତ୍ୟୁରୁ ଜୀବନକୁ ଖୋଜିଆଣୁ
ସବୁ ନାସ୍ତି ଭିତରେ ଅଛିର ସମ୍ଭାର
ହୃଦୟ ଭିତରେ ହାଲକା ପଣ ବି
ଭରିଦେଉ ।
ଅନେକ ଥର ମୁଁ ଦେଖିଛି
ତୁ ନାୟୀକା ପରି ସୁନ୍ଦର ଅଭିନୟ
କରୁ
ଚେଷ୍ଟା କରୁ ମନରୁ ପୋଛିଦେଇ
ନିରସତା ପଥକ୍ଳାନ୍ତ ପଥୀକର
ନିରାଶା ପଣରେ ଆଶା
ଭରିଦେବାକୁ ।
ତୁ କିନ୍ତୁ ଅଭିମାନୀ ରାଧା
ତୁ ତୋ ସତ୍ତା ଭିତରେ ସଦା ବନ୍ଧା
ତଥାପି ପାରୁଛୁ ତ ବୀର ପରି ହସ
ସବୁ ସ୍ୱାର୍ଥପରତାକୁ ଅତିକ୍ରମ କରି
ମଶାଣୀର ଶବଟିଏ ପାଇଁ
ସମବେଦନାର ଆୟୁସଟେ ନେଇ
ଥରୁଟିଏ ଖୋଲାପଣରେ ହସଟିଏ
ହସ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋ- ୯୪୩୭୯୫୭୬୧୭**



# ରଥଯାତ୍ରା ଓ ଶ୍ରୀଜଗନ୍ନାଥ

ଡଃ ତାନଶ୍ରୀ ପାଣିଗ୍ରାହୀ



ଆର୍ଯ୍ୟଭୂମି, ଦେବଭୂମି ଏହି ପବିତ୍ର ଭାରତବର୍ଷ... ଭାରତ ସରସୀରେ ପବିତ୍ର କମଳ ପୁଣ୍ୟ ନୀଳାଚଳ ଧାମ। ନଦନଦୀ -ବନ ପ୍ରାନ୍ତର ପ୍ରକୃତି ରାଣୀର ଚାରୁ ଗନ୍ତାଘର ଉତ୍କଳ ଭୂମି ରେ ବିରାଜିତ ଜଗତର ନାଥ ସ୍ୱୟଂ ଜଗନ୍ନାଥ। ଶ୍ରୀକ୍ଷେତ୍ର ଏକ ବିଶ୍ୱ ପ୍ରସିଦ୍ଧ ସ୍ଥାନ। ଏହି କ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ପାଇଁ ମହିମାମୟ। ଏହି କ୍ଷେତ୍ରର ଦାଣ୍ଡ -ବଡ଼ଦାଣ୍ଡ,ବାଲି -ଶରଧା ବାଲି, ସମୁଦ୍ର -ମହୋଦଧି, ମନ୍ଦିର -ଶ୍ରୀମନ୍ଦିର, ଠାକୁର -ବଡ଼ଠାକୁର। ଶ୍ରୀଜଜଗନ୍ନାଥଙ୍କ ଲୀଳା ବୈଚିତ୍ର୍ୟମୟ ଓ ବିସ୍ମୟକର। ସେ ବିସ୍ମୟ ଦେବତା ହୋଇ ନ ଥିଲେ ନିଜେ ବିଶ୍ୱକର୍ମା ଭାବେ ଉଭା ହୋଇ ନିଜର ମୂର୍ତ୍ତି ନିର୍ମାଣ କରି ନ ଥାନ୍ତେ।

ପାଦ ନାହିଁ, କାନ ନାହିଁ ଓ ଅଧା ବାହୁ। ବାହୁ ନ ଥାଇ ମଧ ଦାସିଆ ବାଉରୀର ନଡ଼ିଆ ଗ୍ରହଣ କରନ୍ତି, କାନ ନ ଥାଇ ମଧ ସେ ନାଦବ୍ରହ୍ମ। ଶ୍ରୀକ୍ଷେତ୍ରରେ ବାର ମାସରେ ଅନେକ ଯାନିଯାତ୍ରା, ପର୍ବପର୍ବାଣୀ, ଉତ୍ସବ, ମହୋତ୍ସବ ପାଳନ କରାଯାଏ। ଶ୍ରୀମନ୍ଦିର ଯାତ୍ରା ମଧ୍ୟରେ ଚନ୍ଦନ ଯାତ୍ରା, ସ୍ନାନଯାତ୍ରା, ରଥଯାତ୍ରା, ଝୁଲଣଯାତ୍ରା ଓ ଦୋଳଯାତ୍ରା ପ୍ରଧାନ। ଏହିସବୁ ମଧ୍ୟରେ ଶ୍ରେଷ୍ଠ ରଥଯାତ୍ରା। ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟାରେ ରଥଯାତ୍ରା ଅନୁଷ୍ଠିତ ହୁଏ। ନିଦାଘର ପ୍ରଚଣ୍ଡ ଗ୍ରୀଷ୍ମତାପ କମି ବର୍ଷାର ବାରିପାତରେ ଧରଣୀ ଆର୍ଦ୍ର ଓ ଶୀତଳ ହେବାର ଅବସର ଏହି ସମୟ। ଖରା ଓ ବର୍ଷାର ଲୁଚକାଳି ମଧ୍ୟରେ ଆଦ୍ୟ ଆଷାଢ଼ରେ ମହାପ୍ରଭୁଙ୍କ ରଥଯାତ୍ରା।ସମଗ୍ର ମାନବଜାତିର ଏହା ମହାମିଳନର ପର୍ବ।

ଭାବମୟ ଠାକୁର ଭକ୍ତର ଭଗବାନ ହେଉଛନ୍ତି ଶ୍ରୀଜଗନ୍ନାଥ। ସେ ଜାତି, ଧର୍ମ, ଧନୀ, ଦରିଦ୍ରର ଉର୍ଦ୍ଧ୍ୱରେ ସେ କେବଳ ବିଶ୍ୱାସର ଠାକୁର। ରଥ ଉପରେ ବସି ମହାପ୍ରଭୁ ଅପଲକ ନୟନରେ ଭକ୍ତମାନଙ୍କୁ ଚାହିଁରହିଥାଆନ୍ତି... ଆଉ କୁହନ୍ତି -ହେ ଭକ୍ତଗଣ, ତୁମେ ମୋ ରଥକୁ ଟାଣି ଟାଣି ନେଇଯାଅ... ତୁମ ମନମନ୍ଦିରକୁ। ବୈକୁଣ୍ଠ ନୁହେଁ, ଶ୍ରୀମନ୍ଦିରର ରତ୍ନ ସିଂହାସନ ନୁହେଁ... ଭକ୍ତର ହୃଦୟ ମୋର ପ୍ରିୟସ୍ଥାନ...। ମୁଁ ତୁମର ଜୀବନ ରଥକୁ ଟାଣି ଟାଣି ନେଇଯିବି। ଶ୍ରୀଜଗନ୍ନାଥ ପରଂବ୍ରହ୍ମ ଓ ଅବତାରୀ। ସେ ଭକ୍ତମାନଙ୍କ ପାଇଁ କଳ୍ପବଟ। ରଥଯାତ୍ରା ଭକ୍ତ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଏକ ଦିବ୍ୟ ସଂଯୋଗ।।
ବାଲେଶ୍ୱର, ମୋବାଇଲ୍ଃ ୯୩୩୭୩୦୪୨୯୫



# ସମ୍ପର୍କର ଆରପାଖ

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ



ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ କହିଥିଲେ କେବଳ ଜଣେ ସନ୍ନ୍ୟାସୀ ବା ପାଗଳ ହିଁ ସାମାଜିକ ସମ୍ପର୍କହୀନତାରେ ସୁସ୍ଥ ଭାବରେ ରହି ପାରିବେ। ପଶୁ ପକ୍ଷୀ ମାନେ ମଧ ସମ୍ପର୍କରେ ବାନ୍ଧି ହୋଇଥାନ୍ତି। ମଣିଷ ଏପରି ଏକ ପ୍ରାଣୀ ଯିଏ ବିନା ସମ୍ପର୍କରେ ରହି ପାରେ ନାହିଁ। ମାନସିକ ସୁସ୍ଥତା ପାଇଁ ତାର ସଂପର୍କଟିଏ ନିହାତି ଆବଶ୍ୟକ। ଏପରିକି ଶରୀର ଉପରେ ମଧ ଏହାର ପ୍ରଭାବ ପଡିଥାଏ।୧୯୭୨ ମସିହାରେ ଫରାସୀ ବୈଜ୍ଞାନିକ ମିସେଲ ସିଫ୍ରେ ଏକ ଅଜବ ପରୀକ୍ଷଣ କରିଥଲେ। ସେ ଟେକ୍ସାସର ଏକ ଅନ୍ଧକାର ଗୁମ୍ଫାରେ ଏକାକୀ ଛ ମାସ ରହିବାର ବନ୍ଦୋବସ୍ତ କଲେ। କିଛି ଦିନର ଏକାକୀତ୍ୱ ପରେ ତାଙ୍କର ସମୟ ଚକ୍ରରେ ଘୋର ପରିବର୍ତ୍ତନ ଦେଖା ଦେଲା। ଭୋକ ଲାଗିବା ବା ନିଦ ଲାଗିବା ସମୟରେ ମଧ ଆସିଲା ଆମୂଳଚୂଳ ବ୍ୟତିକ୍ରମ। ସବୁଠାରୁ ବଡ଼ କଥା ହେଲା ତାଙ୍କର ମାନସିକ ବିଚଳନ। ସ୍ମୃତି ଶକ୍ତି କ୍ଷୀଣ ହେବା ସହ ନିସଂଗତା ତାଙ୍କୁ ଖାଇ ଗୋଡାଇଲା। ସେ ଗୁମ୍ଫାର ଲତା, ଗୁଳ୍ମ ଓ କୀଟ ପତଙ୍ଗ ସହ କଥା ହେବାକୁ ଆରମ୍ଭ କଲେ । ଏହା ତାଙ୍କୁ ମାନସିକ ଶାନ୍ତି ଦେଉଥିଲା। ଗୁମ୍ଫା ଭିତରେ ସେ ମଣିଷର ସ୍ୱର ଶୁଣିବାକୁ ବ୍ୟାକୁଳ ହେଇ ଉଠିଲେ। ଫଳରେ ଶାରୀରିକ ଓ ମାନସିକ ଅବସ୍ଥା ଖରାପ ହେବାକୁ ଲାଗିଲା। ତାଙ୍କ ପ୍ରୟୋଗରୁ ଜଣା ଗଲା ଯେ ମଣିଷର ସଖ୍ୟ ଦେବାପାଇଁ ମଣିଷ, ପଶୁ ପକ୍ଷୀ କିମ୍ବା ପ୍ରକୃତି ଅପରିହାର୍ଯ୍ୟ।

ଜୀବନ ତାସ ପତାରେ ସଜେଇଥିବା ଘର ପରି। ଗୋଟିଏ ଗୋଟିଏ ସଂପର୍କ ଖୁବ୍ ଯତ୍ନରେ ପରସ୍ପରକୁ ଯୋଡ଼ି ରଖିଥାଏ। ନୂଆ ତାସ ପତା ଯୋଡିବା ତ ସହଜ ମାତ୍ର ଏଥିରୁ ଗୋଟିଏ ବିଚ୍ୟୁତ ହେଇଗଲେ ଜୀବନଟା ସେଇ ଉଜୁଡ଼ି ଯାଇଥିବା ତାସ ଘର ପରି ଅସଜଡା ହେଇ ଯାଏ। ସଂପର୍କଟିଏ ତିଆରି ହେଲା ବେଳେ ତା ସହ ଅନେକ ଆଶା, ଅଭିଳାଷ ଯୋଡ଼ି ହେଇ ଥାଏ। ଏହା ଡାଳ ପତ୍ର ମେଲାଇ ଫୁଲ କଷି ଧରିଲା ବେଳକୁ ତୁଟି ଯାଏ ସମ୍ପର୍କ। ସେତେବେଳେ ଭାରି କଷ୍ଟ ଲାଗେ। କାହାର ଆକସ୍ମିକ ମୃତ୍ୟୁ ହେଲେ କିମ୍ବା କେହି ଦୂରକୁ ଚାଲିଗଲେ ଅନ୍ୟଜଣେ ଭୋଗେ ସଂପର୍କହୀନତାର ଦୁଃଖ। ଦୁନିଆଁରେ ବରିଷ୍ଠ-କନିଷ୍ଠ , ସିନିୟର୍ ଜୁନିଅର୍ ସବୁ କ୍ଷେତ୍ରରେ ଦେଖିବାକୁ ମିଳେ। ଆମ ସାହିତ୍ୟ ବି ସେଥିରେ ସାମିଲ୍।




ଆମେ ଯେଉଁମାନେ କାହାକୁ ନା କାହାକୁ ଆଦର୍ଶ ବୋଲି ଭାବି ବାଟ ଚାଲୁ ଥାଉ, ସେମାନଙ୍କଠାରୁ କିଛି ସାବାସି କି ପ୍ରୋତ୍ସାହନ ମିଳିଲେ ଖୁସି ଲାଗେ। ଆମେ ସେମାନଙ୍କୁ ଆମ ବହି ପଠାଇ ଥାଉ ତାଙ୍କ ଠାରୁ କିଛି ଭଲ ମନ୍ଦ ଶୁଣିବା ପାଇଁ।(ସେମାନେ କିଣି ପଢ଼ିବା ବିରଳ) କିଛି ଜଣ ନୀରବ ରହି ମୌନ ପ୍ରତ୍ୟାଖାନ କରନ୍ତି, କିଛି ଜଣ ଫୋନ୍ କରି ବା ଦେଖା ହେଲେ ଦୁଇ ପଦ ଅଭିମତ ଦିଅନ୍ତି। କିନ୍ତୁ ଆମ ମୁଖ ପୁସ୍ତିକା ତ ଅଲଗା ବନ୍ଧୁତ୍ୱରେ ବାନ୍ଧି ଥାଏ। ତେଣୁ ସସ୍ନେହ ପ୍ରୋତ୍ସାହନ ନିଶ୍ଚିତ ମିଳେ। ବେଳେ ବେଳେ ତାଙ୍କ ଉଦାରପଣରେ ହୃଦୟ ଆର୍ଦ୍ର ହୁଏ ନିଶ୍ଚୟ। ମାତ୍ର ବେଳେ ବେଳେ ଦେଖିବାକୁ ମିଳେ ଅନେକ ଭଲ ଲେଖାକୁ ସାବାସି ମିଳେ ନାହିଁ। କାରଣ ମଧ ଏଇ ସମ୍ପର୍କ। ପାଠକ ବା ବନ୍ଧୁ ମାନଙ୍କ ପୋଷ୍ଟ ରେ ଆପଣଙ୍କୁ ମଧ ମତାମତ ଦେବାକୁ ପଡ଼ିବ। ଆପଣ। ସମୟ ନାହିଁ କହି ଅଣଦେଖା କରୁଥିବେ ଅଥଚ ଆଶା କରୁଥିବେ ଯେ ସମସ୍ତେ ଆପଣଙ୍କ ପୋଷ୍ଟରେ ପ୍ରଶଂସା କରନ୍ତୁ, ଏହା ସମ୍ଭବ ନୁହେଁ । କହିବା ବାହୁଲ୍ୟ, ଅନେକ ମଧମ ବା ନିମ୍ନ ମାନର ଲେଖା, କିଛି ବି ଏଣୁ ତେଣୁ ଭିଡିଓକୁ ଖୁବ୍ ସମର୍ଥନ ମିଳେ। ଏହା ସମ୍ପର୍କରେ ହୀନମନ୍ୟତା ପାଇଁ ହୁଏ। ଆମେ ଆମର ପରିଚିତ ବ୍ୟକ୍ତିକୁ ମହତ୍ୱ ଦେବାକୁ ନିଜର ଅସମ୍ମାନ ବୋଲି ଭାବୁ। ତେଣୁ ଅଜଣା ଅଶୁଣା ଲୋକଙ୍କୁ ବାଃ ବାଃ କରୁ। ଆପଣ ଅନେକ ଥର ଅନୁଭବ କରିଥିବେ, ଆପଣଙ୍କ ନିଜ ପରିବାର ସଦସ୍ୟ ବା କାର୍ଯ୍ୟକ୍ଷେତ୍ରର ସହକର୍ମୀମାନେ ଆପଣଙ୍କ ଦକ୍ଷତା ଜାଣି ସୁଦ୍ଧା ସେଇ କାର୍ଯ୍ୟ ପାଇଁ ଅଜଣା ଲୋକଙ୍କୁ ପ୍ରଶଂସାରେ ପୋତି ପକାଉଥିବେ। ଅଥଚ ଆପଣଂକ ପାଇଁ ପଦେ ତାଙ୍କ ତୁଣ୍ଡରୁ ବାହାରୁନଥିବ। ଏହା ତୁଚ୍ଛା ଈର୍ଷା, ଅସୂୟା ଓ ଅସହିଷ୍ଣୁତା ପାଇଁ ହୁଏ, ଏବଂ ଏହା ହିଁ ଧୀରେ ଧୀରେ ସମ୍ପର୍କକୁ ମାରି ଦିଏ।ଜୀବନ ଅନେକ କିଛି ଦେଖାଏ ଓ ଶିଖାଏ ବି। ଏହି ଶିକ୍ଷା ମଧ୍ୟରୁ ଗୋଟିଏ କଥା ହେଉଛି ସବୁ



ପରେ ବି ତୁମେ ରହିଯାଅ। ସେଇ ତୁମେକୁ ଭଲ ପାଅ। କେହି ତୁମକୁ ଭଲ ନ ପାଇଲେ ବି ନିଜକୁ ଭଲ ପାଅ। ଭାବିବାକୁ ହେବ ଯେ ତୁମେ ଅଛ ବୋଲି ସେମାନେ ତୁମ ପାଇଁ ଅଛନ୍ତି। ସେମାନେ ତୁମକୁ ପସନ୍ଦ ନକଲେ ତୁମେ ବି ନିଜକୁ ଅପସନ୍ଦ କରିବ, ଏହା ତ ନ୍ୟାୟ ନୁହେଁ? ତୁମ ପାଇଁ ତୁମେ ନିଜେ ହିଁ ଅଛ ଓ ରହିବ। ନିଜ ସହ ନିଜର ସୁସମ୍ପର୍କ ହିଁ ବଡ଼ ଉପଲବ୍ଧି। ନିଜର ସକାରାତ୍ମକତାକୁ ଚିହ୍ନିବାକୁ ହେବ।

ମଣିଷର ମନ ବିଚିତ୍ର। ସେ ଯାହାକୁ ଯେମିତି ଭଲ ପାଏ, ତା ଠାରୁ ସେଇପରି ଭଲ ପାଇବା ଆଶା ରଖେ। ସେଥିରେ ବିଚ୍ୟୁତ ହେଲେ ସଂପର୍କ ମରିବାକୁ ଲାଗେ। ଯାହାର ଯେତେ ସାମାଜିକ ପରିଚିତି, ତା ପାଖରେ ସେତେ ମୃତ ସମ୍ପର୍କର ଇତିହାସ। ଆମେ ମିଶୁଥିବା ସବୁ ଲୋକ ଯେ ଆମ ପରି ସାମାଜିକ ହେବେ ତାର କିଛି ମାନେ ନାହିଁ। ସେମାନେ ଆମ ଠାରୁ ଆଶା କରୁଥିବା ସମୟଟିକକ ମଧ ଆମେ ତାଙ୍କୁ ଦେଇ ପାରୁ ନାହିଁ। ସେଥିପାଇଁ ନୂଆ ସଂପର୍କଟିଏ ଗଢ଼ିବା ଆଗରୁ ଚିନ୍ତା କରନ୍ତୁ। ଆପଣ ସେ ବ୍ୟକ୍ତିକୁ ସମୟ ଓ ମହତ୍ତ୍ୱ ଦେଇ ପାରିବେ ତ? ଆଜିର ଦୌଡୁ ଥିବା ସମୟ ସହ ତାଳ ଦେଇ ସମସ୍ତେ ଦୌଡୁଛନ୍ତି। ପରସ୍ପରକୁ ଟପିଯିବାକୁ ଚାହୁଁଛନ୍ତି। ଧୀର ସ୍ଥିର ଭାବରେ ଗୋଟିଏ ସଂପର୍କକୁ ସମୟ ଦେବାକୁ ଚାହୁଁଥିବା ବ୍ୟକ୍ତିକୁ ବୋରିଙ୍ଗ ବା ପୁରୁଣା କାଳିଆ ବୋଲି ଧରା ଯାଉଛି। ମାତ୍ର ଆମେ ଭୁଲି ଯାଉଚେ ଯେ ଏଇ ଦୌଡୁ ଥିବା ପାଦ ଦୁଇଟି ଦିନେ ଥକି ପଡ଼ିବ। ସେତେବେଳେ ପଛକୁ ଫେରି ଆସିବାକୁ ଚାହିଁଲେ ମଧ କେହି ଆଉ ଅପେକ୍ଷାରେ ନଥିବେ। ପ୍ରଗତି ସମସ୍ତଙ୍କୁ ନେଇ କଲେ ଭଲ। ଏକାକୀ ପଥିକର ଠିକଣା କେବେ କେବେ ହଜି ଯାଏ। ନା ମିଳେ ପଥ ନା ହାସଲ ହୁଏ ଲକ୍ଷ୍ୟ। ସମ୍ପର୍କ କେବଳ ଏକ ଆବଶ୍ୟକତା ନୁହେଁ, ଏହା ଆମ ଅସ୍ତିତ୍ୱର ଏକ ଅଂଶ।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍ଃ ୯୪୩୮୦୬୪୪୬୪**

# ଜଟଣୀର ଦୁଇ ପଞ୍ଚାୟତକୁ ୬ କୋଟି ୨୪ ଲକ୍ଷ ଭେଟି




ଭୁବନେଶ୍ୱର,୬।୭ (ସଂଚାର ବ୍ୟୁରୋ) : ଜଟଣୀ ନିର୍ବାଚନମଣ୍ଡଳି ଅନ୍ତର୍ଗତ ୨ଟି ପଞ୍ଚାୟତକୁ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବଡ଼ ଉପହାର। ଜଟଣୀ ନିର୍ବାଚନ ମଣ୍ଡଳିର କଣ୍ଟାବାଡ଼ ପଞ୍ଚାୟତର ଭୋଲା ଗାଁ ଏବଂ ଗଙ୍ଗପଡ଼ା ଗ୍ରାମ ପଂଚାୟତର ପ୍ରକଳ୍ପ ପାଇଁ ପଂଚାୟତରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ। ବର୍ତ୍ତମାନ ଏହି ପ୍ରଶସ୍ତିକରଣ ସରିଲେ ଲୋକଙ୍କୁ ଆଉ ବର୍ଷ ବର୍ଷର

## ୨୦୨୬ମାର୍ଚ୍ଚ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

୨ଟି ଗାଁକୁ ରାସ୍ତା ପ୍ରକଳ୍ପ ଭେଟି ଦେଇ ସ୍ଥାନୀୟ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

କଣ୍ଟାବାଡ଼ ପଂଚାୟତର ଭୋଲା ଗାଁରୁ ରାଜ୍ୟ ରାଜପଥ ଏବଂ ଜାତୀୟ ରାଜପଥକୁ ପକ୍କା ସଡକରେ ସଂଯୋଗ ବ୍ୟବସ୍ଥା ସେତେ ଭଲ ନଥିଲା। ଏନେଇ ସ୍ଥାନୀୟ ଗ୍ରାମବାସୀ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବହୁ ବର୍ଷରୁ ଜଣାଇ ଏକ ସ୍ଥାୟୀ, ଭଲ ରାସ୍ତା ପାଇଁ ଦାବି କରି ଆସୁଥିଲେ। ସମସ୍ତ ଉଦ୍ୟମ ସତ୍ତ୍ୱେ ପୂର୍ବ ସରକାର ଅମଳରେ ଏହାର କାମ କିନ୍ତୁ ହୋଇପାରିନଥିଲା। ଓଡ଼ିଶାରେ ଡବଲ ଇଂଜିନ ସରକାର ଆସିବା ପରେ କଣ୍ଟାବାଡ଼ ପଂଚାୟତର ଭୋଲା ଗାଁରୁ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥକୁ ସଂଯୋଗ ପାଇଁ ୩ କିଲୋମିଟର ୫୫୦ ମିଟର ଲମ୍ବ ଏବଂ ୫.୫ ମିଟର ଚଉଡାର ରାସ୍ତା ପାଇଁ ୩ କୋଟି ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମଂଜୁର ହୋଇ ଥିବା ଜଣାଇଛନ୍ତି ଭୁବନେଶ୍ୱର ସାଂସଦ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗାଯୋଗ କରିବା ସହ ରାସ୍ତା ତିଆରି ପାଇଁ ବାଟ ଫିଟାଇଛନ୍ତି। ଆଜି ଏହି ୨ଟି ଯାକ ରାସ୍ତା ସମସ୍ୟା ଭୋଗିବାକୁ ପଡିବ ନାହିଁ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ସେହିପରି ଗଙ୍ଗପଡ଼ା ଗ୍ରାମପଂଚାୟତର ଗଙ୍ଗେଶ୍ୱର ମନ୍ଦିର ରାସ୍ତା ନିର୍ମାଣ କାମର ମଧ୍ୟ ଭିତ୍ତି ରଖିଛନ୍ତି ଭୁବନେଶ୍ୱର ସାଂସଦ। ଗଙ୍ଗପଡ଼ା ଗ୍ରାମପଂଚାୟତର ରାସ୍ତା ପାଇଁ ୩ କୋଟି ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ସାଂସଦ ମହୋଦୟାଙ୍କୁ ଦୀର୍ଘ ବର୍ଷରୁ ଏହି ରାସ୍ତା ପାଇଁ ଦାବି କରି ଆସୁଥିଲେ ସ୍ଥାନୀୟ ଗ୍ରାମବାସୀ। ଏହି ଦୁଇ ଗୋଟି ରାସ୍ତା ଆସନ୍ତା ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ଶେଷ ହେବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜନଆନ୍ଦୋଳନରେ ପରିଣତ ହେଉ ବୃକ୍ଷରୋପଣ ଅଭିଯାନ

**କୋରାପୁଟର ଗୌରବ ଫେରାଇବାକୁ ଅଧିକ ଗଛ ଲଗାଇବାକୁ ପରାମର୍ଶ**




କୋରାପୁଟ,୬।୭ (ସଂଚାର ବ୍ୟୁରୋ) : ଏକବିଂଶ ଶତାବ୍ଦୀରେ କୋରାପୁଟର ଗୌରବକୁ ଫେରାଇ ଆଣିବା ପାଇଁ ହେଲେ ଆମକୁ ପ୍ରଥମେ ଏହି ଅଞ୍ଚଳକୁ ସବୁଜିମାରେ ପରିବର୍ତ୍ତନ କରାଇବା ପାଇଁ ପଡ଼ିବ। ଏଥିପାଇଁ ଅଧିକରୁ ଅଧିକ ଗଛ ଲଗାଇବା ସହ ମାଟି ମା'ର ସୁରକ୍ଷା ପାଇଁ ସଂକଳ୍ପ କରିବାକୁ ହେବ ବୋଲି ଆଜି ପବିତ୍ର 'ସୁନାବେଶ' ଅବସରରେ କୋରାପୁଟରେ "ଏକ୍ ପେଡ୍ ମା' କେ ନାମ୍ ୨.୦" ଅଭିଯାନ ଓ ବନ ମହୋତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କୋରାପୁଟ ଓଏସଏପି ତୃତୀୟ ବାଟାଲିୟନ ପରିସରରେ ଛାତ୍ରଛାତ୍ରୀ, ମାତୃଶକ୍ତି, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ଅନ୍ୟ ସଦସ୍ୟମାନଙ୍କ ସହ ବୃକ୍ଷରୋପଣ କରିଥିଲେ। ସେ କହିଥିଲେ ଆଜି ହେଉଛି ମହାପ୍ରଭୁଙ୍କ ସୁନାବେଶ। ଗଛ ପ୍ରତି ଓଡ଼ିଶା ଲୋକମାନଙ୍କର ବହୁତ ଆସକ୍ତି ଅଛି କାରଣ, ଆମର ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁବ୍ରହ୍ମ। ଲୋକମୁଖରେ ସେ ଦାରୁଦେବତା ରୂପେ ସୁପରିଚିତ। ସେ ଆହୁରି କହିଛନ୍ତି ଯେ କୋରାପୁଟ ଜିଲ୍ଲା ସହ ମୋର ଦୀର୍ଘ ୩୦ରୁ ୩୫ ବର୍ଷର ସମ୍ପର୍କ। ଏଠାରେ ବୁଲିବା ବେଳେ ମୋର ମନରେ ଆସେ, ଖାଲି ପଡ଼ିଥିବା ଜଙ୍ଗଲ ଜମିକୁ ଘଞ୍ଚ ଜଙ୍ଗଲରେ ପରିଣତ କରାଇବା ପାଇଁ ପଡ଼ିବ। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ମୋ ପାଇଁ ବିକଶିତ ଓଡ଼ିଶାର ଅର୍ଥ ହେଉଛି ବିକଶିତ କୋରାପୁଟ। କୋରାପୁଟକୁ ବିକଶିତ କରିବା ପାଇଁ ହେଲେ ଏଠାରେ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ସହ ନାଗରିକଙ୍କୁ ମୌଳିକ ସୁବିଧା ଦେବା, ସ୍ଥାନୀୟ ଚାଷ ସାମଗ୍ରୀ ଓ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ସାମଗ୍ରୀକୁ ଆଗକୁ ନେବା ପାଇଁ ପଡିବ। କୋରାପୁଟର ପ୍ରତ୍ୟେକ ନାଗରିକଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆମେ ସମସ୍ତେ ଘର ଠାରୁ ଆରମ୍ଭ କରି ରାସ୍ତା ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଗଛ ଲଗାଇବା। ଗଛଟିର ଯତ୍ନ ନେବା ସହ ମାଟି ମା'ର ସୁରକ୍ଷା ପାଇଁ ସଂକଳ୍ପନା କରିବା। ବିକଶିତ କୋରାପୁଟ, ବିକଶିତ ଓଡ଼ିଶା ପାଇଁ ବ୍ୟକ୍ତିଗତ ସ୍ତରରେ ନିଜର ଯୋଗଦାନ ରଖିବା। କୋରାପୁଟରେ ବୃକ୍ଷରୋପଣ ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବା ସହ କୋରାପୁଟକୁ 'ବ୍ରାଣ୍ଡ୍ କୋରାପୁଟ'ରେ ପରିଣତ କରିବା ପାଇଁ ସାମୂହିକ ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଛନ୍ତି।

# ବିଷାକ୍ତ ଛତୁ ଖାଇ ୩ ପରିବାରର ୧୧ ଆକ୍ରାନ୍ତ

ରାୟଗଡ଼ା/ଟିକିରି,୬।୭ (ସଂଚାର ବ୍ୟୁରୋ) : : ଶନିବାର ବିଷାକ୍ତ ଜଙ୍ଗଲି ଛତୁ ଖାଇ କାଶୀପୁର ବ୍ଲକ ଅନ୍ତର୍ଗତ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ଟିକରାପଡ଼ା ଗାଁର ତିନି ପରିବାରର ୧୧ ଜଣ ରୋଗାକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୧୧ ଜଣଙ୍କ ମଧ୍ୟରୁ ଏକ ପରିବାରର ୬ ଜଣ ଟିକିରି ଓଷାପଡ଼ା ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ଅଛନ୍ତି। ସେମାନେ ହେଲେ ରେଙ୍ଗୁ ନାଏକ, କୁମାରୀ ନାଏକ, ଅଞ୍ଜନା ନାଏକ, ଧନମଣି ନାଏକ, ଲାକେବତୀ ନାଏକ ଓ ଦୁର୍ଯ୍ୟୋଧନ ନାଏକ। ସେହିଭଳି ଅନ୍ୟ ଦୁଇ ପରିବାରର ୫ ଜଣ ଓଷାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଥିଲେ ହେଁ ଅବସ୍ଥାରେ ସୁଧାର ଆସି ନ ଥିବାରୁ ଶନିବାର ରାତିରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଦାମୁ ଝୋଡ଼ିଆ, ଚମ୍ପା ଝୋଡ଼ିଆ ଓ ତାଙ୍କ ୮ ବର୍ଷର ପୁଅ ପ୍ରଦୀପ ଝୋଡ଼ିଆ। ଅନ୍ୟ ଏକ ପରିବାରର ଧନୁ ଗୌଡ଼ ଓ ପତ୍ନୀ କବିଲା ଗୌଡ଼। ସମସ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅଛନ୍ତି। ଗାଁର ତିନି ଜଣ ମହିଳା ଶନିବାର ସକାଳେ ନିକଟସ୍ଥ ଜଙ୍ଗଲକୁ ଯାଇ ଛତୁ ଗୋଟାଇ ଆଣିଥିଲେ। ଏହାପରେ ସମସ୍ତେ ଛତୁ ରୋଷେଇ କରି ଖାଇଥିଲେ। ତେବେ ସନ୍ଧ୍ୟାରେ ସମସ୍ତଙ୍କୁ ବାନ୍ତି ହେବା ସହିତ ମୁଣ୍ଡ ବୁଲାଇଥିଲା ଏବଂ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଦାମୁ କହିଛନ୍ତି ଯେ, ଏହି ଛତୁ ପୂର୍ବରୁ ବହୁତ୍ ଥର ଖାଇଛନ୍ତି ହେଲେ କେବେ କିଛି ହୋଇନାହିଁ। ତେବେ ଜଙ୍ଗଲି ଛତୁ ନଖାଇବା ପାଇଁ ଗ୍ରାମାଞ୍ଚଳରେ ଉପଯୁକ୍ତ ସଚେତନତା ଅଭାବରୁ ଲୋକେ ଏହିଭଳି ଅବସ୍ଥା ଭୋଗ କରୁଛନ୍ତି।

**୧୦୮ ଆମ୍ବୁଲାନ୍ସ ଅବ୍ୟବସ୍ଥା ଯୋଗୁଁ ଯୁବକଙ୍କ ମୃତ୍ୟୁ ଘଟଣା**

# ସ୍ୱାସ୍ଥ୍ୟସେବାକୁ ଅବହେଳା କରୁଛନ୍ତି ସରକାର: ବିଜେଡି



ଭୁବନେଶ୍ୱର,୬।୭ (ସଂଚାର ବ୍ୟୁରୋ) : ୧୦୮ ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଲାଗି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆଇତପୁର ଗ୍ରାମର ଶଙ୍କର ମହାରଣା ନାମକ ଏକ ଯୁବକର ମୃତ୍ୟୁ ଘଟଣାରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସରକାରଙ୍କ ଚରମ ଅପରାଧିକ ଅବହେଳାକୁ ନେଇ ଉଦ୍ବେଗ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଗୁରୁବାର ଦିନ କ୍ରିକେଟ ଖେଳିବା ସମୟରେ ଛାତିରେ ବଲ୍ ବାଜିବାରୁ ଶଙ୍କର ଯନ୍ତ୍ରଣାରେ ଛଟପଟ ହେଉଥିଲେ। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର କରିଥିଲେ ସୁଦ୍ଧା ଆମ୍ବୁଲାନ୍ସ ନ ପହଞ୍ଚିବାରୁ ତାଙ୍କୁ ନିଜ ଉଦ୍ୟମରେ ବାଲୁଗାଁ ମେଡ଼ିକାଲକୁ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାଲୁଗାଁ ମେଡ଼ିକାଲ କର୍ତ୍ତୃପକ୍ଷ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ପଠାଇଥିଲେ। ବ୍ରହ୍ମପୁର ମେଡିକାଲକୁ ଯିବାବେଳେ ଖଲ୍ଲିକୋଟ ନିକଟରେ ୧୦୮ ଆମ୍ବୁଲାନ୍ସ ଖରାପ ହେବା ଯୋଗୁଁ ଶଙ୍କରଙ୍କ ପରିବାର ଲୋକେ ଅନ୍ୟ ଏକ ଆମ୍ବୁଲାନ୍ସ ଓ ପୋଲିସ୍କୁ ସହାୟତା ନିମନ୍ତେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସାହାଯ୍ୟ ମିଳିନଥିଲା। ଖଲ୍ଲିକୋଟ ଜାତୀୟ ରାଜପଥରେ ସହାୟତା ଅପେକ୍ଷାରେ ଶଙ୍କର ଯନ୍ତ୍ରଣାରେ ଛଟପଟ ହେବା ଅବସ୍ଥାରେ ୩ ଘଣ୍ଟା ବିଳମ୍ବରେ ଅନ୍ୟ ଏକ ଆମ୍ବୁଲାନ୍ସକୁ ଦେଖି ସେଥିରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ନେଇଥିଲେ। ମେଡ଼ିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଯଦି ଶୀଘ୍ର ରୋଗୀଙ୍କୁ ମେଡ଼ିକାଲରେ ପହଞ୍ଚା ଯାଇଥାନ୍ତା, ତାହେଲେ ଜୀବନ ବଞ୍ଚିଯାଇଥାନ୍ତା ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଅପରାଧିକ ଅବହେଳା ଯୋଗୁଁ ଆଜି ଏକ ଅମୂଲ୍ୟ ଜୀବନ ଚାଲିଗଲା ବୋଲି ଆଜି ଆଇତପୁର ଗ୍ରାମରେ ମୃତ ଶଙ୍କରଙ୍କ ପରିବାର ଓ ଗ୍ରାମବାସୀ ବିଜେଡି ପ୍ରତିନିଧି ଦଳ ନିକଟରେ ଅଭିଯୋଗ କରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଖବର ପହଞ୍ଚିବାର ୨୦ ମିନିଟ୍ ମଧ୍ୟରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ହସ୍ପିଟାଲକୁ ନେଉଥିଲା। ହେଲେ ବିଜେପି ସରକାରରେ ଖବର ଦେବାର ୩ ଘଣ୍ଟା ପରେ ବି ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଫଳତଃ ଏକ ଅମୂଲ୍ୟ ଜୀବନ ହରାଇବାକୁ ପଡ଼ିଲା। ମୃତ ଶରୀରକୁ ଏମକେସିଜି ମେଡ଼ିକାଲରୁ ନିଜ ଗ୍ରାମକୁ ନେବା ପାଇଁ ପରିବାରବର୍ଗ ସରକାରୀ ସହାୟତା ମାଗିଥିଲେ ମଧ୍ୟ କେହି ଶୁଣିନଥିଲେ ଏବଂ ନିଜ ହାତରୁ ୫ ହଜାର ଟଙ୍କା ଖର୍ଚ୍ଚ କରି ପରିବାର ଲୋକେ ମୃତଦେହକୁ ଘରକୁ ନେଇଥିଲେ। ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଗତକାଲି ସୁଦ୍ଧା କୌଣସି ସରକାରୀ ଅଧିକାରୀ ପରିବାର ନିକଟରେ ପହଞ୍ଚି ନଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଯିବାର ଖବର ମିଳିବା ପରେ, ଗତକାଲି ରାତି ୧୧ଟା ସମୟରେ ସରକାର ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତ ଶଙ୍କର ମହାରଣାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାର ତାଙ୍କ ଭାଇଙ୍କୁ ତୁରନ୍ତ ଏକ ସରକାରୀ ଚାକିରି ଯୋଗାଇ ଦିଅନ୍ତୁ ବୋଲି ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀ ଦାବି କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ସର୍ବଶ୍ରୀ ଡ଼ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଶ୍ରୀ ବିକ୍ରମ ପଣ୍ଡା, ଶ୍ରୀ ସୁବାସ ବେହେରା, ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ଶ୍ରୀମତୀ ସୂର୍ଯ୍ୟମଣୀ ବୈଦ୍ୟ, ପ୍ରମୁଖ ସାମିଲ୍ ଥିଲେ।

**ବଢୁଛି କୋରାପୁଟ କଫିର ଚାହିଦା**

# କଫି ବୋର୍ଡର ଅଧିକାରୀ ଓ ଚାଷୀଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ



କୋରାପୁଟ,୬।୭ (ସଂଚାର ବ୍ୟୁରୋ) : କୋରାପୁଟ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଫି ଗାର୍ଡେନ୍ ପରିଦର୍ଶନ କରିବା ସହ ଚାଷରେ ନିୟୋଜିତ ହୋଇଥିବା ଅଧିକାରୀ ଏବଂ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ସେ ବୋର୍ଡର ଅଧିକାରୀଙ୍କ ସହ ଆଲୋଚନା କରିବା ଅବସରରେ ଜାଣିବାକୁ ପାଇଥିଲେ ଯେ କୋରାପୁଟ ଜିଲ୍ଲାରେ ୭୦୦୦ ହେକ୍ଟର ପରିମିତ ଜମିରେ କଫି ଚାଷ ହେଉଛି। କୋରାପୁଟ, ସେମିଳିଗୁଡ଼ା, ଲକ୍ଷ୍ମୀପୁର,ଦଶମନ୍ତପୁର, ପଟ୍ଟାଙ୍ଗି, ନନ୍ଦପୁର ଏବଂ ଲମତାପୁଟ ବ୍ଲକରେ କଫି ଚାଷ ହେଉଛି। ସ୍ୱୟଂ ସଂଗଠନର ମହିଳାଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି। ଏଠାରେ ବାର୍ଷିକ ୬୦୦ ଟନ କଫି ଉତ୍ପାଦନ ହେଉଛି, ଯାହାର ବାର୍ଷିକ ଆନୁମାନିକ ମୂଲ୍ୟ ୩୦ କୋଟି ଟଙ୍କାରୁ ଅଧିକ ହେବ। କଫିର କଞ୍ଚାମାଲ କେଜି ପ୍ରତି ୫୦୦ ଟଙ୍କା ବିକ୍ରି କରାଯାଉଛି। ଆଗାମୀ କୋରାପୁଟ ସମେତ କଫି ଚାଷକୁ ଆଗକୁ ବଢ଼ାଇବାର ଲକ୍ଷ୍ୟ ରଖାଯାଇଛି।

ଆଲୋଚନା କାଳରେ ଶ୍ରୀ ପ୍ରଧାନ କହିଥିଲେ ଯେ ବିଶ୍ୱ ବଜାରରେ କୋରାପୁଟ କଫିର ଚାହିଦା ବଢୁଛି। ବର୍ତ୍ତମାନ ସମୟରେ ଏହା ଏକ ଲାଭବାନ ଚାଷରେ ପରିଣତ ହୋଇଛି। ବିଶ୍ୱରେ କୋରାପୁଟକୁ 'ବ୍ରାଣ୍ଡ୍ କୋରାପୁଟ୍' କରିବାକୁ ହେଲେ ଏହି ସ୍ୱତନ୍ତ୍ର କଫିର ଉତ୍ପାଦନ ବଢ଼ାଇବା ଦିଗରେ ଆମେ ସାମୂହିକ ପ୍ରୟାସ କରିବା ଉଚିତ୍ ବୋଲି ସେ କହିଥିଲେ।

## ଦିଗପହଣ୍ଡିରେ ହଇଜା, ୧୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



ଦିଗପହଣ୍ଡି,୬।୭ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଜନଜାତି ବହୁଳ ଦୁର୍ଗମ ଗାଁ ଉପ୍ତପଲ୍ଲୀ ଗାଁରେ ହଇଜା ପ୍ରଭାବରେ ୧୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ରବିବାର ସକାଳେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଦମୟନ୍ତୀ ଶବର ଏବଂ ଅନୀତା ଶବରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗତ ୪ ଦିନ ହେଲା ସମ୍ପୃକ୍ତ ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଛି। ଦୂଷିତ ପାଣି ଯୋଗୁ ହଇଜା ବ୍ୟାପୁଥିବା ସୂଚନା ମିଳିବା ପରେ ଆଶାକର୍ମୀ ସୁଦେଷ୍ଣା ସାହୁ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ଔଷଧ, ଓଆର୍‌ଏସ୍, ହେଲୋଜେନ ବଟିକା ବଣ୍ଟନ କରି ପରିସ୍ଥିତି ପ୍ରତି ନଜର ରଖିଥିଲେ। ରବିବାର ସକାଳେ ହଇଜାର ପ୍ରକୋପ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଆକ୍ରାନ୍ତମାନଙ୍କୁ ପ୍ରାୟ ୨ କିମି ଦୋଳା ସାହାଯ୍ୟରେ ବୁହାଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# ପୁଣି ମିନାକ୍ଷୀ ବାହିନିପତି ହେଲେ ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀ




ଭୁବନେଶ୍ୱର,୬।୭ (ସଂଚାର ବ୍ୟୁରୋ) : ରାଜ୍ୟ କଂଗ୍ରେସ ତା'ର ସଂଗଠନକୁ ନବକଳେବର ରୂପ ଦେବା ପାଇଁ ଏବେ ପୁନଃର୍ବାର କଂଗ୍ରେସର ବରିଷ୍ଠ ନେତ୍ରୀ ମୀନାକ୍ଷି ବାହିନିପତିଙ୍କୁ ଦ୍ୱିତୀୟଥର ପାଇଁ ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ଏଆଇସିସି ଘୋଷଣା କରିଛି। ମୀନାକ୍ଷି ବାହିନିପତିଙ୍କୁ ମହିଳା ସଭାନେତ୍ରୀ ଭାବେ ଏଆଇସିସି ଘୋଷଣା କରିଥିବାରୁ ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପକ୍ଷରେ ମିନାକ୍ଷୀ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଘୋଷିତ ହେବା ପରେ ଖୁସିବ୍ୟକ୍ତ କରିବା ସହିତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ, ଲୋକସଭା ବିରୋଧିଦଳର ନେତା ତଥା ଜନନାୟକ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କେସି ଭେନୁଗୋପାଳ, କଂଗ୍ରେସ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶ୍ରୀମତୀ ବାହିନିପତି ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଓଡ଼ିଶାରେ ନାରୀ ନିର୍ଯ୍ୟାତନା ସହରରୁ ପଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଛି। କେଉଁଠି ବି ନାରୀ ସୁରକ୍ଷିତ ନୁହେଁ। ପ୍ରତ୍ୟେକ ଦିନ ରାଜ୍ୟର କେଉଁଠି ନା କେଉଁଠି ମା'-ଝିଅ ଓ ବୋହୂମାନେ ସୁରକ୍ଷିତ ନୁହଁନ୍ତି। ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଆମର ନେତା ଜନନାୟକ ରାହୁଲ ଗାନ୍ଧୀ ଯେଉଁ ଅଭିଯାନ ଚଳାଇଛନ୍ତି ତାହାକୁ ଆଗକୁ ନେବି। ରାଜ୍ୟର ମହିଳା ସଂଗଠନକୁ ସଂଗଠିତ କରିବା ସହ ସେମାନେ କିପରି କଂଗ୍ରେସର ଆଭିମୁଖ୍ୟକୁ ଆଗେଇ ନେଇ ନାରୀମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିବେ ସେ ଉପରେ ଗୁରୁତ୍ୱ ଦେବି ବୋଲି ଶ୍ରୀମତୀ ବାହିନିପତି ତାଙ୍କ ବକ୍ତବ୍ୟରେ କହିଛନ୍ତି। ପ୍ରକାଶଥାଉକି, ଶ୍ରୀମତୀ ବାହିନିପତି ଏଥିପୂର୍ବରୁ କୋରାପୁଟ ଏନ୍‌ଏସି ଅଧ୍ୟକ୍ଷା, କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ୧୦ ବର୍ଷର ସୂଚାରୁ ରୂପେ ଦାୟିତ୍ୱ ସଂପାଦନ କରିବା ସହ ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜ୍ୟ କଂଗ୍ରେସର ସଭାନେତ୍ରୀ ଭାବେ ଦାୟିତ୍ୱ ନେଇ ମହିଳା ସଂଗଠନକୁ ସୁଦୃଢ଼ କରିବାରେ ପ୍ରୟାସ କରିଥିଲେ। ନିର୍ବାଚନ ପରେ ଏଆଇସିସି ଓଡ଼ିଶା କଂଗ୍ରେସର ସଂଗଠନକୁ ଭାଙ୍ଗି ଦେଇଥିଲେ। ପିସିସି ସଭାପତି ଭାବେ ଭକ୍ତ ଚରଣ ଦାସଙ୍କୁ ରାଜ୍ୟ ସଂଗଠନର ଦାୟିତ୍ୱ ଏଆଇସିସି ଦେଇଛି। ଗତ ୪ ମାସ ଭିତରେ ଭକ୍ତ ଚରଣ ଦାସ ରାଜ୍ୟ ସଂଗଠନକୁ ନୂଆ ରୂପ ଦେବା ପାଇଁ ପଦକ୍ଷେପ ନେଇଥିଲେ। ବିଜେଡ଼ି ଓ ବିଜେପି ମହିଳା ଭୋଟରଙ୍କୁ ହାତେଇବା ପାଇଁ ପ୍ରୟାସ କରୁଥିବାବେଳେ କଂଗ୍ରେସ ମଧ୍ୟ ପଛରେ ପଡ଼ିନାହିଁ। ରାଜ୍ୟର ବିଜେପି ଶାସନରେ ସବୁଠାରୁ ମହିଳା ମାନଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ରାଜ୍ୟର ବିଜେପି ସରକାର କ୍ଷମତାକୁ ଆସିବା ଦିନଠାରୁ ୬୦ ରୁ ଉର୍ଦ୍ଧ୍ୱ ମହିଳା ଗଣବଳତ୍କାରର ଶିକାର ହୋଇଛନ୍ତି। ଏହା କେବଳ ଜାତୀୟ ପ୍ରସଙ୍ଗ ହୋଇରହି ନାହିଁ ବରଂ ଅର୍ନ୍ତଜାତୀୟ ପ୍ରସଙ୍ଗ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶର ନାଗରିକଙ୍କୁ ଓଡ଼ିଶା ନଯିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷିରେ ଏଆଇସିସି ୫ ଜଣ ବରିଷ୍ଠ କଂଗ୍ରେସ ନେତ୍ରୀ ଓ ସାଂସଦଙ୍କୁ ଓଡ଼ିଶାର ଗୋପାଳପୁର ଓ କେନ୍ଦୁଝର ଆଦି ଅଞ୍ଚଳକୁ ପଠାଇ ସତ୍ୟାସତ ଅନୁସନ୍ଧାନ କରିଛି। ମହିଳାଙ୍କ ସମସ୍ୟା ଓଡ଼ିଶାରେ ଉତ୍କଟ ରୂପ ଧାରଣ କରିଥିବାରୁ ଏଆଇସିସି ଜଣେ ଟାଣୁଆ ମହିଳା ନେତ୍ରୀ ମୀନାକ୍ଷି ବାହିନିପତି ସଭାନେତ୍ରୀ ଭାବେ ଦାୟିତ୍ୱ ଦେଇଛନ୍ତି।

## ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ନିଶୁଳ୍କ ଅନ୍ନପ୍ରସାଦ ବଣ୍ଟନ



ପୁରୀ,୬।୭ (ସଂଚାର ବ୍ୟୁରୋ) : ଓଡ଼ିଶା ଡ୍ରାଇଭର ମହାସଂଘର ସମସ୍ତ କର୍ମକର୍ତାଙ୍କ ମିଳିତ ପ୍ରଚେଷ୍ଟାରେ ପୁରୀ ଗୁଣ୍ଡିଚା ମନ୍ଦିର ପାଖରେ ୪୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ଓ ଜଳସେବା ସହିତ ଜୁସ ବଣ୍ଟନ ଭଳି ଏକ ମହତ କାର୍ଯ୍ୟକ୍ରମ ସେଇ ପ୍ରଭୁ ଜଗନ୍ନାଥଙ୍କ ଆଦେଶରେ ସଫଳ ରୂପେ ଅନୁଷ୍ଠିତ ହୋଇଯାଇଛି। ଏହିଭଳି ଏକ ମହତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପର୍ଣ୍ଣ କରିବାପାଇଁ ପୁରୀ ପ୍ରଶାସନ ଆମ୍ଭମାନଙ୍କୁ ବେଶ ସାହାର୍ଯ୍ୟ ଓ ସହଯୋଗ କରିଥିବାରୁ ପ୍ରଶାସନର ସମସ୍ତ କର୍ମକର୍ତ୍ତାଙ୍କୁ ଓଡ଼ିଶା ଡ୍ରାଇଭର ମହାସଂଘ ଧନ୍ୟବାଦ ଜଣାଉଛି। ଉକ୍ତ ମହତ୍ୱକାଂକ୍ଷୀ କାର୍ଯ୍ୟକ୍ରମରେ ଓଡ଼ିଶାର ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ପରିବହନ କମିଶନର ଅମିତାଭ ଠାକୁର, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଡ୍ରାଇଭର ମହାସଂଘ ର ରାଜ୍ୟ ସଭାପତି -ପ୍ରଶାନ୍ତ ମାଣ୍ଡୁଲି, ସମ୍ପାଦକ ଚିତନ୍ୟ ପ୍ରଧାନ, କୋଷାଧକ୍ଷ ଆଦିତ୍ୟ ପ୍ରସାଦ ବେହେରା ଏବଂ ରାଜ୍ୟ ସମୀକ୍ଷକ ଦିଲୀପ ସାହୁ ଉପସ୍ଥିତ ରହିଥିଲେ।

# ସଂରକ୍ଷଣ ବିଭ୍ରାଟ: ପୂର୍ତ୍ତ ବିଭାଗରେ ଅସନ୍ତୋଷ

ଭୁବନେଶ୍ୱର,୬।୭: ପଦୋନ୍ନତି ବିଭ୍ରାଟ ଯୋଗୁ ପୂର୍ତ୍ତ ବିଭାଗର ବିଭିନ୍ନ ଯନ୍ତ୍ରୀ କ୍ୟାଡର୍‌ରେ ମାନବ ସମ୍ବଳ ସଂକଟ ଦେଖାଦେଇଛି। ସରକାରୀକୃତ ଏହି ସମସ୍ୟାର ତ୍ୱରିତ ସମାଧାନ କରାନଗଲେ ଆଗକୁ ନିଯୁକ୍ତି, ପଦୋନ୍ନତି ସମେତ ନିର୍ମାଣ କାର୍ଯ୍ୟ ଗୁରୁତର ଭାବେ ବ୍ୟାହତ ହେବ ବୋଲି ବହୁ ଯନ୍ତ୍ରୀ ଆଶଙ୍କା କରୁଛନ୍ତି।

ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦକୁ ପଦୋନ୍ନତି ଦେବା କ୍ଷେତ୍ରରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅସଂଗତି ଯୋଗୁ ଏଭଳି ସମସ୍ୟା ଉପୁଜିଛି ବୋଲି କୁହାଯାଉଛି। ସଂରକ୍ଷିତ ବର୍ଗର ଯନ୍ତ୍ରୀଙ୍କୁ ସେହି ସଂରକ୍ଷିତ ଆସନରେ ଓ ଅଣ ସଂରକ୍ଷିତ ବର୍ଗର ଯନ୍ତ୍ରୀଙ୍କୁ କେବଳ ଅଣ ସଂରକ୍ଷିତ ଆସନରେ ପଦୋନ୍ନତି ଦେବା ଲାଗି ୨୦୨୪ରେ ବିଭାଗୀୟ ପଦୋନ୍ନତି କମିଟି ଯେଉଁ ସୁପାରିସ କରିଥିଲେ ସେଥିରେ ଯୋଗ ଦେଇଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅଧିକାରୀ କିନ୍ତୁ ଭିନ୍ନ ମତ ରଖି ଡିପିସ ପ୍ରୋସେଡିଂରେ ଦସ୍ତଖତ ନକରିବାରୁ ଏଭଳି ସମସ୍ୟା ଉପୁଜିଥିଲା।

ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ବହୁ ମାମଲାର ନଜିର ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାର୍ଗ ନିର୍ଦ୍ଦେଶିକା ଆଧାରରେ ସଂରକ୍ଷିତ ଆସନରେ ଅଣ ସଂରକ୍ଷିର ବର୍ଗର ପ୍ରାର୍ଥୀ ପଦୋନ୍ନତି ପ।ଇ ପ।ରି ବେ ନାହିଁ ବୋଲି ଉଲ୍ଲେଖ ଥିବାବେଳେ ଅଣ ସଂରକ୍ଷିତ ଆସନ କିନ୍ତୁ କୌଣସି ବର୍ଗଙ୍କ ପାଇଁ ସଂରକ୍ଷିତ ନଥିବାରୁ ଯୋଗ୍ୟତା, ବରିଷ୍ଠତା ଓ ଦକ୍ଷତା ଆଧାରରେ ଅଣ ସଂରକ୍ଷିତ ଆସନରେ ସଂରକ୍ଷିତ ବର୍ଗର ପ୍ରାର୍ଥୀ ମଧ୍ୟ ପଦୋନ୍ନତି ପାଇପାରିବେ ବୋଲି ଉଲ୍ଲେଖ ରହିଛି। ଏହି ଆଧାରରେ ପୂର୍ବ ଡିପିସି ସୁପାରିସକୁ ବାତିଲ କରି ଚଳିତ ବର୍ଷ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ନୂଆ ଡିପିସି କରିବା ପରେ ବଞ୍ଚିତ ପ୍ରାର୍ଥୀମାନେ ଆଇନ୍ ଅଦାଲତଙ୍କ ଦ୍ୱାରସ୍ଥ ହେବାରୁ ସମସ୍ୟା ଲାଗି ରହିଛି।

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏ ସଂକ୍ରାନ୍ତରେ ବର୍ଷବର୍ଷ ଧରି ଯେଉଁ ନୀତି ଅନୁସରଣ କରୁଥିଲା ତାହାକୁ ୨୦୨୪ ମସିହାରେ ପୁଣି ଜାରି କରିବା ପରେ ପରେ ପୁଣି ତାହା ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଅନ୍ୟ ଏକ ମାର୍ଗ ନିର୍ଦ୍ଦେଶିକା ଜାରି କରାଯାଇ ପ୍ରତ୍ୟାହୃତ ହୋଇଥିବା ମାର୍ଗ ନିର୍ଦ୍ଦେଶିକା ଠିକ୍ ଥିଲା ବୋଲି କୁହାଯିବା ପରିପ୍ରେକ୍ଷୀରେ ଗଣ୍ଡଗୋଳିଆ ବାତାବରଣ ବିଭିନ୍ନ ବିଭାଗରେ ଉପୁଜିଛି। ଇତିମଧ୍ୟରେ ଆଇନ୍ ବିଭାଗ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଏ ସଂକ୍ରାନ୍ତୀୟ ବହୁ ରାୟର ତର୍ଜମା କରି ଅଣ ସଂରକ୍ଷିତ ଆସନ ସବୁ ବର୍ଗଙ୍କ ପାଇଁ ଖୋଲା ରହିଥିବାରୁ ଏହି ଆସନ ଲାଗି ଉଭୟ ସଂରକ୍ଷିତ ଓ ଅଣ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ପଦୋନ୍ନତି ଦିଆଯାଇପାରିବ ବୋଲି ମତ ଦେଇଛନ୍ତି।

ପଦୋନ୍ନତି ସଂକ୍ରାନ୍ତୀୟ ରାଜ୍ୟ ସରକାରଙ୍କ ଅଧିନିୟମରେ ବି ୨୦୨୨ ମସିହାରେ ସଂଶୋଧନ ଅଣାଯାଇ ଅଣ ସଂରକ୍ଷିତ ଆସନ ଲାଗି ଯୋଗ୍ୟତା ଆଧାରରେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ କଥା ସମାନ ଭାବରେ ସଂରକ୍ଷିତ ପ୍ରାର୍ଥୀଙ୍କ ସହ ବିଚାର କରାଯିବ ବୋଲି ବ୍ୟବସ୍ଥା ରହିଛି। ଏସବୁ ସତ୍ତ୍ୱେ ଉଭୟ ସଂରକ୍ଷିତ ଓ ଅଣ ସଂରକ୍ଷିତ ବର୍ଗର କର୍ମଚାରୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ଲାଗି କିଛି ନେସ୍ତସ୍ୱାର୍ଥ ଗୋଷ୍ଠୀ ବିଭାଜନ ରେଖା ଟାଣୁଛନ୍ତି ଏବଂ ଆଉ କିଛି ଅଧିକାରୀ ଏହି ଅସନ୍ତୋଷର ନିଆଁରେ ଘିଅ ଢାଳୁଥିବାରୁ ବିଭିନ୍ନ ବିଭାଗରେ ପଦୋନ୍ନତି କ୍ଷେତ୍ରରେ ସମସ୍ୟା ଉପୁଜିଛି। ଗତ ମଇ ୨୧ ତାରିଖରେ ପୂର୍ତ୍ତ ବିଭାଗ ୧୧୫ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଉଚ୍ଚ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏହାଫଳରେ ଏବେ ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ୟାଡର୍‌ରେ ଯନ୍ତ୍ରୀଙ୍କ ସଂଖ୍ୟା ୩୦୦ରୁ କମିଯାଇଛି। ଏହି କ୍ୟାଡର୍‌ରେ ୧୦୦୦ରୁ ଅଧିକ ସହକାରୀ ନିର୍ବାହୀ ଯନ୍ତ୍ରୀ ରହିବାର ବ୍ୟବସ୍ଥା ଥିବାବେଳେ ୭୦ ପ୍ରତିଶତରୁ ଅଧିକ ପଦବୀ ଖାଲି ପଡିଛି। ଅନ୍ୟପକ୍ଷରେ ସଂରକ୍ଷିତ ଆଇନ୍ ସଂକ୍ରାନ୍ତରେ ସରକାରୀ କଳର ଗୋଳିଆ ଆଭିମୁଖ୍ୟରେ କ୍ଷୁବ୍ଧ ହୋଇ ଏବେ ବହୁ ଯନ୍ତ୍ରୀ ନ୍ୟାୟ ପାଇଁ ରାଜନେତା ଓ ଅମଲାତନ୍ତ୍ରୀଙ୍କ ନିକଟରେ ଗୁହାରି କରିବା ପରେ ଅଦାଲତରେ ମାମଲା ରୁଜୁ କରିବାକୁ ବାଧ୍ୟ ହୋଇଛନ୍ତି। କେବଳ ପୂର୍ତ୍ତ ବିଭାଗ ନୁହେଁ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମେତ ବହୁ ବିଭାଗରେ ଏଭଳି ମଣିଷକୃତ ସମସ୍ୟା ବ୍ୟାପିବାରେ ଲାଗିଛି। (ତଥ୍ୟ)

## କମର୍ସ ମେରିଟ ଏକାଡେମୀ ପକ୍ଷରୁ ରକ୍ତଦାନ ଶିବିର




ଭୁବନେଶ୍ୱର,୬।୭ (ସଂଚାର ବ୍ୟୁରୋ) : "ଜୟ ଓଡ଼ିଶା" ର ରକ୍ତଦାନ ଯୋଜନା ରେ ସାମିଲ ହୋଇ, କମର୍ସ ମେରିଟ ଏକାଡେମି ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହା ଜୟ ଓଡ଼ିଶାର "ରକ୍ତଦାନ" ଯୋଜନାରେ ନବମ ଶିବିର ଥିଲା। କମର୍ସ ମେରିଟ ଏକାଡେମି, ଯାହାକି ଭୁବନେଶ୍ୱରରେ କମର୍ସ କୋଚିଂ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ସବୁବେଳେ କିଛି ନା କିଛି ସମାଜସେବା ମୂଳକ କାର୍ଯ୍ୟ କରିଆସୁଛନ୍ତି। ଗରିବ ଶ୍ରେଣୀୟ ଛାତ୍ରଛାତ୍ରୀ ଙ୍କୁ ସ୍ୱଳ୍ପ ମୂଲ୍ୟରେ ଅତ୍ୟନ୍ତ ଉଚ୍ଚକୋଟୀର ଶିକ୍ଷା ପ୍ରଦାନ କରି ପିଲାମାନ ଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଆସୁଛି। ଏହି ଶିବିରରେ ପ୍ରାୟ ୧୮-୨୦ ବର୍ଷର ଛାତ୍ରଛାତ୍ରୀ ମାନେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ରକ୍ତଦାନ ପ୍ରତି ସଚେତନତା ବଢ଼ାଇବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଗଣ୍ୟ। ଏହା କମର୍ସ ମେରିଟ ଏକାଡେମିର ପ୍ରତିଷ୍ଠାତା ଶ୍ରୀ କ୍ଷିତିଶ ମହାପାତ୍ର ଓ ଶୁଭଶ୍ରୀ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଜୟ ଓଡ଼ିଶାର ସଦସ୍ୟ ମାନେ ଉପସ୍ଥିତ ରହି ସୂଚାରୁ ପରିଚାଳନା କରିଥିଲେ। "ରକ୍ତଦାନ ଜୀବନ ଦାନ" - ଏହି ମୂଳମନ୍ତ୍ରକୁ ଆମେ ଆଗକୁ ନେଇ ଚାଲିଛୁ। ଏହି ପ୍ରକାର ଉଦ୍ୟମ ଆଗାମୀ ଦିନରେ ମଧ୍ୟ ଅବ୍ୟାହତ ରହିବ ବୋଲି ଜୟ ଓଡ଼ିଶା ର ପ୍ରତିଷ୍ଠାତା ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ପକ୍ଷରୁ ସୂଚନା ମିଳିଛି।

# ଅନୁପ୍ରବେଶ ମହଙ୍ଗା ପଡୁଛି

ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ ବାଧ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥ;ୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ଭୌଗୋଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ ଅନେକ ଭାରତୀୟ ବସବାସ କରୁଛନ୍ତି। ଭାରତୀୟ



ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା। ସେଠାରେ ଅନେକ ଭାରତୀୟ ଛାତ୍ର ରହୁଛନ୍ତି ଏବଂ ପାଠପଢ଼ା ପରେ ଅନେକ ସେଠାରେ ଚାକିରୀ ମଧ କରୁଛନ୍ତି। ଅନେକ ବ୍ୟବସାୟ ପାଇଁ ମଧ ବିଦେଶକୁ ଯାଇଛନ୍ତି ସେଠାରେ ସଫଳତା ହାସଲ କରିବା ସହ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ସାଉଦୀ ଆରବ, ୟୁଏଇ, ଓମାନ, କୁଏତ, ବାହାରିନ, ଇରାନ, ଇରାକ ଭଳି ଦେଶରେ ଅନେକ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏସବୁ ଦେଶରେ ସେମାନଙ୍କୁ ଭଲ ପାରିଶ୍ରମିକ ମିଳୁଛି। ମଧ୍ୟପ୍ରାଚ୍ୟ ବା ଆରବରେ କାମ କରୁଥିବା ଶ୍ରମିକଙ୍କ ମଧରୁ ଅନେକ ଓଡ଼ିଆ ମଧ ଅଛନ୍ତି। ଅନେକ ସମୟରେ ଏହି ପ୍ରବାସୀମାନେ ପ୍ରତାରଣା, ଦୁର୍ଦ୍ଦଶା ଏବଂ ଶୋଷଣର ଶିକାର ହେଉଛନ୍ତି। ଅନେକ ଓଡ଼ିଆ ଶ୍ରମିକ ମଧ୍ୟପ୍ରାଚ୍ୟରେ ଶୋଷଣର ସମ୍ମୁଖୀନ ହୋଇ ଘରକୁ ଫେରିଆସିବା ନିମନ୍ତେ ଇଚ୍ଛା ବ୍ୟକ୍ତ କରୁଥିଲେ ମଧ ସେଠାରୁ ଫେରିପାରୁନାହାଁନ୍ତି। ଅନେକ ସମୟରେ ସେମାନେ ସରକାରଙ୍କୁ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ନିବେଦନ କରୁଛନ୍ତି। ୨୦୨୨ରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ସେଠାରେ ପାଠପଢୁଥିବା ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀ ପାଠପଢ଼ା ଅଧାରୁ ଛାଡ଼ି ଗରକୁ ଫେରିଆସିବାକୁ ବାଧ ହେଲେ। ଭାରତ ସରକାର ସେଥିପାଇଁ ସେମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ସ୍ୱତନ୍ତ୍ର ବିମାନରେ ସେମାନେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଫଗାନିସ୍ତାନରେ ତାଲିବାନ କ୍ଷମତା ଦଖଲ କରିବା ପରେ ସେଠାରେ ବସବାସ କରୁଥିବା ଭାରତୀୟମାନେ ଅତି ଅସହାୟଭାବେ ସବୁ କିଛି ଛାଡ଼ି ଭାରତକୁ ଫେରିଆସିଥିଲେ। ଏବେ ଆମେରିକାରୁ ଅନେକ ଭାରତୀୟଙ୍କୁ ହାତ ଗୋଡ଼ ବାନ୍ଧି ସ୍ୱଦେଶ ପଠାଯାଉଛି। ଏବେ ସୁଦ୍ଧା ୩ଟି ପର୍ଯ୍ୟାୟରେ ୩୩୨ ଜଣ ଭାରତୀୟ ଫେରିଲେଣି। ସମୁଦାୟ ୧୮ହଜାର ଭାରତୀୟ ଆମେରିକାରୁ ଫେରିବେ ବୋଲି କୁହାଯାଉଛି। ଏମାନେ ସମସ୍ତେ ବେଆଇନ ଭାବେ ଆମେରିକାରେ ବସବାସ କରୁଥିଲେ। ଆମେରିକାରେ କାମ କରି ଅଧିକ ଅର୍ଥ ରୋଜଗାର କରିବା ସ୍ୱପ୍ନରେ ସେମାନେ ଆମେରିକା ଯାଇଥିଲେ। ଏଥିରେ ସେମାନଙ୍କୁ କିଛି ଦଲାଲ ସହାୟତା କରିଥିଲେ। ଏଥିଲାଗି ସେମାନଙ୍କୁ ବେଶ ମୋଟା ଅଙ୍କର ଅର୍ଥ ବ୍ୟୟ କରିବାକୁ ପଡ଼ିଛି। ଦଲାଲଙ୍କୁ ୪୦ରୁ ୫୦ ଲକ୍ଷ ଟଙ୍କା ଦେବାକୁ ପଡ଼ିଛି। ଅନେକ ଜମିବାଡ଼ି ବିକି, ପୈତୃକ ଗର ବିକି ଏହି ଅର୍ଥ ଯୋଗାଡ଼ କରିଥିଲେ। ସେମାନେ ଏବେ ସର୍ବସ୍ୱାନ୍ତ ଏବଂ ଅସହାୟ। ଏମାନେ ନିଜ ଦୁର୍ଦ୍ଦଶା ପାଇଁ ସରକାରଙ୍କୁ ଦାୟୀ କରୁନାହାଁନ୍ତି ସତ୍ୟ, ମାତ୍ର ସହାୟତା ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ବାସ୍ତବରେ ଏମାନଙ୍କ ଦୁର୍ଦ୍ଦଶା ଦୁଃଖଦାୟକ। ସବୁଠାରୁ ବଡ଼ କଥା ହେଲା ଏମାନଙ୍କୁ ଆମେରିକା ସରକାର ଯେପରି ହାତ ଗାଡ଼େ ବାନ୍ଧି ଅପରାଧି ଭଳି ବିମାନରେ ଲଦି ସ୍ୱଦେଶ ପଠାଉଛନ୍ତି ତାହା ହୃଦୟବିଦାରକ ଏବଂ ମାନବାଧିକ ଉଲ୍ଲଙ୍ଘନର ଚରମ ଉଦାହରଣ। ଏଥିରେ ଭାରତ ସରକାର ହସ୍ତକ୍ଷେପ କରିବା ଉଚିତ। ବେଆଇନ ଭାବେ ବିଦେଶରେ ବସବାସ କରିବାକୁ ଅନୁପ୍ରବେଶ ବୋଲି କୁହାଯାଇପାରିବ। ସେମାନଙ୍କୁ ବହିଷ୍କାର କରିବାର ଅଧିକାର ଆମେରିକା ସରକାରଙ୍କର ରହିଛି। କିନ୍ତୁ ସେମାନଙ୍କ ପ୍ରତି ନିହାତି ଖରାପ ବ୍ୟବହାର ନକରି ସମ୍ମାନର ସହ ଦେଶାନ୍ତର କଲେ କ୍ଷତି ନାହିଁ। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ଦେଶର ନାଗରିକ ଆମେରିକାରେ ଏଭଳି ବେଆଇନ ଭାବେ ବସବାସ କରୁଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପୂର୍ବରୁ ଏମାନଙ୍କୁ ଆମେରିକାରୁ ବହିଷ୍କାର କରାଯିବ ବୋଲି କହିଥିଲେ। ଏବେ ସେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ଆମେରିକାର ଅର୍ଥନୀତିକୁ ସୁଧାରିବା ଏବଂ ଆମେରିକା ନାଗରିକଙ୍କ ସ୍ୱାର୍ଥ ରକ୍ଷା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ଟ୍ରମ୍ପ କହିଛନ୍ତି। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ଏଭଳି ଭାବେ ବିଦା କରାଯିବା ଉଚିତ। ତେବେ ଭାରତରୁ ଏତେ ସଂଖ୍ୟାରେ ବ୍ୟକ୍ତି କାହିଁକି ଆମେରିକା ବା ଅନ୍ୟ ଦେଶକୁ ଯାଉଛନ୍ତି? ଏହାର କାରଣ ହେଲା ଭାରତରେ ଉପଯୁକ୍ତ କର୍ମନିଯୁକ୍ତି ବ୍ୟବସ୍ଥା ନାହିଁ ବା ଭଲ ପାରିଶ୍ରମିକ ମିଳୁନି। ତେଣୁ ସେମାନେ ବିଦେଶ ଯିବାକୁ ବାଧ ହେଉଛନ୍ତି। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ସମସ୍ତଙ୍କୁ କର୍ମନିଯୁକ୍ତି ଦେବା ମଧ ଅସମ୍ଭବ। ଆଉ କିଛି ଲୋକ ଅଧିକ ଅର୍ଥ ରୋଜଗାର କରିବା ଲୋଭରେ ବିଦେଶକୁ ଯାଉଛନ୍ତି। ସେମାନଙ୍କୁ ରୋକିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଉଚିତ।

# ଦାର୍ଶନିକ ସନ୍ଥ ସ୍ୱାମୀ ବିବେକାନନ୍ଦ



**ଉମା ଶଙ୍କର ପ୍ରସାଦ**

ପୃଥିବୀରେ ଯେତେବେଳେ ଧର୍ମର ଗ୍ଲାନି ଘଟେ, ଅଜ୍ଞାନତା ଓ କୁସଂସ୍କାର ମନୁଷ୍ୟ ସମାଜକୁ ପଥଭ୍ରଷ୍ଟ କରେ, ସେତେବେଳେ ମହାପୁରୁଷଗଣ ଆବିର୍ଭାବ ହୁଅନ୍ତି। ମନୁଷ୍ୟ ସମାଜକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରି ଧର୍ମ ସଂସ୍ଥାପନ କରନ୍ତି। ନବ ଜାଗରଣ ଉନ୍ମେଷ ଘଟାଇ ସମାଜରେ ଶାନ୍ତି, ମୈତ୍ରୀ ଓ ପ୍ରୀତି ଆନୟନ କରନ୍ତି। ସ୍ୱାମୀ ବିବେକାନନ୍ଦ ଏତାଦୃଶ ଜଣେ ମହାପୁରୁଷ ୧୮୬୩ ମସିହା ଜାନୁୟାରୀ ୧୨ ତାରିଖ ପୌଷ ସଂକ୍ରାନ୍ତିର ପୂର୍ଣ୍ୟ ପ୍ରଭାତରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଅଜାଙ୍କ ନାମ ଦୁର୍ଗାଚରଣ ଦତ୍ତ। ଦୁର୍ଗାଚରଣ ବିଷୟୀ ନ ଥିଲେ। ମାତ୍ର ୨୫ ବର୍ଷ ବୟସରେ ଶିଶୁ ପୁତ୍ରକୁ ଛାଡି ସନ୍ୟାସ ଅବଲମ୍ବନ କରିବା ନିମିତ ଗୃହତ୍ୟାଗ କଲେ। ଏହି ସନ୍ୟାସୀଙ୍କ ପୁତ୍ର ସ୍ୱର୍ଗୀୟ ବିଶ୍ୱନାଥ ଦତ୍ତ ହେଉଛନ୍ତି ବିବେକାନନ୍ଦଙ୍କ ଜନକ ଏବଂ ମାତା ଥିଲେ ଭୁବନେଶ୍ୱରୀ ଦତ୍ତ। ଭୁବନେଶ୍ୱରୀ ଦୁଇଟି କନ୍ୟାର ଜନନୀ ହେବାପରେ ପୁତ୍ର କାମନା କରି ଶ୍ରୀ ବିଶ୍ୱେଶ୍ୱରଙ୍କ ନିକଟରେ ପୂଜା ପ୍ରାର୍ଥନା କରିଥିଲେ। ଫଳରେ ସେ ସ୍ୱପ୍ନରେ ଦେଖିଥିଲେ ତୁଷାର ଧବଳ ରଜତ କ୍ରାନ୍ତିଧାରୀ କୈଳାସେଶ୍ୱର ତାଙ୍କ ସମ୍ମୁଖରେ ଦଣ୍ଡାୟମାନ। ଗର୍ଭ ସଞ୍ଚାରପରେ ପୌଷ ପାର୍ବଣର ଆନନ୍ଦୋତ୍ସବ ମଧରେ ଜନ୍ମ ନେଇଥିଲେ ବିବେକାନନ୍ଦ। ଅତି ଶୈଶବକାଳରୁ ନରେନ୍ଦ୍ରନାଥ ଚକ୍ଷୁ ଦୁଇଟି ବନ୍ଦ କରିବା ମାତ୍ରେ ଦୁଇ ଭ୍ରୂଲତା ମଧରେ ଗୋଲାକାର ଦିବ୍ୟଜ୍ୟୋତି ଦର୍ଶନ କରୁଥିଲେ। ଦିବ୍ୟଜ୍ୟୋତି ଧାନ ଫଳରେ ମନ ସହିତ ବାସନାର ଦ୍ୱନ୍ଦ ନ ଥିବାରୁ ତାଙ୍କୁ କୌଣସି ଦିନ ଧାନସ୍ଥ ହେବା ପାଇଁ ପ୍ରବଳ ଚେଷ୍ଟା କରିବାକୁ ପଡୁ ନ ଥିଲା। ବାଲ୍ୟକାଳରୁ ଭକ୍ତ ହନୁମାନଙ୍କ ଅଲୌକିକ କାର୍ଯ୍ୟାବଳି ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇ ପର ଜୀବନରେ ଶିଷ୍ୟମାନଙ୍କୁ ମହାବୀରଙ୍କର ଆଦର୍ଶ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ।

ପିତାମାତାଙ୍କ ସ୍ନେହ-କୋଳରେ ପ୍ରାଚୁର୍ଯ୍ୟ ମଧରେ ନରେନ୍ଦ୍ରନାଥଙ୍କ ଶୈଶବ ଓ କୈଶୋର ଜୀବନ ହସ, ଆନନ୍ଦ ଓ ଖେଳ କୌତୁକରେ କଟିଥିଲା। ତାଙ୍କର ବାଲ୍ୟଜୀବନ ଅଲୌକିକ ବା ଅସାଧାରଣ ନ ହେଲେ ମଧ ଅନୁପମ। ଷୋଳ ବର୍ଷ ବୟସରେ ସେ ଯେପରି ତୀକ୍ଷ୍ଣ ବିଦ୍ୟାବୁଦ୍ଧି, ପ୍ରବଳ ଆତ୍ମନିଷ୍ଠା ଓ ଜ୍ଞାନଜୀବନ ପ୍ରତି ପ୍ରବଳ ଆଗ୍ରହ ଦେଖାଇଥିଲେ ତାହା ବସ୍ତୁତଃ ଦୁର୍ଲ୍ଲଭ। ସେ ବାଲ୍ୟକାଳରୁ ପିତାଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ। ଗୀତ ବାଦ୍ୟରେ ମଧ ଦକ୍ଷତା ଅର୍ଜନ କରିଥିଲେ। ଏପରି ମେଧାବୀ, ତେଜସ୍ୱୀ, ଚଚଂଳ ଚପଳ ବାଳକ ଗୋଟିଏ ଦିଗରେ ଯେପରି ପରିହାସ ରସିକ, କ୍ରୀଡ଼ାପ୍ରୀୟ ଓ ଉଗ୍ରସ୍ୱଭାବ ଥିଲେ ଅପର ଦିଗରେ ସେହିପରି ଗଭୀର ଚିନ୍ତାଶୀଳ, ଧର୍ମପରାୟଣ, ଦୟାଳୁ ଓ ବନ୍ଧୁବତ୍ସଳ ଥିଲେ। ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲେଜରେ ପ୍ରବେଶ କରିବା ପରଠାରୁ ଘଟଣାର ଘାତ ପ୍ରତିଘାତ ଫଳରେ ନରେନ୍ଦ୍ରଙ୍କର ସହଜ ଓ ସ୍ୱାଭାବିକ ଜୀବନର ଗୋଟିଏ ବିଚିତ୍ର ରହସ୍ୟମୟ ଜଟିଳ ଅଧ୍ୟାୟ ଆରମ୍ଭ ହେଲା।

୧୮୭୯ ଖ୍ରୀଷ୍ଟାବ୍ଦରେ ମାତ୍ର ଅଠର ବର୍ଷ ବୟସରେ କଲେଜରେ ପ୍ରବେଶ କଲେ। କଲେଜରେ ଥିବା ସମୟରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ସେହି ବର୍ଷ କଲେଜ ଛାଡିଲେ। ପର ବର୍ଷ ସେ ଆସେମ୍ବ ଇନ୍ ଷ୍ଟିଚ୍ୟୁସନରେ ନାମ ଲେଖାଇ ପଢ଼ିଲେ। ଏକ ସୁଲଭ ଉଦ୍ଧାମ କଳ୍ପନାପ୍ରବଣ ପ୍ରତିଭାର ଅଧିକାରୀ ହୋଇ ନରେନ୍ଦ୍ରନାଥ ନିବିଷ୍ଟ ମନରେ ଦର୍ଶନ ଶାସ୍ତ୍ର ଅଧୟନ କରିଥିଲେ। ଏଫ୍.ଏ ପରୀକ୍ଷା ପୂର୍ବରୁ ସେ ମିଲ ପ୍ରମୁଖ ପାଶ୍ଚାତ୍ୟ ନୈୟାୟିକମାନଙ୍କ ମତବାଦ ସହିତ ପରିଚିତ ହୋଇଥିଲେ ଏବଂ ହିଉମ୍ ଓ ହାରବାର୍ଡଙ୍କ ଦାର୍ଶନିକ ଗ୍ରନ୍ଥମାନ ପଢ଼ିବାକୁ ଆରମ୍ଭ କରିଥିଲେ।

**ଶ୍ରୀରାମକୃଷ୍ଣଙ୍କ ସାକ୍ଷାତ୍:** ଦିନେ କଲିକତା ଶିମଳାପଲ୍ଲୀରେ ରହୁଥିବା ସୁରେନ୍ଦ୍ରନାଥ ମିତ୍ର ରାମକୃଷ୍ଣଙ୍କୁ ନିଜ ଗୃହକୁ ଡାକି ଆଣିଥିଲେ। ଏକ ଆନନ୍ଦ ଉତ୍ସବର ଆୟୋଜନ କରାଯାଇଥିଲା। ସେ ଦିନ ଜଣେ ସୁକଣ୍ଠ ଗାୟକଙ୍କର ଅଭାବ ହେବାରୁ ସେ ନିଜ ପଡୋଶୀ ନରେନ୍ଦ୍ରନାଥଙ୍କୁ ଡାକିଲେ। ଠାକୁରଙ୍କ ସହିତ ନରେନ୍ଦ୍ରନାଥଙ୍କର ଏହା ଥିଲା ପ୍ରଥମ ସାକ୍ଷାତ୍। ତାଙ୍କର ସୁଲଳିତ କଣ୍ଠରୁ ସଙ୍ଗୀତ ଶୁଣି ଠାକୁର ସମଧିକ ପ୍ରୀତ ହୋଇଗଲେ ଓ ବିଦାୟ ସମୟରେ ତାଙ୍କର ପରିଚୟ ଗ୍ରହଣ କରି ନରେନ୍ଦ୍ରନାଥଙ୍କୁ ଦକ୍ଷିଣେଶ୍ୱର ଯିବା ନିମିତ ଅନୁରୋଧ ଜଣାଇଲେ। ଏହା ମଧରେ ନରେନ୍ଦ୍ରନାଥ ଏଫ୍.ଏ ପରୀକ୍ଷା ସକାଶେ ବ୍ୟସ୍ତ ରହି ଦକ୍ଷିଣେଶ୍ୱର ଯିବା କଥା ଭୁଲିଗଲେ। ଏଫ୍.ଏ ପରୀକ୍ଷା ଶେଷ ହେବା ପରେ ତାଙ୍କର ପିତା ବିବାହ କରିବା ପାଇଁ ତାଙ୍କୁ କହିଲେ। ଆଜନ୍ମ ବିବାହ-ବିତୃଷ୍ଣ ନରେନ୍ଦ୍ର ଏ ବିଷୟରେ ଭୀଷଣ ଆପତି ଉଠାଇଲେ। ଶ୍ରୀରାମକୃଷ୍ଣଙ୍କର ଗୃହୀ ଭକ୍ତମାନଙ୍କ ମଧରେ ରାମଚନ୍ଦ୍ର ଦତ୍ତ ଅନ୍ୟତମ। ସେ ନିୟମିତ ବିଶ୍ୱନାଥଙ୍କ ଗୃହକୁ ଆସୁଥିଲେ। ତାଙ୍କୁ ନରେନ୍ଦ୍ରନାଥ ବିବାହ ପ୍ରତି ବିତୃଷ୍ଣା ବିଷୟରେ ମନ ଖୋଲି କହିଲେ। ରାମଚନ୍ଦ୍ର ନରେନ୍ଦ୍ରନାଥଙ୍କ ଯୁକ୍ତି ଶୁଣିବା ପରେ କହିଲେ, ଯଦି ପ୍ରକୃତ ସତ୍ୟ ଲାଭ କରିବା ପାଇଁ ଇଚ୍ଛା ଥାଏ ତେବେ ବ୍ରାହ୍ମସମାଜ ଇତ୍ୟାଦି ସ୍ଥାନରେ ନ ବୁଲି ଦକ୍ଷିଣେଶ୍ୱର ପରମହଂସ ଦେବଙ୍କ ନିକଟକୁ ଯାଅ। ନରେନ୍ଦ୍ରନାଥ ମନେ ମନେ ଭାବିଲେ ଓ ଦକ୍ଷିଣେଶ୍ୱର ଯିବାର ସମ୍ମତି ପ୍ରକାଶ କଲେ। ଦୁଇ ଚାରି ଜଣ ବନ୍ଧୁଙ୍କ ସହ ଦକ୍ଷିଣେଶ୍ୱରରେ ଉପସ୍ଥିତ ହେଲେ।

ନରେନ୍ଦ୍ରନାଥଙ୍କୁ ଦେଖିବା ମାତ୍ରେ ଜଣେ ଚିରପରିଚିତ ଲୋକପରି ଶ୍ରୀରାମକୃଷ୍ଣ ସରଳଭାବରେ ଆଳାପ କରିବାକୁ ଲାଗିଲେ। ସଙ୍ଗୀତ ଓ କଥୋପକଥନ ଶେଷ ହେବା ପରେ ନରେନ୍ଦ୍ରଙ୍କୁ ଗୋଟିଏ ଏକାନ୍ତ ସ୍ଥାନକୁ ଡାକି ନେଇ ଠାକୁର କହିଲେ, 'ତୁ କିପରି ଏତେ କାଳ ମୋତେ ଭୁଲିଯାଇଥିଲୁ? ତୁ ଆସିବୁ ବୋଲି ମୁଁ କେତେ ଦିନ ହେଲା ବାଟ ଚାହିଁ ବସିଛି। ବିଷୟୀ ଲୋକମାନଙ୍କ ସହ କଥା କହି କହି ମୋ ମୁହଁ ପୋଡିଗଲାଣି। ଆଜିଠାରୁ ତୋ ଭଳି ଜଣେ ଯଥାର୍ଥ ତ୍ୟାଗୀ ସହିତ କଥା କହି କହି ଶାନ୍ତି ପାଇବି'। ଏହା କହୁ କହୁ ଠାକୁରଙ୍କ ଚକ୍ଷୁ ଅଶ୍ରୁସିକ୍ତ ହୋଇଉଠିଲା। ବିସ୍ମୟ-ବିମିଶ୍ର ବିହ୍ୱଳ ଦୃଷ୍ଟିରେ ନରେନ୍ଦ୍ରନାଥ ଏହି ଅଦ୍ଭୂତ ସନ୍ୟାସୀଙ୍କୁ ଚାହିଁ ରହିଲେ, କଅଣ କହିବେ ଭାବି ପାରିଲେ ନାହିଁ।

କ୍ରମଶଃ ସେ ଠାକୁରଙ୍କ ପ୍ରତି ଆକର୍ଷିତ ହୋଇ ଉଠିଲେ। କ୍ରମାଗତ ତିନି ବର୍ଷ ଠାକୁରଙ୍କୁ ନାନା ପ୍ରକାର ପରୀକ୍ଷା କରିସାରିବାପରେ ଶେଷରେ ସମ୍ପୂର୍ଣ୍ଣରୂପେ ଆତ୍ମ ସମର୍ପଣ କରିଦେଲେ। ତଥାପି ସେ ଠାକୁରଙ୍କୁ ଠିକ୍ ଭାବରେ ବୁଝିପାରୁ ନଥାନ୍ତି। ଦିନେ ଉତ୍ସୁକତା ସହକାରେ ଠାକୁରଙ୍କୁ ପ୍ରଶ୍ନ କଲେ, 'ମହାଶୟ! ଆପଣ କଅଣ ଈଶ୍ୱରଙ୍କୁ ଦେଖିଛନ୍ତି'? ମୃଦୁ ହାସ୍ୟ ରଞ୍ଜିତ ଠାକୁରଙ୍କର ପ୍ରଶାନ୍ତ ମୁଖମଣ୍ଡଳ ଅପୂର୍ବ ଶାନ୍ତି ଓ ପୂଣ୍ୟ ବୈଭବରେ ଉଦ୍ଭାସିତ ହୋଇ ଉଠିଲା। ସେ ଇତସ୍ତତଃ ନ ହୋଇ ଉତର ଦେଲେ, 'ବତ୍ସ! ମୁଁ ଈଶ୍ୱର ଦର୍ଶନ କରିଛି। ମୁଁ ତୁମକୁ ଯେପରି ପ୍ରତ୍ୟକ୍ଷ ଦେଖୁଛି ତାହାଠାରୁ ସ୍ପଷ୍ଟତର ଭାବରେ ଈଶ୍ୱରଙ୍କୁ ଦେଖୁଛି'। ନରେନ୍ଦ୍ରଙ୍କ ବିସ୍ମୟକୁ ଶତଗୁଣ ବର୍ଦ୍ଧିତ କରି ପୁଣି କହିଲେ, 'ତୁମେ ଦେଖିବାକୁ ଚାହୁଁଛ? ତୁମକୁ ମଧ ଦେଖାଇ ଦେଇପାରିବି, ଯଦି ତୁମେ ମୋ କହିବା ଅନୁସାରେ ଆଚରଣ କର'।

ଏକଦା ବ୍ରାହ୍ମଗଣଙ୍କର ଶ୍ରୀରାମକୃଷ୍ଣଙ୍କ ପ୍ରତି ଅଶୋଭନୀୟ ଆଚରଣରେ ବ୍ୟଥିତ ହୋଇ ନରେନ୍ଦ୍ର ବ୍ରାହ୍ମସମାଜ ପରିତ୍ୟାଗ କଲେ। ବାଲ୍ୟକାଳରୁ ନରେନ୍ଦ୍ରନାଥଙ୍କ ହୃଦୟରେ କୌଣସି ସଂଶୟ ଉପସ୍ଥିତ ହେଲେ ତାହାର ମୀମାଂସା ନ କରିବା ପର୍ଯ୍ୟନ୍ତ ସେ ଶାନ୍ତି ଲାଭ କରୁ ନ ଥିଲେ। ଅହୋରାତ୍ର ଚିନ୍ତା କରି ମଧ ସେ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ କୌଣସି ସିଦ୍ଧାନ୍ତରେ ପହଞ୍ଚି ନ ପାରି ଅସ୍ଥିର ହୋଇଉଠିଲେ। ମାତ୍ର ତାଙ୍କର ଆତ୍ମବିଶ୍ୱାସ ଓ ଦୃଢ଼ତା ଏପରି ଅନମନୀୟ ଥିଲା ଯେ ସେ ଠାକୁରଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବା ନିମନ୍ତେ ଓ ତାଙ୍କୁ ପରୀକ୍ଷା କରିବା ଲାଗି ତାଙ୍କ ନିକଟକୁ ଗମନାଗମନ କଲେ, ଏପରି କି ଦକ୍ଷିଣେଶ୍ୱରରେ ରାତ୍ରିରେ ମଧ ରହିଲେ। ଥରେ ସନ୍ଧ୍ୟା ସମୟରେ ସନ୍ଧ୍ୟାଆରତି ଘଣ୍ଟ ବାଜି ନ ଥାଏ। ଠାକୁର ନରେନ୍ଦ୍ରଙ୍କୁ ଚାହିଁ ହଠାତ୍ ତାଙ୍କ ଆସନରୁ ଉଠି ନରେନ୍ଦ୍ରଙ୍କ କାନ୍ଧ ଉପରେ ନିଜ ଡାହାଣ ଗୋଡକୁ ଥୋଇଦେଲେ। ତତ୍‌କ୍ଷଣାତ୍ ତାଙ୍କର ଭାବାନ୍ତର ଉପସ୍ଥିତ ହେଲା। ସେ ଅନୁଭବ କଲେ ଯେପରି ତାଙ୍କ ଆଖି ପାଖରେ ଦୃଶ୍ୟମାନ ପଦାର୍ଥଗୁଡିକ ଗୋଟିଏ ଅନନ୍ତ ସତାରେ ବିଲୀନ ହୋଇଯାଉଛି। କେବଳ ସେ ଏକା। ଶେଷରେ ତାଙ୍କ ଅହଂତ୍ୱର ସତା ବିଲୀନ ହେବାକୁ ଆରମ୍ଭ କଲା। ସେ ଭୟ ଓ ବିସ୍ମୟରେ ଚିତ୍କାର କରି କହିଲେ, 'ଆହେ! ତୁମେ ଏ କ'ଣ କଲ'? ମୋର ଯେ ବାପା-ମାଆ ଅଛନ୍ତି ଠାକୁର ନରେନ୍ଦ୍ରଙ୍କ ବକ୍ଷରେ ହସ୍ତ ସ୍ପର୍ଶମାତ୍ରେ ପୁନରାୟ ସ୍ୱାଭାବିକ ଅବସ୍ଥା ଫେରିଆସିଲା। ନରେନ୍ଦ୍ରନାଥ ପିତାମାତାଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିବାରୁ ଯେପରି ଠାକୁର ତାଙ୍କୁ ଆଉ ପ୍ରଭାବିତ କରି ନ ପାରନ୍ତି ସେଥିପାଇଁ ସାବଧାନ ରହିଲେ। କ୍ରମଶଃ ତାଙ୍କର ସଂସାର ପ୍ରତି ଅନାସକ୍ତ ଭାବ ଜାଗ୍ରତ ହେଲା।

**ଠାକୁରଙ୍କ ଭବିଷ୍ୟତ୍‌ବାଣୀ, ଲୀଳା ସମ୍ବରଣ ଓ ଅନ୍ତିମ ବାଣୀ:** ଦିନେ ନରେନ୍ଦ୍ରଙ୍କୁ ଦେଖାଇ ଠାକୁର ଉପସ୍ଥିତ ବ୍ୟକ୍ତିମାନଙ୍କୁ କହିଲେ, "ଏହି ଯେଉଁ ପିଲାଟିକୁ ଦେଖୁଛ ସେ ଜନ୍ମ ବେଳରୁ ବ୍ରହ୍ମଜ୍ଞାନୀ- ଏହାଙ୍କ ପରି ପିଲାମାନେ ନିତ୍ୟସିଦ୍ଧ। ଏମାନେ କେବେହେଲେ କାମିନୀ-କାଞ୍ଚନ ମାୟାରେ ଆବଦ୍ଧ ହୁଅନ୍ତି ନାହିଁ। ସ୍ୱାମୀ ଯୋଗାନନ୍ଦ ସ୍ୱାମିଜୀଙ୍କ ସମ୍ବନ୍ଧରେ କହିଛନ୍ତି, "ସ୍ୱାମିଜୀଙ୍କ ମଧରେ ଋଷିଙ୍କ ସମାଧି-ତୃଷ୍ଣା, ଶୁକଙ୍କର ମାୟା ଶୂନ୍ୟତା, ଶଙ୍କରଙ୍କ ଜ୍ଞାନ, ନାରଦଙ୍କ ଭକ୍ତି ଏକତ୍ର ମିଳିତ ହୋଇଥିଲା। ସେହି ହେତୁ ଠାକୁର ତାଙ୍କର ଭିନ୍ନ ଭିନ୍ନ ଭାବ ଲକ୍ଷ୍ୟ କରି ଥରକୁ ଥର ଗୋଟିଏ ନାମରେ ଅଭିହିତ କରୁଥିଲେ"। ଏହି ମୀମାଂସା ହିଁ ବିବେକାନନ୍ଦଙ୍କ ପ୍ରତି ସର୍ବାପେକ୍ଷା ଯୁକ୍ତିଯୁକ୍ତ ଓ ସମୀଚୀନ ଅଟେ।

୧୮୮୬ ଖ୍ରୀଷ୍ଟାବ୍ଦ ଜୁଲାଇ ମାସର ଶେଷ ଭାଗ। ଠାକୁରଙ୍କ ଗଳା ରୋଗ କ୍ରମଶଃ ଭୀଷଣ ହେଲା। ଠାକୁର ମୃଦୁ ସ୍ୱରରେ ଫିସ୍ ଫିସ୍ କରି କହିଲେ, "ନରେନ୍! ମୋର ପିଲାଏ ରହିଲେ। ତୁ ସମସ୍ତଙ୍କ ମଧରେ ବୁଦ୍ଧିମାନ ଓ ଶକ୍ତିମାନ୍। ଏମାନଙ୍କୁ ରକ୍ଷା କରିବୁ ଓ ସତ୍ ପଥରେ ଚଳାଇବୁ। ମୁଁ ଶୀଘ୍ର ଦେହ ତ୍ୟାଗ କରିବି"। ଆଉ ଦିନେ ନରେନ୍ଦ୍ରଙ୍କୁ ଡାକି ସଜଳ ନୟନରେ କହିଲେ, "ବାବା! ଆଜି ତୋତେ ସର୍ବସ୍ୱ ଦେଇ ଫକିର ହେଲି"।

ସେ ଦିନ ଥିଲା ୧୮୮୬ ଖ୍ରୀଷ୍ଟାବ୍ଦ ଅଗଷ୍ଟମାସ ଷୋହଳ ତାରିଖ ରବିବାର। ଭକ୍ତବୃନ୍ଦ ଶଯ୍ୟାକୁ ଘେରି ଠିଆ ହୋଇଥାଆନ୍ତି। ନରେନ୍ଦ୍ର ଭାବୁଛନ୍ତି ଯେଉଁ ଶକ୍ତି ଯୁଗେ ଯୁଗେ ଧର୍ମ ସଂସ୍ଥାପନ ଲାଗି କରୁଣାରେ ଅବତୀର୍ଣ୍ଣ ହୁଅନ୍ତି ଶ୍ରୀରାମକୃଷ୍ଣ କଅଣ ତାଙ୍କର ସମଷ୍ଟି! ସତରେ କଅଣ ଶ୍ରୀରାମକୃଷ୍ଣ ଯୁଗଧର୍ମ ପ୍ରବର୍ତକ ଅବତାର ପୁରୁଷ? ପରମହଂସ ରାମକୃଷ୍ଣ ଚକ୍ଷୁ ଖୋଲି ନରେନ୍ଦ୍ରଙ୍କୁ ପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲେ, କ'ଣ ନରେନ୍! ଏ ପର୍ଯ୍ୟନ୍ତ ବି ତୋ'ର ବିଶ୍ୱାସ ହୋଇ ନାହିଁ? ଯେ ରାମ, ସେ କୃଷ୍ଣ, ସେହି ଏଥର ଏକାଧାରରେ ଶ୍ରୀରାମକୃଷ୍ଣ, କିନ୍ତୁ ତୋ ବେଦାନ୍ତ ଦିଗରୁ ନୁହେଁ। କ୍ରମେ ବ୍ରାହ୍ମମୂହୁର୍ତ ଉପସ୍ଥିତ ହେବାମାତ୍ରେ ଠାକୁର ମହାସମାଧି ଯୋଗରେ ନଶ୍ୱର ଦେହ ତ୍ୟାଗ କଲେ।

**ସ୍ୱାମିଜୀଙ୍କର ବିଦେଶ ଯାତ୍ରା:** ୧୮୯୩ ଖ୍ରୀଷ୍ଟାବ୍ଦରେ ସ୍ୱାମିଜୀ ସମୁଦ୍ର ପଥରେ ଆମେରିକା ଯାତ୍ରା କଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଚିକାଗୋ ସହରରେ ଅନୁଷ୍ଠିତ ବିଶ୍ୱଧର୍ମ ମହାସଭାରେ ଯୋଗଦାନ କରିବା। ମାତ୍ର ପ୍ରାଥମିକ ଅବସ୍ଥାରେ ତାଙ୍କର ରହିବାରେ ଅସୁବିଧା ସୃଷ୍ଟି ହୋଇଥିଲା। ତାଙ୍କୁ ଅନେକ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ଜଣେ ଅଜ୍ଞାତ ଓ ନିଃସହାୟ ସମ୍ବଳହୀନ ତରୁଣ ସନ୍ୟାସୀ ବାଧା ବିପତି ଅତିକ୍ରମ କରି ସୁଦୂର ଆମେରିକା ଯାଇ ଯେଉଁ ଅଭୂତପୂର୍ବ ସାଫଲ୍ୟ ଅର୍ଜନ କରିଥିଲେ ତାହା ଆଜି ବେଦାନ୍ତରେ ପରିଣତ ହୋଇଛି। ସ୍ୱାମିଜୀ ନିଜର ସାରଗର୍ଭକ ଭାଷାରେ ପ୍ରାଚ୍ୟର ଦର୍ଶନକୁ ଏପରି ଭାବରେ ପରିବେଷଣ କରିଥିଲେ ଯେ କେବଳ ଯେ ଦର୍ଶକମାନେ ଓ ପାଶ୍ଚାତ୍ୟ ମହାବିଦ୍ୱାନମାନେ ତନ୍ମୟ ହୋଇଥିଲେ ତାହା ନୁହେଁ ସେମାନଙ୍କର ମନରେ ଥିବା ପ୍ରାଚ୍ୟ ଦର୍ଶନର ଭ୍ରମାତ୍ମକ ଧାରଣା ଦୂର ହୋଇ ପାରିଥିଲା।

ମହୋଦଧି ସୋସାଇଟିର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଧର୍ମପାଳ ୧୮୯୪ ଏପ୍ରିଲ ମାସ ୧୨ ତାରିଖରେ "ଇଣ୍ଡିଆନ୍ ମିରର" ପତ୍ରିକାରେ ଲେଖିଥିଲେ-" ସ୍ୱାମୀ ବିବେକାନନ୍ଦଙ୍କର ସୁବୃହତ୍ ପ୍ରତିଶୃତିଗୁଡିକ ଚିକାଗୋର ରାସ୍ତାଘାଟରେ ଟଙ୍ଗା ହୋଇଛି। ତା' ତଳେ ସନ୍ୟାସୀ ବିବେକାନନ୍ଦ ଲିଖିତ ହୋଇଛି। ହଜାର ହଜାର ବିଭିନ୍ନ ସମ୍ପ୍ରଦାୟର ପଥିକ ଏହି ପ୍ରତିଶୃତିଗୁଡିକ ପ୍ରତି ଭକ୍ତିର ସମ୍ମାନ ପ୍ରଦର୍ଶନ କରି ଚାଲିଯାଉଛନ୍ତି"। ସ୍ୱାମିଜୀ ୧୮୯୩-୧୮୯୬ ମସିହା ମଧରେ ଆମେରିକା, ଇଂଲଣ୍ଡ ଓ ଇଉରୋପର ବିଭିନ୍ନ ଦେଶରେ ପରିଭ୍ରମଣ କରି ହିନ୍ଦୁଧର୍ମର ପ୍ରାଚ୍ୟ ଦର୍ଶନର ଯେଉଁ ସୂକ୍ଷ୍ମ ତତ୍ୱ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ ତାହା ଏବେ ବି ପାଶ୍ଚାତ୍ୟ ଦାର୍ଶନିକମାନଙ୍କର ସ୍ମରଣୀୟ ହୋଇ ରହିଛି।


**ସ୍ତମ୍ଭକାର ତଥା ସମ୍ପାଦକ, ମାର୍ଗଦର୍ଶୀ**
**ଖୋରଧା, ମେନ୍‌ରୋଡ୍**
**ମୋବାଇଲ୍: ୬୩୭୦୬୭୫୫୬୨**


# ମୋତେ ଧର, ଜୀବନରେ ଗ୍ରହଣ କର

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପିତାମାତା ଜାନକୀ ନାଥ ବୋଷ ଓ ତାଙ୍କ ସହଧର୍ମିଣୀ ପ୍ରଭାବତୀ ଦେବୀ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦୀକ୍ଷା ଶିଷ୍ୟ ଥିଲେ ଓ ସେମାନଙ୍କର ସନିର୍ବନ୍ଧ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ମାତା ଜନନୀ ମନମୋହିନୀ ଦେବୀ ଓ ଶତାଧିକ ଭକ୍ତଙ୍କ ସହ ସୁଦୂର ବାଂଲାଦେଶର ପାବନା-ହିମାୟିତପୁରରୁ ଆସି ମାସାଧିକ କାଳ ନୀଳାଚଳ ଧାମରେ ଲୀଳାଖେଳ କରିଥିଲେ। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ ଭକ୍ତ ମାନଙ୍କ ସମ୍ମୁଖରେ କହିଥିଲେ - ଭଗବାନ ଶ୍ରୀକୃଷ୍ଣ ପୁରୀ ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ରୂପେ ପ୍ରକଟ, ସାଙ୍ଗରେ ଅଛନ୍ତି ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମ ଓ ଭଗ୍ନୀ ମା ସୁଭଦ୍ରା। ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶ୍ରୀଜଗନ୍ନାଥଙ୍କର ହାତ ନାହିଁ, ଅର୍ଥାତ୍ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରିଚାଲିଲେ ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବୃକ୍ଷରେ ଆଲ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ। ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ। ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ। ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ।


**ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**


# ଶ୍ରୀଜଗନ୍ନାଥଙ୍କ ଜନ୍ମବେଦୀ ଆଡ଼ପ ମଣ୍ଡପ ବା ଶ୍ରୀଗୁଣ୍ଡିଚା ମନ୍ଦିର



**ସନ୍ତୋଷ କୁମାର ଦାଶ**

ଶ୍ରୀ ନୀଳାଚଳ କ୍ଷେତ୍ର ପୁରୀ ର ଅନ୍ୟତମ ପୁଣ୍ୟ ସ୍ଥାନ ହେଉଛି ଶ୍ରୀ ଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପ। ବିଭିନ୍ନ ପ୍ରାଚୀନ ଶାସ୍ତ୍ର ଗ୍ରନ୍ଥ ଓ ଲୋକ ସାହିତ୍ୟରେ ଶ୍ରୀ ଗୁଣ୍ଡିଚା ମନ୍ଦିର କୁ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚା ମଣ୍ଡପ, ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର, ରାସ ମଣ୍ଡପ ଆଦି ନାମ ରେ ଭାବ ରେ ବର୍ଣ୍ଣନା କରାଯାଇଛି। 'ସ୍କନ୍ଦ ପୁରାଣ' ଅନୁସାରେ ଯଜ୍ଞବେଦୀ ଓ ତାର ସନ୍ନିକଟ ସ୍ଥାନ ନୃସିଂହ କ୍ଷେତ୍ର ରୂପେ ବିଦିତ। ଆଡ଼ପ ମଣ୍ଡପ ନୃସିଂହ କ୍ଷେତ୍ରର ପରିସର ଭୁକ୍ତ। ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପ ଚତୁର୍ଦ୍ଧା ବିଗ୍ରହଙ୍କର ପ୍ରଥମ ଅଧିଷ୍ଠାନ ସ୍ଥଳ। ଗୁଣ୍ଡିଚା ମନ୍ଦିର କୁ କାହିଁକି 'ଆଡ଼ପ ମଣ୍ଡପ' କୁହାଯାଏ ତାର ରହିଛି ଭିନ୍ନ ଭିନ୍ନ ମତ। ଗୋଟିଏ ମତ ହେଉଛି, 'ଗୁଣ୍ଡ୍' ଧାତୁର ଅର୍ଥ ଲୁଚାଇବା। ସେଇଥିରୁ ଆସିଛି 'ଗୁଣ୍ଡିଚା' ନାମ। ସେଠାର ଯଜ୍ଞ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବିର୍ଭାବ ବା ଜନ୍ମକାଳରେ, ସେମାନଙ୍କୁ ପଟ୍ଟବସ୍ତ୍ରରେ ଆଚ୍ଛାଦିତ ବା ଲୁକ୍‌କାୟିତ କରି ରଖା ଯାଇଥିଲା। ତେଣୁ ଆବରଣ ବା ଅନ୍ତରାଳ ଯୁକ୍ତ ମଣ୍ଡପରୁ ଆଡ଼ପ ମଣ୍ଡପ ନାମ ଆସିଛି। ଅନ୍ୟ ଏକ ମତ ହେଉଛି- ଆଡ଼ପର ଅର୍ଥ ଏକୁଡ଼ିଶାଳ। ଏହା ଚତୁର୍ଦ୍ଧା ବିଗ୍ରହ ଙ୍କର ଏକୁଡ଼ିଶାଳ ହୋଇ ଥିବାରୁ ଏହା ଆଡ଼ପମଣ୍ଡପ। ଆଉ ଗୋଟିଏ ମତରେ, 'ଆଟୁ'ର ଅର୍ଥ ପଟା ଭାଡ଼ି। ମାଦଳା ପାଞ୍ଜିରେ ଏ ସଂପର୍କରେ ଥିବା ସୂଚନା ଅନୁସାରେ, ଦ୍ୱାଦଶ ଶତାବ୍ଦୀରେ ଗୁଣ୍ଡିଚା ଘରଟି କାଠ ମଣ୍ଡପ ଗୃହରେ ନିର୍ମିତ ଥିଲା। ଏଣୁ ଆଟୁ ବା କାଠ ମଣ୍ଡପ ରୁ ଆଡ଼ପ ମଣ୍ଡପ ହୋଇଥିବା ସମ୍ଭବ। ଏହି ମଣ୍ଡପର ମାହାତ୍ମ୍ୟ ଓ ପବିତ୍ରତା ସଂପର୍କରେ 'ସ୍କନ୍ଦପୁରାଣ-ଉତ୍କଳ ଖଣ୍ଡ' ଅନ୍ତର୍ଗତ 'ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟ ରେ ବର୍ଣ୍ଣନା ରହିଛି। ଏପରିକି ଗୁଣ୍ଡିଚା ମଣ୍ଡପ ବା ଆଡ଼ପ ମଣ୍ଡପ ପ୍ରଭୁ ଙ୍କ ପାଇଁ ପୃଥିବୀର ସବୁଠାରୁ ପ୍ରୀତିପ୍ରଦ ସ୍ଥାନ ବୋଲି ମହାପ୍ରଭୁ ନିଜେ କହିଥିବା ସେଥିରେ ଉଲ୍ଲେଖ ଅଛି। ଗବେଷକ ମାନଙ୍କ ମତରେ କାଳ କ୍ରମେ କାଷ୍ଠ ମଣ୍ଡପର ରକ୍ଷଣା ବେକ୍ଷଣ ଓ ସୁରକ୍ଷା ନିମନ୍ତେ ସେଠାରେ ଏକ କାଷ୍ଠ ନିର୍ମିତ କୁଟୀର ନିର୍ମିତ ହୋଇଥିଲା। ତାହାକୁ ଗୁଣ୍ଡିଚା ଘର କୁହାଗଲା। ପରବର୍ତ୍ତୀ କାଳରେ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟ ରେ ଯେଉଁ ପରିଦୃଶ୍ୟ ମାନ ପୀଢ଼ ଶୈଳୀର ମନ୍ଦିର ନିର୍ମିତ ହୋଇଛି ତାହା ଗୁଣ୍ଡିଚା ମନ୍ଦିର ବା ଗୁଣ୍ଡିଚା ମଣ୍ଡପ ନାମରେ ଅଭିହିତ ହୋଇଛି। ତେଣୁ ଗୁଣ୍ଡିଚା ମଣ୍ଡପ ବା ଆଡ଼ପମଣ୍ଡପ, ଗୁଣ୍ଡିଚା ଘର ବା ଗୁଣ୍ଡିଚା ମନ୍ଦିର ଏକ ସ୍ଥାନ ଓ ଏକ ଅର୍ଥବୋଧକ। ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ବିଗ୍ରହ ମାନେ ଯେଉଁ ସ୍ଥାନରେ ଏକ ସପ୍ତାହବ୍ୟାପୀ ଅବସ୍ଥାନ କରିଥାନ୍ତି, ତାହାକୁ ଆଡ଼ପ ମଣ୍ଡପ ବୋଲି କୁହାଯାଇଥାଏ। କିନ୍ତୁ 'ନୀଳାଦ୍ରି ମହୋଦୟ'ରେ ଏହି ସ୍ଥାନକୁ 'ଯଜ୍ଞବେଦୀ' ଏବଂ ସ୍କନ୍ଦ ପୁରାଣ ରେ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି। କବି ଦୀନକୃଷ୍ଣ ଦାସ ମଧ ତାଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରିଛନ୍ତି। ଅପର ପକ୍ଷରେ ଆଡ଼ପ ମଣ୍ଡପ ମାହାତ୍ମ୍ୟ ସଂପର୍କରେ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ସ୍ୱପ୍ନ ରେ ନିର୍ଦ୍ଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସୁନା ର ଶଗଡ଼ ଧରି ସମୁଦ୍ରକୂଳସ୍ଥ ଚକ୍ରତୀର୍ଥ ଠାରେ ଆବିର୍ଭୂତ ଦାରୁ ନିକଟକୁ ଗଲେ। ବସୁ ଶବରକୁ ମଧ ନିମନ୍ତ୍ରଣ କରିଥିଲେ। ସ୍ୱପ୍ନରେ ପ୍ରଭୁଙ୍କର ଆଜ୍ଞା ମତେ ରାଜା ନିଜେ ମୁଣ୍ଡରେ ପାଟ ମୁରୁଳା ବାନ୍ଧି ଠିଆ ହେଲେ। ଶକଟ ବା ଶଗଡ଼ ଉପରେ ବିଜେ କଲେ ଦାରୁ। ଏ ମହାଦାରୁ ଙ୍କୁ ଧରି ରାଜା ଆଡ଼ପ ମଣ୍ଡପ ଠାରେ ନିଜେ ଉପସ୍ଥିତ ରହି ଯାଗ କରାଇଲେ। ଯାଗ ବେଦୀକୁ ମାଡ଼ି ନୃସିଂହ ରହିଲେ। ଏହି ଆଡ଼ପ ମଣ୍ଡପ ଠାରେ ଜଗନ୍ନାଥ ମୂର୍ତ୍ତିକୁ ଗଢ଼ିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ରାଣୀ ଗୁଣ୍ଡିଚା ଦେବୀଙ୍କୁ ଜଣାଇଲେ। ତୁମ ନାମରେ ଗୁଣ୍ଡିଚା ଯାତ୍ରା ହେବ। ଜଗନ୍ନାଥ ଏହି ଆଡ଼ପ ମଣ୍ଡପ ରେ କିଛି ଦିନ ଅବସ୍ଥାନ କରିବେ। ନୀଳାଦ୍ରି ମହୋଦୟ'ର ବର୍ଣ୍ଣନା ଅନୁସାରେ, ନୀଳାଚଳ ରେ ଦଶବର୍ଷ ପର୍ଯ୍ୟନ୍ତ ଶ୍ରୀ ବିଗ୍ରହ ମାନଙ୍କ ର ଦର୍ଶନ ଓ ପୂଜାର୍ଚ୍ଚନା ରେ ଯେଉଁ ଫଳ ମିଳେ,ସେହି ଫଳ ଯଜ୍ଞ ବେଦୀ ବା ଆଡ଼ପ ମଣ୍ଡପ ରେ ଗୋଟିଏ ଦିନର ଦର୍ଶନ ରେ ମିଳିଥାଏ। ସ୍କନ୍ଦପୁରାଣ ଉତ୍କଳଖଣ୍ଡ ର 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ' ରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ, ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ଏବଂ ଯେଉଁଠାରେ ତୁମର ସହସ୍ର ଅଶ୍ୱମେଧ ଯଜ୍ଞର ଯଜ୍ଞବେଦୀ, ସେହି ଗୁଣ୍ଡିଚା ମଣ୍ଡପକୁ ଆମ୍ଭମାନଙ୍କୁ ନେଇଯିବ। ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ହେତୁ ଅଖଣ୍ଡ ପ୍ରୀତିଜନକ। ମୁଁ ସେଠାକୁ (ଆଡ଼ପ ମଣ୍ଡପକୁ) ନବଦିନ ଗମନ କରିବି ଏବଂ ସେଠାରୁ ପୁନରାୟ ଏହି ସ୍ଥାନକୁ (ଶ୍ରୀମନ୍ଦିରକୁ) ଆଗମନ କରିବି। ସେଠାରେ ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ। ଏହି ନବଦିନ ଯାତ୍ରାରେ ଶ୍ରୀବିଗ୍ରହମାନେ ସେଠାରେ ସାତଦିନ ଅବସ୍ଥାନ କରିଥାନ୍ତି।ତାହା'ମହାବେଦୀ ମହୋତ୍ସବ' ଭାବରେ ଖ୍ୟାତ। ପୁରାଣର ବର୍ଣ୍ଣନା ଅନୁଯାୟୀ, ଏହି 'ମହାବେଦୀ ମହୋତ୍ସବ'କୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। 'ସ୍କନ୍ଦପୁରାଣ'ର ୨୯ ଅଧ୍ୟାୟ ରେ କୁହାଯାଇଛି, "ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପ୍ରଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହ କ୍ଷେତ୍ର ମଧ ତଦନୁରୂପ ପ୍ରୀତିପ୍ରଦ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀ କ୍ଷେତ୍ର ପୁରୀ ଠାରେ ମାନବୀୟ ଲୀଳା କରୁଛନ୍ତି। ପ୍ରତ୍ୟେକ ମନୁଷ୍ୟ ପରି ନିଜ ଜନ୍ମ ସ୍ଥାନ କୁ ବୁଲି ଯିବାକୁ ମହାପ୍ରଭୁ ବି ଇଚ୍ଛା ପ୍ରକାଶ କରି ଏହି ଲୀଳା କରୁଛନ୍ତି। ନିଜ ଜନ୍ମ ସ୍ଥାନରେ ସେ ସାତ ଦିନ ରହିବା ଲାଗି ରଥଯାତ୍ରାର ବିଧାନ କରାଇଛନ୍ତି। ସେଠାରେ ନବମୀ ଦିନ ଭକ୍ତମାନଙ୍କୁ 'ସନ୍ଧ୍ୟାଦର୍ଶନ ଦେଇ, ଦଶମୀ ଦିନ ଶ୍ରୀବିଗ୍ରହମାନେ ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏଣୁ ଶ୍ରୀ ଗୁଣ୍ଡିଚା ମନ୍ଦିର ରେ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ମାନଙ୍କ ମଧରେ ରହିଥାଏ ଅନେକ ଉତ୍କଣ୍ଠା ଓ ଆଗ୍ରହ।


**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮୮।**

# କୃଷକଙ୍କୁ ମାସକୁ ମିଳିବ ୩୦୦୦ ପେନସନ



ନୂଆଦିଲ୍ଲୀ,୬।୭: କେନ୍ଦ୍ର ସରକାର କୃଷକମାନଙ୍କୁ ବୃଦ୍ଧାବସ୍ଥାରେ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ପିଏମ୍ କିଶାନ ମାନଧନ ଯୋଜନା ଚଳାଉଛନ୍ତି। ଏହି ଯୋଜନାରେ ବହୁତ କମ୍ ଟଙ୍କା ଯୋଗାଣ କରି (୫୫ରୁ ୨୦୦ ଟଙ୍କା ମାସକୁ) ୬୦ ବର୍ଷ ବୟସ ପରେ ୩୦୦୦ ଟଙ୍କା ପେନସନ ପାଇପାରିବେ। ବଡ଼ କଥା ହେଉଛି ଯେ ଏହି ଯୋଜନାରେ ଯେତେ ଟଙ୍କା କୃଷକ ଦେବେ ସେତିକି ଟଙ୍କା ସରକାର ମଧ୍ୟ ଦେବେ। ପିଏମ୍ କିଷାନ ମାନଧନ ଯୋଜନା ପ୍ରାରମ୍ଭିକ ସମୟରେ ସରକାରଙ୍କ ପକ୍ଷରୁ ଦେଶର ଆର୍ଥିକସ୍ତରରେ ଦୁର୍ବଳ କୃଷକମାନଙ୍କ ବୃଦ୍ଧାବସ୍ଥା ସୁରକ୍ଷିତ କରିବା ପାଇଁ କରାଯାଇଥିଲା। ଏହି ଯୋଜନାରେ ନିବେଶ କରି କୃଷକମାନେ ୬୦ ବର୍ଷ ପରେ ମାସକୁ ୩ ହଜାର ଲେଖାଏଁ ବର୍ଷକୁ ୩୬ ହଜାର ଟଙ୍କାର ପେନସନ ପାଇପାରିବେ। ଯେଣୁ ଅନେକ କୃଷକ ଏହି ଯୋଜନା ଅଧିନରେ ଆବେଦନ କରି ଲାଭବାନ ହେଉଛନ୍ତି। ୧୮ ବର୍ଷରୁ ୪୦ ବର୍ଷ ମଧ୍ୟରେ ବୟସ ଥିବା କୃଷକ ଏଥିରେ ଆବେଦନ କରିପାରିବେ। ଯେଉଁ ବୟସରୁ ଆବେଦନ କରିବେ ସେହି ଅନୁଯାୟୀ ନିବେଶ ରାଶି ସ୍ଥିର କରାଯାଇଥାଏ। ଯଦି ଆପଣଙ୍କ ବୟସ ୧୮ ବର୍ଷ ତେବେ ଆପଣଙ୍କୁ ମାସିକ ୫୫ ଟଙ୍କା ନିବେଶ କରିବାକୁ ପଡ଼ିଥାଏ। ୬୦ ବର୍ଷ ବୟସ ହେବା ଯାଏ ଏଥିରେ ଆବେଦନ କରିବାକୁ ପଡ଼ିଥାଏ। ୬୦ ବର୍ଷ ପରେ ଆପଣଙ୍କୁ ମାସକୁ ୩ ହଜାର ଟଙ୍କାର ପେନସନ ମିଳିଥାଏ।

# ନୂଆ ରାଜନୈତିକ ଦଳ ଘୋଷଣା କଲେ ଏଲନ ମସ୍କ

ନୂଆଦିଲ୍ଲୀ,୬।୭: ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ଟେସଲା ଓ ସ୍ପେସଏକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲନ ମସ୍କ ଆମେରିକାରେ ଏକ ନୂଆ ରାଜନୈତିକ ଦଳ 'ଆମେରିକା ପାର୍ଟି' ଗଠନ କରିଛନ୍ତି। ଆଜି ଏହାକୁ ସେ ସରକାରୀ ଭାବେ ଘୋଷଣା କରିଛନ୍ତି। ଏହି ଘୋଷଣା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ସାମ୍ପ୍ରତିକ ବିବାଦ ପରେ ଆସିଛି, ଯେଉଁଥିରେ ମସ୍କ ଟ୍ରମ୍ପଙ୍କ 'ୱାନ ବିଗ ବ୍ୟୁଟିଫୁଲ ବିଲ' (One Big Beautiful Bill)କୁ ତୀବ୍ର ବିରୋଧ କରିଥିଲେ।

ମସ୍କଙ୍କ ଏହି ନୂଆ ରାଜନୈତିକ ଉଦ୍ୟମ ଆମେରିକାର ଦୁଇ ପ୍ରମୁଖ ରାଜନୈତିକ ଦଳ ଡେମୋକ୍ରାଟ ଓ ରିପବ୍ଲିକାନଙ୍କୁ ଚ୍ୟାଲେଞ୍ଜ କରିବା ଲକ୍ଷ୍ୟରେ ଗଠିତ ହୋଇଛି। ସେ ଏହାକୁ 'ୟୁନିପାର୍ଟି' ବ୍ୟବସ୍ଥାର ବିକଳ୍ପ ଭାବେ ଦେଖୁଛନ୍ତି, ଯାହା ତାଙ୍କ ମତରେ ଆମେରିକାରେ ଏକ ଏକଦଳୀୟ ଶାସନ ସୃଷ୍ଟି କରୁଛି। ମସ୍କ ଦାବି କରିଛନ୍ତି ଯେ, ଟ୍ରମ୍ପଙ୍କ ଏହି ବିଲ ଜାତୀୟ ଋଣକୁ ୩.୩ ଟ୍ରିଲିୟନ ଡଲାର ବୃଦ୍ଧି କରିବ ଏବଂ ଋଣ ସୀମା ୫ ଟ୍ରିଲିୟନ ଡଲାର ବୃଦ୍ଧି ହୋଇଯିବ। ଯାହା ଦେଶକୁ ଆର୍ଥିକ ସଙ୍କଟ ଆଡ଼କୁ ନେଇଯିବ।

ଏଲନ ମସ୍କ ପୂର୍ବରୁ ଟ୍ରମ୍ପଙ୍କ ୨୦୨୪ ନିର୍ବାଚନ ପ୍ରଚାର ପାଇଁ ୨୭୭ ମିଲିୟନ ଡଲାରରୁ ଅଧିକ ଦାନ କରିଥିଲେ ଏବଂ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭରେ ସେ 'ଡିପାର୍ଟମେଣ୍ଟ ଅଫ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସି' (DOGE)ର ନେତୃତ୍ୱ ନେଇଥିଲେ। କିନ୍ତୁ ମେ ମାସରେ ସେ ଏହି ପଦ ଛାଡ଼ିଥିଲେ, ଯେତେବେଳେ ସେ ଟ୍ରମ୍ପଙ୍କ ବଜେଟ ଯୋଜନାକୁ ତୀବ୍ର ବିରୋଧ କରିବା ଆରମ୍ଭ କରିଥିଲେ। ମସ୍କ ଏହି ବିଲକୁ 'ଅସାଧାରଣ ଅପଚୟ' ବୋଲି ଅଭିହିତ କରିଛନ୍ତି ଏବଂ ଏହାର ବିରୋଧରେ ଥିବା ଏମପିମାନଙ୍କୁ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି।

ଟ୍ରମ୍ପଙ୍କ ଏହି ବିଲରେ କର ହ୍ରାସ, ଇମିଗ୍ରେସନ ପ୍ରୟୋଗ ଓ ସାମରିକ ଖର୍ଚ୍ଚ ବୃଦ୍ଧି ଏବଂ ମେଡିକେଡ ଭଳି ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମରେ ବଡ଼ କାଟ ଅନ୍ତର୍ଭୁକ୍ତ। ଏହା ବିଶେଷ କରି ଇଲେକ୍ଟ୍ରିକ ଗାଡ଼ି ଓ ନବୀକରଣଯୋଗ୍ୟ ଶକ୍ତି ପାଇଁ ଟିକସ ରିହାତିକୁ ହ୍ରାସ କରୁଛି, ଯାହା



ମସ୍କଙ୍କ ଟେସଲା କମ୍ପାନୀ ପାଇଁ ସିଧା ପ୍ରଭାବ ପକାଇପାରେ। ମସ୍କ ଏହାକୁ 'ଦେଶକୁ ଦିବାଳିଆ କରିବା'ର ଏକ ପଦକ୍ଷେପ ବୋଲି ଅଭିଯୋଗ କରିଛନ୍ତି।

ଏହି ବିବାଦ ମଧ୍ୟରେ ଟ୍ରମ୍ପ ମସ୍କଙ୍କ ବିରୋଧରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ମସ୍କଙ୍କୁ ଦେଶାନ୍ତର କରିବାର ଧମକ ଦେଇଛନ୍ତି ଏବଂ ତାଙ୍କ କମ୍ପାନୀଗୁଡ଼ିକୁ ମିଳୁଥିବା ବିଲିୟନ ଡଲାରର ସବସିଡି ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ସବସିଡି ବିନା ଏଲନଙ୍କୁ ସମ୍ଭବତଃ ଦକ୍ଷିଣ ଆଫ୍ରିକାକୁ ଫେରିଯିବାକୁ ପଡ଼ିବ।

ଅନ୍ୟପକ୍ଷରେ, ମସ୍କ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଲ କରିଥିଲେ, ଯେଉଁଥିରେ ସେ ପଚାରିଥିଲେ, ଆମେରିକାରେ ଏକ ନୂଆ ରାଜନୈତିକ ଦଳ ଗଠନ କରିବାର ସମୟ ଆସିଛି। ଯାହା ୨:୧ ଅନୁପାତରେ ଜନତାଙ୍କ ସମର୍ଥନ ପାଇଥିଲା। ଶନିବାର ସେ ଘୋଷଣା କରିଥିଲେ, ଆଜି ଆମେରିକା ପାର୍ଟି ଗଠନ ହେଲା ଯାହା ଆପଣଙ୍କୁ ଆପଣଙ୍କର ସ୍ୱାଧୀନତା ଫେରାଇ ଦେବ। ମସ୍କ ଏହି ନୂଆ ଦଳ ମାଧ୍ୟମରେ କିଛି ନିର୍ଦ୍ଦିଷ୍ଟ କଂଗ୍ରେସ ଆସନ ଓ ସିନେଟ ଆସନ ଉପରେ ଧ୍ୟାନ ଦେବେ ବୋଲି ଇଙ୍ଗିତ ଦେଇଛନ୍ତି, ଯାହା ତାଙ୍କ ରାଜନୈତିକ ପ୍ରଭାବ ବୃଦ୍ଧି କରିବା ପାଇଁ ଏକ କୌଶଳଗତ ପଦକ୍ଷେପ ହେବ। ତେବେ, ସେ ଏହାର ସମ୍ପୂର୍ଣ୍ଣ ଯୋଜନା ବା ନେତୃତ୍ୱ ସମ୍ପର୍କରେ ସ୍ପଷ୍ଟ କିଛି କହିନାହାନ୍ତି। ରାଜନୈତିକ ବିଶେଷଜ୍ଞମାନେ ମସ୍କଙ୍କ ଏହି ପଦକ୍ଷେପକୁ ଆମେରିକାର ଦୁଇ ଦଳୀୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିବାର ଏକ ସାହସୀ ପ୍ରୟାସ ବୋଲି ଦେଖୁଛନ୍ତି।

ମସ୍କଙ୍କ ଏହି ନୂଆ ରାଜନୈତିକ ଦଳ ଆମେରିକାର ରାଜନୀତିରେ କେତେ ପ୍ରଭାବ ପକାଇବ, ତାହା ଆଗାମୀ ଦିନରେ ଦେଖାଯିବ। ତେବେ, ଏହା ନିଶ୍ଚିତ ଭାବେ ଆମେରିକୀୟ ରାଜନୀତିରେ ଏକ ନୂଆ ବିତର୍କର ସୂଚନା କରିଛି।

## କୁଲ୍ଲୁରେ ପ୍ରବଳ ବର୍ଷା ଯୋଗୁଁ ନଦୀକୁ ଖସିଲା କାର୍, ୪ ମୃତ



ନୂଆଦିଲ୍ଲୀ,୬।୭: ହିମାଚଳ ପ୍ରଦେଶ କୁଲ୍ଲୁରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ରୋହତଙ୍ଗର ଦରେ ନିକଟରେ ରାହନୀନାଲା ନିକଟରେ ହୋଇଛି। କାର୍ ରାସ୍ତାରୁ ଖସି ଯାଇ ଖାଲରେ ପଡ଼ିଛି। ଖବର ମୁତାବକ, ରୋହତାଙ୍ଗ ଦରେ ନିକଟରେ ରହନୀନାଲା ନିକଟରେ ହଠାତ୍ କାରଟି ରାସ୍ତାରୁ ଖସି ଖାଇକୁ ଖସିପଡ଼ିଥିଲା। କାରରେ ମୋଟ ୫ ଜଣ ଲୋକ ରହିଥିଲେ। ପ୍ରବଳ ବର୍ଷା ଯୋଗୁଁ ଗାଡ଼ି ଅନିୟନ୍ତ୍ରିତ ହୋଇ ତଳକୁ ଖସିପଡ଼ିଥିଲା। ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି। ମୃତକଙ୍କ ପରିଚୟ ମିଳିନାହିଁ। ତେବେ ଘଟଣାରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁକ୍ଖୁ ଶୋକ ପ୍ରକାଶ କରିଛନ୍ତି। ସେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ଈଶ୍ୱର ମୃତଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ଏବଂ ଦୁଃଖ ସହିବାକୁ ଶକ୍ତି ଦିଅନ୍ତୁ। ଆହତଙ୍କ ଶୀଘ୍ର ସୁସ୍ଥ କାମନା କରିଛନ୍ତି। ଏହାସହିତ ସ୍ଥାନୀୟ ପ୍ରଶାସନକୁ ଆହତଙ୍କୁ ସଠିକ୍ ଚିକିତ୍ସା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଚାରିଆଡେ ପାଣି ଭରିଛି। ପ୍ରବଳ ବର୍ଷାରେ କୁଲ୍ଲୁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ୩୧୧ରୁ ଅଧିକ ରାସ୍ତା ଅବରୋଧ ହୋଇଛି। ସରକାର ଏଭଳି ସ୍ଥିତି ଦେଖି ୨୪ ଘଣ୍ଟିଆ ହେଲପଲାଇନ ନମ୍ବର ଜାରି କରିଛନ୍ତି।

## ମୁମ୍ବାଇ ଅଣୁଶକ୍ତି ନଗରରେ ବାହୁଡ଼ା ଯାତ୍ରା ଓ ସୁନାବେଶ



ମୁମ୍ବାଇ,୬।୭: ମୁମ୍ବାଇ ଅଣୁଶକ୍ତିନଗର ଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଆନନ୍ଦ ଉଦ୍ଦୀପନା ସହିତ ଅନୁଷ୍ଠିତ ହୋଇ ଯାଇଛି। ପ୍ରାତଃ କାଳରେ ଶ୍ରୀଜୀଉମାନଙ୍କର ଦୈନନ୍ଦିନ ପୂଜା ଓ ହୋମ ସମ୍ପନ୍ନ ପରେ ଅନ୍ନ ପ୍ରସାଦ ଓ ଆରତୀ କରାଯାଇ ଶ୍ରୀବିଗ୍ରହମାନଙ୍କୁ ରଥାରୂଢ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ଥାନୀୟ ଓଡିଆ ସଂଗଠନ ଆନୁକୂଲ୍ୟରେ ଆୟୋଜିତ ବାହୁଡ଼ା ଯାତ୍ରାରେ ରଥ ଏବଂ ରଥ ଦଉଡି ପୂଜା ସମ୍ପନ୍ନ ସହ ପାଶ୍ୱର୍ ଦେବାଦେବୀଙ୍କ ପୂଜା କରାଯାଇ ଥିଲା। ଶନିବାର ଦିନ ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କର ମଙ୍ଗଳାର୍ପଣ ଏବଂ ରଥ ଉପରକୁ ଧାଡ଼ି ପହଣ୍ଡି ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ରଥାରୂଢ଼ ଠାକୁରମାନଙ୍କର ପୂଜା ନୀତି, ପଣା ଭୋଗ ଏବଂ ସୁବର୍ଣ୍ଣ ସମାର୍ଜନୀରେ ଆଦ୍ୟ ସେବକ ଅଣୁଶକ୍ତି ନଗର ଓଡିଆ ସଂଗଠନର ଅଧ୍ୟକ୍ଷ ଡା଼ ନିଗମନନ୍ଦ ମିଶ୍ର ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ରଥ ପରିକ୍ରମା ଆରମ୍ଭ ହୋଇଥିଲା।

ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତ ଥିଲେ। ଜୟ ଜଗନ୍ନାଥ ଧ୍ୱନି ହରିବୋଲ, ହୁଳହୁଳି, ଘଣ୍ଟ ଘଣ୍ଟା ବାଦନ ଏବଂ ଭଜନ-କୀର୍ତ୍ତନ ମଧ୍ୟରେ ଅଣୁଶକ୍ତିନଗର ପରିସରରେ ରଥ ପରିକ୍ରମା କରିଥିଲା। ପରିକ୍ରମା ପଥରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନର ଆୟୋଜନ ସଂଗଠନ ଦ୍ୱାରା କରାଯାଇଥିଲା। ସେହିପରି ପିଲାମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ମନ୍ଦିର ନିକଟରେ ଲକ୍ଷ୍ମୀନାରାୟଣ ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ରଥାସୀନ ଶ୍ରୀବିଗ୍ରହମାନଙ୍କର ସନ୍ଧ୍ୟା ଆରତୀ, ଭୋଗ ଏବଂ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ରାତ୍ରିରେ ଭକ୍ତମାନଙ୍କ ଦ୍ୱାରା ହରିନାମ ସଙ୍କୀର୍ତ୍ତନ ପାଲା ପରିବେଷଣ ସହ ଅନ୍ନ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ରବିବାର ଦିନ ମହାପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପାରମ୍ପରିକ ଓଡ଼ିଆ ପିଠା ଭୋଗ ଅର୍ପଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଅଣୁଶକ୍ତି ନଗର ହେଉଛି ମହାନଗର ମୁମ୍ବାଇଠାରେ କେନ୍ଦ୍ର ସରକାରଙ୍କ ପରମାଣୁ ଉର୍ଜା ବିଭାଗର ଆବାସିକ ଅଞ୍ଚଳ। ଅଣୁଶକ୍ତିନଗର ଓଡିଆ ସଂଗଠନ ଆନୁକୁଲ୍ୟରେ ବିଭାଗରେ କାର୍ଯ୍ୟରତ ପ୍ରାୟ ୩୦୦ ଓଡିଆ ପରିବାରଙ୍କର ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ପ୍ରତି ବର୍ଷ ଏଠାରେ ରଥ ଯାତ୍ରା ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ମହୋତ୍ସବର ସଫଳ ଆୟୋଜନ ପାଇଁ ସଂଗଠନ ପକ୍ଷରୁ ଅଧ୍ୟକ୍ଷ ଡା଼ ନିଗମାନନ୍ଦ ମିଶ୍ର, ଉପାଧ୍ୟକ୍ଷ ଜିତେନ୍ଦ୍ର ଶୁକ୍ଲା, ସଚିବ ଅଶୋକ କୁମାର ରଥ, ରଥଯାତ୍ରା କାର୍ଯ୍ୟନିର୍ବାହୀ ସଂଯୋଜକ ଡା. ସନ୍ତୋଷ କୁମାର ପ୍ରଧାନ, ସଂଗଠନର ବରିଷ୍ଠ ମାର୍ଗ ଦର୍ଶକ ଏବଂ ସଦସ୍ୟମାନେ ସହଯୋଗ କରିଥିଲେ।

## ଗାଜା ଉପରେ ବଡ଼ ଏୟାରଷ୍ଟ୍ରାଇକ, ୩୩ ପାଲେଷ୍ଟାଇନୀ ମୃତ



ନୂଆଦିଲ୍ଲୀ,୬।୭: ଇସ୍ରାଏଲ ସେନା ଗାଜା ଉପରେ ଏକ ବଡ଼ ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣରେ ୩୩ ଜଣ ପାଲେଷ୍ଟାଇନୀଙ୍କର ମୃତ୍ୟୁ ଘଟିଛି। ଏହି ମୃତକଙ୍କ ମଧ୍ୟରେ ପିଲା ରହିଛନ୍ତି। ଯାହାର ସୂଚନା ହସ୍ପଟାଲ ଅଧିକାରୀମାନେ ରବିବାର ଦିନ ଦେଇଛନ୍ତି। ସୂଚନାନୁଯାୟୀ, ଗାଜାର ବିଭିନ୍ନ ସ୍ଥାନରେ ଥିବା ହମାସ କମାଣ୍ଡ ସେଣ୍ଟରଗୁଡ଼ିକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। ୨୪ ଘଣ୍ଟାରେ ଗାଜାର ୧୩୦ଟି ସ୍ଥାନକୁ ଟାର୍ଗେଟ କରିଥିଲା ଇସ୍ରାଏଲ। ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ହ୍ୱାଇଟ ହାଉସରେ ଟ୍ରମ୍ପଙ୍କ ସହ ଆଲୋଚନା କରିବାକୁ ଯାଇଥାନ୍ତେ। ଯେଉଁଥି ପାଇଁ ସେ ପ୍ରସ୍ତୁତ ହେଉଥିଲେ। ସେହି ସମୟରେ ଗାଜା ଉପରେ ଇସ୍ରାଏଲ ଏପରି ଆକ୍ରମଣ କରିଛି।

ଟ୍ରମ୍ପ ଗାଜାରେ ୬୦ ଦିନିଆ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଥିଲେ। ହମାସ ବନ୍ଦୀ କରି ରଖିଥିବା କିଛି ଲୋକଙ୍କୁ ମୁକ୍ତ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥାନ୍ତେ। ଯାହାର ଉଦ୍ଦେଶ୍ୟ ଥିଲା ୨୧ ମାସ ଧରି ଚାଲିଥିବା ଯୁଦ୍ଧର ସ୍ଥାୟୀ ଅନ୍ତ ଘଟାଇବା। ଏହି ଆକ୍ରମଣରେ ଗାଜା ସହରର ଦୁଇଟି ଆବାସ ଘର ଉପରକୁ ଟାର୍ଗେଟ କରିଥିବା ସୂଚନା ମିଳୁଛି। ଯେଉଁଥିରେ ୨୦ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୨୫ଜଣ ଆହତ ହୋଇଛନ୍ତି। ଏହାରି ମଧ୍ୟରେ ନାସେ ହସ୍ପିଟାଲର ଅଧିକାରୀମାନେ କହିଛନ୍ତି ଯେ, ମୁୱାସି ନାମକ ଏକ ଅଞ୍ଚଳରେ ଇସ୍ରାଏଲୀ ବୋମା ମାଡ଼ରେ ୧୩ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଉତ୍ତର ଗାଜାରେ ଅନେକ ଆତଙ୍କବାଦୀମାନେ ମଧ୍ୟ ନିହତ ହୋଇଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ସାଧାରଣ ନାଗରିକଙ୍କ ମୃତାହତଙ୍କ ସଂଖ୍ୟା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ତରାଷ୍ଟ୍ର ସମବାୟର ନଜର ବର୍ତ୍ତମାନ ୱାଶିଂଟନର ଯୁଦ୍ଧବିରତି ଉପରେ ରହିଛି।

## ହେଲାନି ମରାମତି, ଖଣ୍ଡ ଖଣ୍ଡ କରି ସ୍ୱଦେଶ ଫେରିବ ଜେଟ ଏଫ୍ ୩୫ବି



ନୂଆଦିଲ୍ଲୀ,୬।୭:ହୋଇପାରଲାନି ମରାମତି। ଖଣ୍ଡ ଖଣ୍ଡ କରି ସ୍ୱଦେଶ ଫେରିବ ବ୍ରିଟିଶ ଫାଇଟର ଜେଟ ଏଫ୍ ୩୫ବି। ଏନେଇ କେରଳ ଥିରୁବନନ୍ତପୁରମରେ ପହଞ୍ଚିଛନ୍ତି ୪୦ ଜଣିଆ ବ୍ରିଟିଶ ଟେକନିକାଲ ଟିମ। ବ୍ରିଟିଶ ରୟାଲ୍ ବାୟୁସେନା ଏୟାରବସ୍ ଏ୪୦୦ଏମ୍ ଆଟଲାସରେ ଏହି ବୈଷୟିକ ବିଶେଷଜ୍ଞ ଦଳ ଥିରୁବନନ୍ତପୁରମ ବିମାନବନ୍ଦରରେ ପହଞ୍ଚିଛନ୍ତି। ଜୁନ ୧୪ରେ କେରଳର ଥିରୁବନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ହାଇଡ୍ରଲିକ ସିଷ୍ଟମ ବିଫଳତା କାରଣରୁ ଅଚଳ ରହିଛି ଜେଟ୍। ଯଦି ଏହାର ମରାମତି ସମ୍ଭବ ନ ହୁଏ ତେବେ ବ୍ରିଟିଶ ଅଧିକାରୀମାନେ ଏହାକୁ ଆଂଶିକ ଭାବେ ଖୋଲି ସାମରିକ କାର୍ଗୋ ବିମାନରେ ୟୁକେକୁ ପଠାଇବା ପାଇଁ ଚିନ୍ତା କରୁଥିବା ଜଣାଯାଇଛ।

## ଅବସର ପରେ କ୍ୱାର୍ଟର୍ସ ଛାଡ଼ିନାହାନ୍ତି ପୂର୍ବତନ ବଚାରପତି



ନୂଆଦିଲ୍ଲୀ,୬।୭: ସୁପ୍ରିମକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ସରକାରୀ ବାସଭବନରେ ଏପର୍ଯ୍ୟନ୍ତ ରହିବା ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୋର୍ଟ ପ୍ରଶାସନ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟକୁ ଚିଠି ଲେଖି ଚନ୍ଦ୍ରଚୂଡ଼ଙ୍କୁ ବାସଭବନ ଖାଲି କରିବାକୁ ଅନୁରୋଧ କରିଛି। ଚିଠିରେ କୁହାଯାଇଛି ଯେ, ନିୟମ ଅନୁଯାୟୀ, ଅବସର ପରେ କେହି ଏତେ ଦିନ ପର୍ଯ୍ୟନ୍ତ ସରକାରୀ ବାସଭବନରେ ରହିପାରିବେ ନାହିଁ।

ଚନ୍ଦ୍ରଚୂଡ଼ ୨ ବର୍ଷ ପାଇଁ ଭାରତର ମୁଖ୍ୟ ବିଚାରପତି ରହିବା ପରେ ୧୦ ନଭେମ୍ବର ୨୦୨୪ରେ ଅବସର ନେଇଥିଲେ। ପଦବୀରେ ଥିବା ସମୟରେ ତାଙ୍କୁ ମୁଖ୍ୟ ବିଚାରପତିଙ୍କ ବାସଭବନ ଭାବରେ ୫ କୃଷ୍ଣ ମେନନ ମାର୍ଗ ବଙ୍ଗଳା ମିଳିଥିଲା। ଏହା ଏକ ଟାଇପ୍ ୮ ବଙ୍ଗଳା। ଅବସର ପରେ ନିୟମ ଅନୁସାରେ ତାଙ୍କୁ ଅସ୍ଥାୟୀ ବାସଭବନ ଭାବରେ ଏକ ଟାଇପ-୭ ବଙ୍ଗଳା ଆବଣ୍ଟିତ କରାଯାଇଥିଲା, କିନ୍ତୁ ସେ ସୁପ୍ରିମକୋର୍ଟ ପ୍ରଶାସନକୁ ଅନୁରୋଧ କରିଥିଲେ ଏବଂ ୩୦ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ୫ କୃଷ୍ଣ ମେନନ ମାର୍ଗ ବଙ୍ଗଳାରେ ରହିବା ପାଇଁ ଅନୁମତି ନେଇଥିଲେ। ଏହି ଅବଧି ସମାପ୍ତ ହେବା ପରେ ମଧ୍ୟ ବର୍ତ୍ତମାନର ମୁଖ୍ୟ ବିଚାରପତି ବିଆର ଗଭାଇ ତାଙ୍କୁ ୩୧ ମେ' ପର୍ଯ୍ୟନ୍ତ ବାସଭବନରେ ରହିବାକୁ ଅନୁମତି ଦେଇଥିଲେ।

ସୁପ୍ରିମକୋର୍ଟ ପ୍ରଶାସନ ଦ୍ୱାରା ଲେଖାଯାଇଥିବା ଚିଠି ଅନୁଯାୟୀ, ଚନ୍ଦ୍ରଚୂଡ଼ ଅବସର ନେବାର ୮ ମାସ ପରେ ମଧ୍ୟ ବଙ୍ଗଳା ଖାଲି କରିନାହାନ୍ତି। ତାଙ୍କ ଅନୁରୋଧରେ ସୁପ୍ରିମକୋର୍ଟ ତାଙ୍କୁ ମେ' ୩୧ ପର୍ଯ୍ୟନ୍ତ ବଙ୍ଗଳାରେ ରହିବାକୁ ଅନୁମତି ଦେଇଥିଲେ। ସେହି ଅବଧି ମଧ୍ୟ ଶେଷ ହୋଇଯାଇଛି। ନୂତନ ବିଚାରପତିମାନଙ୍କୁ ବାସସ୍ଥାନ ବଣ୍ଟନରେ ସମସ୍ୟା ରହିଛି। ଏପରି ପରିସ୍ଥିତିରେ ପୂର୍ବତନ CJIଙ୍କୁ ତୁରନ୍ତ ବଙ୍ଗଳା ଖାଲି କରିବାକୁ କୁହାଯିବା ଉଚିତ୍।

ସୂଚନା ଥାଉକି, ୫ କୃଷ୍ଣ ମେନନ ମାର୍ଗ ହେଉଛି ଆନୁଷ୍ଠାନିକ ଭାବରେ ମୁଖ୍ୟ ବିଚାରପତିଙ୍କ ବାସଭବନ। କିନ୍ତୁ ଚନ୍ଦ୍ରଚୂଡ଼ଙ୍କ ପରେ ମୁଖ୍ୟ ବିଚାରପତି ହୋଇଥିବା ସଞ୍ଜୀବ ଖାନ୍ନା ଏବଂ ବର୍ତ୍ତମାନର ମୁଖ୍ୟ ବିଚାରପତି ବି.ଆର. ଗଭାଇ ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ଘରେ ରହୁଥିଲେ ସେହି ଘରେ ରହିବାକୁ ଉପଯୁକ୍ତ ମନେ କରିଥିଲେ। ଏହି କାରଣରୁ ମଧ୍ୟ ଚନ୍ଦ୍ରଚୂଡ଼ଙ୍କୁ ସରକାରୀ ବାସଭବନରେ ଅଧିକ ସମୟ ରହିବାର ସୁଯୋଗ ମିଳିଥିଲା।

## ରେଳ ଟ୍ରାକରେ ଅଟୋ ଚଳାଇଲେ ମଦ୍ୟପ ଡ୍ରାଇଭର



ନୂଆଦିଲ୍ଲୀ,୬।୭: ବିହାରର ସୀତାମାଢ଼ିରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଶନିବାର ମେହସୌଲ ଅଞ୍ଚଳରେ ଏକ ବଡ଼ ରେଳ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି। ଏଠାରେ ଜଣେ ମଦ୍ୟପ ଅଟୋ ଚାଳକ ତାଙ୍କ ଗାଡ଼ିକୁ ସିଧାସଳଖ ରେଳ ଟ୍ରାକ ଉପରେ ଚଲାଇ ଦେଇଥିଲେ। ଏହି ସମୟରେ ଏକ ଟ୍ରେନ୍ ନିକଟବର୍ତ୍ତୀ ଟ୍ରାକରେ ଦ୍ରୁତ ଗତିରେ ଯାଉଥିଲା। ଏହି ଘଟଣାର ଭିଡିଓ ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଯେତେବେଳେ ଅଟୋଟି ରେଳ ଟ୍ରାକରେ ଚାଲୁଥିଲା, ସେହି ସମୟରେ ବିପରୀତ ଦିଗରୁ ଏକ ଟ୍ରେନ୍ ମଧ୍ୟ ଆସୁଥିଲା। କିନ୍ତୁ, ଟ୍ରେନ୍ ଡ୍ରାଇଭର ଅଟୋଟିକୁ ଦେଖିବା ମାତ୍ରେ ଟ୍ରେନ୍ ଅଟକାଇ ଦେଇଥିଲେ। ଯାହା ଫଳରେ ଏହି ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ସୂଚନା ପାଇବା ମାତ୍ରେ ଜିଆରପି ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅଟୋ ଡ୍ରାଇଭରଙ୍କୁ ଗିରଫ କରିଛି।

## ୪୦ ବର୍ଷରେ ଯମଜ ସନ୍ତାନର ମାଆ ହେଲେ ଅବିବାହିତା ଅଭିନେତ୍ରୀ



ବେଙ୍ଗାଲୁରୁ,୬।୭: କନ୍ନଡ ଅଭିନେତ୍ରୀ ତଥା ଶାସ୍ତ୍ରୀୟ ନୃତ୍ୟାଙ୍ଗନା ଭାବନା ରମନ୍ନା ଏକ ବଡ଼ ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଅମିତାଭ ବଚ୍ଚନଙ୍କ ବଲିଉଡ ଫିଲ୍ମ 'ଫ୍ୟାମିଲି'ରେ ଅଭିନୟ କରିଥିବା ୪୦ ବର୍ଷୀୟା ଭାବନା ରମନ୍ନା ବିବାହ ନକରି ଆଇଭିଏଫ (ଇନ ଭିଟ୍ରୋ ଫର୍ଟିଲାଇଜେସନ) ମାଧ୍ୟମରେ ଗର୍ଭବତୀ ହୋଇଛନ୍ତି ଏବଂ ସେ ଯମଜ ସନ୍ତାନର ମାତା ହେବେ ବୋଲି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଖବର ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଏକ ବଡ଼ ଚର୍ଚ୍ଚାର ବିଷୟ ହୋଇଛି।

ଭାବନା ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ବେବି ବମ୍ପ ସହିତ ଫଟୋ ପୋଷ୍ଟ କରି ଲେଖିଛନ୍ତି, ମୁଁ କେବେ ଭାବି ନଥିଲି ଯେ ମୁଁ ଏହା କହିବି, କିନ୍ତୁ ଦେଖନ୍ତୁ, ମୁଁ ୬ ମାସର ଗର୍ଭବତୀ, ଯମଜ ସନ୍ତାନ ସହିତ। ଯେତେବେଳେ ମୁଁ ୨୦ କିମ୍ବା ୩୦ ବର୍ଷର ଥିଲି, ମାତୃତ୍ୱ ବିଷୟରେ ଭାବି ନଥିଲି। କିନ୍ତୁ ୪୦ ବର୍ଷ ବୟସରେ ଏହି ଇଚ୍ଛା ମନରେ ଜାଗିଲା। ଜଣେ ଅବିବାହିତା ମହିଳା ଭାବେ ଏହି ରାସ୍ତା ସହଜ ନଥିଲା। ଅନେକ ଆଇଭିଏଫ କ୍ଲିନିକ ମୋତେ ପ୍ରତ୍ୟାଖ୍ୟାନ କରିଥିଲେ। କିନ୍ତୁ ବେଙ୍ଗାଲୁରୁର ଜଣେ ଡାକ୍ତର ମୋତେ ସମର୍ଥନ ଦେଇଥିଲେ ଏବଂ ପ୍ରଥମ ଚେଷ୍ଟାରେ ମୁଁ ଗର୍ଭବତୀ ହୋଇଥିଲି।

ଭାବନା ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ବାପା, ଭାଇ, ଭଉଣୀ ଏବଂ ନିକଟତମ ବନ୍ଧୁମାନେ ତାଙ୍କ ଏହି ନିଷ୍ପତ୍ତିରେ ଗର୍ବ ଓ ପ୍ରେମର ସହିତ ତାଙ୍କ ସହ ରହିଛନ୍ତି। ସେ କହିଛନ୍ତି, ମୋର ସନ୍ତାନମାନଙ୍କର ପିତା ନାହାଁନ୍ତି, କିନ୍ତୁ ମୁଁ ଏହି ଯାତ୍ରାରେ ଏକା ନୁହେଁ। ମୋ ପରିବାର ମୋ ସହ ଅଛି।

ଭାବନାଙ୍କ ଏହି ଧାର୍ଯ୍ୟ ନିଷ୍ପତ୍ତି ସମାଜରେ ଏକ ନୂଆ ଆଲୋଚନା ସୃଷ୍ଟି କରିଛି। ଅବିବାହିତା ମହିଳାଙ୍କୁ ଆଇଭିଏଫ ମାଧ୍ୟମରେ ମାତୃତ୍ୱ ଗ୍ରହଣ କରିବାର ଅଧିକାର ଉପରେ ଦୀର୍ଘ ସମୟ ଧରି ଆଇନଗତ ପ୍ରତିବନ୍ଧକ ରହିଥିଲା। କିନ୍ତୁ ଆଇନରେ ପରିବର୍ତ୍ତନ ଆସିବା ପରେ ଭାବନା ଏହି ସୁଯୋଗର ଲାଭ ଉଠାଇଛନ୍ତି। ତାଙ୍କ ଏହି ପଦକ୍ଷେପକୁ ଅନେକେ ସାହସୀ ଏବଂ ପ୍ରେରଣାଦାୟୀ ବୋଲି କହୁଛନ୍ତି। ଭାବନା ରମନ୍ନା କନ୍ନ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ପ୍ରସିଦ୍ଧ ଅଭିନେତ୍ରୀ ଓ ଭରତନାଟ୍ୟମ ନୃତ୍ୟାଙ୍ଗନା ଭାବେ ପରିଚିତ। ସେ ମୁମ୍ବାଇରେ କିଛି ବର୍ଷ ରହି ଅମିତାଭ ବଚ୍ଚନଙ୍କ ସହ 'ଫ୍ୟାମିଲି' ଫିଲ୍ମରେ କାମ କରିଥିଲେ। ତାଙ୍କର ଏହି ନିଷ୍ପତ୍ତି ଏବଂ ସୋସିଆଲ ମିଡିଆରେ ସେୟାର କରାଯାଇଥିବା ବେବି ବମ୍ପ ଫଟୋ ଏବେ ଭାଇରାଲ ହେଉଛି।

# ହେୟାର କ୍ଲିପ୍, ପକେଟ୍ ଛୁରୀରେ ରେଳ ପ୍ଲାଟଫର୍ମରେ ହେଲା ଶିଶୁକନ୍ୟାର ଜନ୍ମ

ଝାନ୍ସୀ,୬।୭: ଝାନ୍ସୀ ରେଳ ଷ୍ଟେସନର ପ୍ଲାଟଫର୍ମରେ ଏକ ଅବିଶ୍ୱସନୀୟ ଘଟଣାରେ ଜଣେ ଯୁବ ସେନା ଡାକ୍ତର ହେୟାର କ୍ଲିପ୍ ଓ ପକେଟ୍ ଛୁରୀ ବ୍ୟବହାର କରି ଜଣେ ଗର୍ଭବତୀ ମହିଳାଙ୍କର ଶିଶୁକନ୍ୟାର ଜନ୍ମ ସଫଳତାର ସହ ସମ୍ପନ୍ନ କରାଇଛନ୍ତି। ଏହି ଘଟଣା ଉପସ୍ଥିତ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ନବଜାତକ ଓ ତାଙ୍କ ମାତାଙ୍କ ଜୀବନ ରକ୍ଷା ପାଇଁ ଏହା ଏକ ଅନୁପ୍ରେରଣାଦାୟୀ ଉଦାହରଣ ହୋଇଛି।

ନର୍ଥ ସେଣ୍ଟ୍ରାଲ ରେଳବାଇର ଝାନ୍ସୀ ଡିଭିଜନର ଜନସମ୍ପର୍କ ଅଧିକାରୀ ମନୋଜ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ପାନଭେଲ-ଗୋରଖପୁର ଏକ୍ସପ୍ରେସରେ ଯାତ୍ରା କରୁଥିବା ଜଣେ ଗର୍ଭବତୀ ମହିଳାଙ୍କୁ ତୀବ୍ର ପ୍ରସବ ଯନ୍ତ୍ରଣା ହେବାରୁ ଝାନ୍ସୀ ଷ୍ଟେସନରେ ଗାଡ଼ିରୁ ଓହ୍ଲାଇ ଦିଆଯାଇଥିଲା। ଏହି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଜଣେ ମହିଳା ଟିକେଟ୍ ଚେକିଂ କର୍ମଚାରୀ ଏବଂ ନିକଟରେ ଉପସ୍ଥିତ ଥିବା ଜଣେ ସେନା ଅଧିକାରୀ ତୁରନ୍ତ ସାହାଯ୍ୟ ପାଇଁ ଆଗେଇ ଆସିଥିଲେ।

ସେନା ମେଡିକାଲ କୋରର ୩୧ ବର୍ଷୀୟ ମେଜର ଡାକ୍ତର ରୋହିତ ବଛୱାଲା ନିଜ ଟ୍ରେନରେ ଅପେକ୍ଷା କରୁଥିବା ବେଳେ ଜଣେ ରେଳ କର୍ମଚାରୀ ଏକ ମହିଳାଙ୍କୁ ହୁଇଲଚେୟାରରେ ଦୌଡ଼ାଇ ନେଉଥିବା ଦେଖିଥିଲେ। ତୁରନ୍ତ ପ୍ରତିକ୍ରିୟା ଦେଇ ସେ ମହିଳାଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ରେଳ କର୍ମଚାରୀଙ୍କ ସହାୟତାରେ ପ୍ଲାଟଫର୍ମରେ ହିଁ ପ୍ରସବ କରାଇବାକୁ ବାଧ୍ୟ ହୋଇଥିଲେ।

ମେଜର ବଛୱାଲା ପିଟିଆଇକୁ କହିଛନ୍ତି, "କୌଣସି ଅପରେସନ ଥିଏଟର ନଥିବା କାରଣରୁ ମୋ



ପାଖରେ ଥିବା ସାମଗ୍ରୀ ଉପରେ ନିର୍ଭର କରିବାକୁ ପଡ଼ିଥିଲା। ନାଡ଼ିକୁ ବାନ୍ଧିବା ପାଇଁ ମୁଁ ଏକ ହେୟାର କ୍ଲିପ୍ ବ୍ୟବହାର କଲି ଏବଂ ଶିଶୁଟି ସୁରକ୍ଷିତ ଥିବା ନିଶ୍ଚିତ କରିବା ପରେ ପକେଟ୍ ଛୁରୀରେ ନାଡ଼ିକୁ କାଟିବା ପାଇଁ ବ୍ୟବହାର କଲି। ମାତା ଓ ଶିଶୁଙ୍କ ଅବସ୍ଥା ସଙ୍କଟପୂର୍ଣ୍ଣ ଥିଲା, ପ୍ରତ୍ୟେକ ସେକେଣ୍ଡ ଗୁରୁତ୍ୱପୂର୍ଣ୍ଣ ଥିଲା।" ସେ ଆହୁରି କହିଛନ୍ତି ଯେ, ମହିଳାଜଣକ ଲିଫ୍ଟ ନିକଟରେ ତୀବ୍ର ଯନ୍ତ୍ରଣାରେ ଛଟପଟ ହେଉଥିଲେ। "ସାମାନ୍ୟ ସମୟ ନଷ୍ଟ କରିବାର ସୁଯୋଗ ନଥିଲା। ଆମେ ଉପଲବ୍ଧ ସାମଗ୍ରୀ ସହାୟତାରେ ଏକ ଅସ୍ଥାୟୀ ପ୍ରସବ କ୍ଷେତ୍ର ତିଆରି କଲୁ ଏବଂ ମୌଳିକ ପରିଚ୍ଛନ୍ନତା ସୁନିଶ୍ଚିତ କଲୁ। ସେହି ମୁହୂର୍ତ୍ତରେ ମୁଁ ସେଠାରେ ଥିବା ଈଶ୍ୱରଙ୍କର ଆଶୀର୍ବାଦ ଥିଲା।

"ପ୍ରସବ ପରେ ମାତା ଓ ଶିଶୁକୁ ରେଳ କର୍ମଚାରୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରମାନେ ପରେ ନିଶ୍ଚିତ କରିଥିଲେ ଯେ ଉଭୟେ ସ୍ଥିର ଅବସ୍ଥାରେ ଅଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ, ଏହି ଜରୁରୀ ପରିସ୍ଥିତିକୁ ସଫଳତାର ସହ ସମ୍ପନ୍ନ କରିବା ପରେ ମେଜର ବଛୱାଲା ନିଜର ହାଇଦ୍ରାବାଦ ଯାଉଥିବା ଟ୍ରେନରେ ଠିକ୍ ସମୟରେ ଚଢ଼ିଥିଲେ।ସେ କହିଛନ୍ତି, "ଡାକ୍ତର ହିସାବରେ ଆମେ ସବୁବେଳେ ଜରୁରୀ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ଉଚିତ୍, ଏପରିକି ଯାତ୍ରା ସମୟରେ ମଧ୍ୟ। ମୁଁ ଏହାକୁ ଏକ ଆଶୀର୍ବାଦ ମନେ କରୁଛି ଯେ ମୁଁ ଦୁଇଟି ଜୀବନ ରକ୍ଷା କରିପାରିଲି।"ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି ଏବଂ ମେଜର ବଛୱାଲାଙ୍କ ତୁରନ୍ତ ନିଷ୍ପତ୍ତି ଓ ସାହସିକତାକୁ ସମସ୍ତେ ପ୍ରଶଂସା କରୁଛନ୍ତି।

### ଇଂଲଣ୍ଡ ଆଗରେ ୬୦୮ ରନ୍ ଟାର୍ଗେଟ୍

# ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଶୁବମନ

**ବର୍ମିଂହାମ, ୬ା୭:** ବର୍ମିଂହାମ୍ ଟେଷ୍ଟର ଦ୍ୱିତୀୟ ଇନିଂସରେ ୪୨୭ରେ ଭାରତର ପାଳି ଘୋଷଣା । ୬ ୱିକେଟ୍ ବିନିମୟରେ ୪୨୭ ରନ୍‌ରେ ପାଳି ଘୋଷଣା କଲା ଇଣ୍ଡିଆ। ଇଂଲଣ୍ଡ ଆଗରେ ୬୦୮ ରନ୍ର ଟାର୍ଗେଟ୍ ରଖିଲା ଟିମ୍ ଇଣ୍ଡିଆ ।

ବର୍ମିଂହାମ୍ ଟେଷ୍ଟରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଆଉ ଏକ ଶତକ ମାରିଛନ୍ତି । ପ୍ରଥମ ଇନିଂସରେ ଦ୍ୱିଶତକ ପରେ ଦ୍ୱିତୀୟ ଇନିଂସରେ ଶତକ କଲେ ଅଧିନାୟକ ଶୁବମନ ଗିଲ୍। ୧୨୯ ବଲ୍ରୁ ୧୦୦ ରନ ପୂରଣ କଲେ ଗିଲ୍ । ବିଶ୍ୱର ନବମ ଖେଳାଳି ଭାବେ ଗୋଟିଏ ଟେଷ୍ଟରେ ଦ୍ୱିଶତକ ପରେ ଶତକ କରି ରେକର୍ଡ଼ କରିଛନ୍ତି । ଭାରତର ତୃତୀୟ ଅଧିନାୟକ ଭାବେ ଏପରି ସୌଭାଗ୍ୟ ମଧ୍ୟ ଅର୍ଜନ କରିଛନ୍ତି। ଗାଭାସ୍କର ଓ କୋହଲିଙ୍କ ପରେ ରେକର୍ଡ ବୁକ୍‌ରେ ଗିଲ୍ ନିଜ ନାମ ଯୋଡ଼ିଛନ୍ତି ।

ଏହି ଶତକ ସହ ସୁନୀଲ ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଶୁବମନ ଗିଲ୍ । ଗୋଟିଏ ଟେଷ୍ଟରେ ଗାଭାସ୍କରଙ୍କ ନାଁରେ ଥିବା ସର୍ବାଧିକ ରନ୍ ରେକର୍ଡ ଭାଙ୍ଗିଲେ ଶୁବମନ ଗିଲ୍ । ୧୯୭୧ରେ ଗାଭାସ୍କର ପୋର୍ଟ ଅଫ୍ ସ୍ପେନ୍‌ରେ ୩୪୪ ରନ୍ କରିଥିଲେ । ୱେଷ୍ଟଇଣ୍ଡିଜ ବିପକ୍ଷରେ ଗାଭାସ୍କର ଉଭୟ ଇନିଂସରେ ୩୪୪ ରନ୍ କରିଥିଲେ । ଚଳିତ ବର୍ମିଂହାମ୍ ଟେଷ୍ଟରେ ଗିଲ୍ ୩୫୦ରୁ ଊର୍ଦ୍ଧ୍ୱ ସ୍କୋର କରି ସାରିଲେଣି ।

**୬ ୱିକେଟରେ ୪୨୭ ରନ୍‌ରେ ପାଳି ଘୋଷଣା**

**୦-୧ରେ ସିରିଜ ପଛୁଆ ରହିଛି ଟିମ ଇଣ୍ଡିଆ**

ତେବେ ସିରିଜ୍‌ରେ ୦-୧ରେ ପଛୁଆ ରହିଥିବା ଟିମ୍ ଇଣ୍ଡିଆ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତି ସ୍ଥିତି ବରାବର କରିବାକୁ ଆପ୍ରାଣ ଉଦ୍ୟମ କରୁଛି । ପ୍ରଥମ ଟେଷ୍ଟ ପରାଜିତ ହେବା ପରେ ଭାରତ ବର୍ତ୍ତମାନ ଚାପରେ ରହିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଉଭୟ ଦଳ ମଧ୍ୟରେ ଘମାଘୋଟ ଲଢେଇ ହେବ।






# ଇଣ୍ଡିଜ୍ କ୍ରିକେଟର୍‌ଙ୍କୁ ମୋଦୀଙ୍କ ମନଛୁଆଁ ବାର୍ତ୍ତା

**ପୋର୍ଟ ଅଫ୍ ସ୍ପେନ୍, ୬ା୭:** କାରବୀୟ ରାଷ୍ଟ୍ର ସମୂହ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୱେଷ୍ଟଇଣ୍ଡିଜ୍ କ୍ରିକେଟର୍‌ଙ୍କୁ ମନଛୁଆଁ ବାର୍ତ୍ତା ଦେଇଛନ୍ତି। ଶୁକ୍ରବାର ତ୍ରିନିଦାଦ ଓ ଟବାଗୋର ଯୁଗ୍ମ ସଂସଦୀୟ ଅଧିବେଶନକୁ ଉଦ୍‌ବୋଧନ ଦେଇ ଭାରତରେ ଇଣ୍ଡିଜ୍ କ୍ରିକେଟର୍‌ଙ୍କ ଅପାର ଲୋକପ୍ରିୟତା କଥା ଉଠାଇଥିଲେ। ଭାରତରେ ଥିବା ୱେଷ୍ଟଇଣ୍ଡିଜ୍ କ୍ରିକେଟର୍‌ଙ୍କ କୋଟିକୋଟି ପ୍ରଶଂସକଙ୍କ ଉପରେ ଗୁରୁତ୍ୱାରୋପ କରିଥିଲେ। କହିଥିଲେ, ଭାରତୀୟମାନେ ହେଉଛନ୍ତି ୱେଷ୍ଟଇଣ୍ଡିଜ୍ କ୍ରିକେଟର୍‌ଙ୍କ ସବୁଠୁ ବଡ଼ ପ୍ରଶଂସକ। ଭାରତ ବିପକ୍ଷରେ ଖେଳିବା ଛଡ଼ା ଅନ୍ୟ ସମସ୍ତ ମ୍ୟାଚ୍‌ରେ ଆମେ ସେମାନଙ୍କୁ ହୃଦୟ ଖୋଲା ସମର୍ଥନ ଦେଇଥାଉ। ଗତ ୧୮ବର୍ଷ ଭିତରେ କ୍ରିସ୍ ଗେଲ୍, ସୁନୀଲ ନାରାୟଣ, ଆନ୍ଦ୍ରେ ରସେଲ ଓ କିରଣ ପୋଲାର୍ଡଙ୍କ ଭଳି ବହୁ କିଂବଦନ୍ତି କ୍ରିକେଟର୍ ନିଜ ଆକ୍ରମଣାତ୍ମକ ଶୈଳୀ ଏବଂ ସାହସିକ କ୍ରିକେଟ୍‌ରେ ଭାରତୀୟ ପ୍ରଶଂସକଙ୍କୁ ଖୁସି ବାଣ୍ଟି ଆସୁଛନ୍ତି। ନିକଟରେ ଶେଷ ହୋଇଥିବା ଆଇପିଏଲ୍-୨୦୨୫ରେ ନିକୋଲାସ୍ ପୂରନ, ସିମରନ୍ ହେଟମାୟରଙ୍କ ଭଳି ଖେଳାଳି ମଧ ନିଜନିଜ ଛାପ ଛାଡ଼ିଛନ୍ତି। ମୋଦୀ ମଧ ଏହି ଅବସରରେ ସ୍ଥାନୀୟ ପିୟାର୍କୋ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିବା ଲାଗି ଅପେକ୍ଷାରତ ପ୍ରବାସୀ ଭାରତୀୟଙ୍କ ସହ ଭାବବିନିମୟ କରିଥିଲେ।

# ବୈଭବଙ୍କ ବିଶ୍ୱ ରେକର୍ଡ

**ଯୁବ ଦିନିକିଆରେ ୫୨ ବଲ୍‌ରୁ ଶତକ**



**ଲଣ୍ଡନ, ୬ା୭:** ବିସ୍ମୟ କିଶୋର ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ପୁଣି ଏକ ଶତକୀୟ ପାଳି ଖେଳି ରେକର୍ଡ ବୁକ୍‌ରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି। ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ଯୁବ ଦଳ (୧୯ ବର୍ଷରୁ କମ୍) ପାଇଁ ବୈଭବ ମାତ୍ର ୫୨ ବଲ୍‌ରୁ ଶତକ ପୂର୍ଣ୍ଣ କରି ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପାକିସ୍ତାନର କାମରାନ୍ ଗୁଲାମଙ୍କ ନାମରେ (୫୩ ବଲ୍) ଥିଲା। ଶନିବାର ଇଂଲଣ୍ଡ ଯୁବ ଦଳ ବିପକ୍ଷ ଚତୁର୍ଥ ଦିନିକିଆରେ ୧୪ ବର୍ଷୀୟ ବୈଭବ ୭୮ ବଲ୍‌ରୁ ୧୪୩ ରନ୍‌ର ପାଳି ଖେଳିଥିଲେ। ଏହି ପାଳିରେ ୧୩ ଚୌକା ଓ ୧୦ ଛକା ସାମିଲ ଥିଲା। କିନ୍ତୁ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡ ଭାଙ୍ଗିବାରେ ବୈଭବ ବିଫଳ ହୋଇଥିଲେ। ଶନିବାର ସେ ୨୦ ବଲ୍‌ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରିଥିବାବେଳେ ପୂର୍ବରୁ ଋଷଭ ପନ୍ତ ୨୦୧୬ରେ ୧୮ ବଲ୍‌ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରି ରେକର୍ଡକୁ ନିଜ ନାମରେ ରଖିଛନ୍ତି। ଚଳିତ ଶୃଙ୍ଖଳାରେ ବୈଭବ ମୋଟ ୪ ପାଳିରୁ ୩୦୬ ରନ୍ ସଂଗ୍ରହ କରି ଅଗ୍ରଣୀ ଅଛନ୍ତି। ପୂର୍ବ ୩ ମ୍ୟାଚ୍‌ରେ ସେ ଯଥାକ୍ରମେ ୧୯ ବଲ୍‌ରୁ ୪୮ ରନ୍, ୩୪ ବଲ୍‌ରୁ ୪୫ ରନ୍, ୩୧ ବଲ୍‌ରୁ ୮୬ ରନ୍ କରିଥିଲେ। ଚଳିତ ବର୍ଷ ଆଇପିଏଲ୍‌ରେ ବୈଭବ ୩୫ ବଲ୍‌ରୁ ଶତକ ପୂର୍ଣ୍ଣ କରିବା ପରଠାରୁ ଚର୍ଚ୍ଚାରେ ରହିଛନ୍ତି। ଯାହାକି ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଦ୍ରୁତତମ। ଶନିବାର ବିହନ ମାଲହୋତ୍ରା (୧୨୯ ରନ୍, ୧୨୧ ବଲ୍, ୧୫ ଚୌକା, ୩ ଛକା)ଙ୍କ ସହ ମିଶି ବୈଭବ ଦ୍ୱିତୀୟ ୱିକେଟ୍ ପାଇଁ ୨୧୯ ରନ୍ ଭାଗୀଦାରି କରିବାରୁ ଭାରତୀୟ ଦଳ ୩୬୩ ରନ୍ ସଂଗ୍ରହ କରିବା ସହ ୩-୧ରେ ଶୃଙ୍ଖଳା ଜିତିଛି। ଭାରତ ପାଳିକୁ ପିଛାକରି ଇଂଲଣ୍ଡ ରକି ଫ୍ଲିଣ୍ଟଫ୍ (୧୦୭)ଙ୍କ ଶତକ ସତ୍ତ୍ୱେ ୩୦୮ ରନ୍ କରିଥିଲା।

## ୧୪ରେ ପହଞ୍ଚିଲା ଓଡ଼ିଶାର ପଦକ ସଂଖ୍ୟା







**ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା**

**ଭୁବନେଶ୍ୱର, ୬ା୭ (ସଂଚାର ବ୍ୟୁରୋ):** ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଚାଲିଥିବା ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ନିରନ୍ତର ଭାବେ ସଫଳତା ହାସଲ କରି ଚାଲିଛନ୍ତି। ଶନିବାର ରାଜ୍ୟ ପୁଲିସ ବିଭାଗର ୩ ଜଣ ଯୁବ କ୍ରୀଡ଼ାବିତ୍ ଅଶୋକ ଦଣ୍ଡସେନା ଦୁଇଟି ସ୍ୱର୍ଣ୍ଣ ପଦକ ସହ ଗୋଟିଏ ରୌପ୍ୟ ପଦକ, ସବିତା ଟପ୍ପୋ ଗୋଟିଏ ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ତଥା ସୁସ୍ମିତା ଟିଗା ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ତା’ ସହ ପ୍ରତିଯୋଗିତାର ଚାରି ଦିନ ମଧ୍ୟରେ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ୯ ସ୍ୱର୍ଣ , ୨ ରୌପ୍ୟ ଏବଂ ୩ କାଂସ୍ୟ ପଦକ ସହ ମୋଟ ୧୪ ପଦକ ଜିତି ଐତିହାସିକ ସଫଳତା ଲାଭ କରିଛନ୍ତି। କନେଷ୍ଟବଳ ଅଶୋକ ଦଣ୍ଡସେନା ପୁରୁଷ ୫୦୦୦ ମିଟର ଭଳି ୧୦୦୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିଭଳି ୪ଗୁଣା ୪୦୦ ମିଟର ରିଲେରେ ରୌପ୍ୟ ପଦକ ପାଇଛନ୍ତି। ପୂର୍ବରୁ ସେ ୮୦୦ ଓ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି କନେଷ୍ଟବଳ ସବିତା ଟପ୍ପୋ ମହିଳା ୧୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଏବଂ ୪୦୦ ମିଟର ବାଧାଦୌଡ଼ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଅନୁରୂପ ଭାବେ କନେଷ୍ଟବଳ ସୁସ୍ମିତା ଟିଗା ମହିଳା ୪ଗୁଣା ୪୦୦ ମିଟର ରିଲେରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଏବଂ ୮୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ଲାଗି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଶୀର୍ଷ ସିଡ୍‌ଙ୍କୁ ହରାଇ ସେମିରେ ଶ୍ରୀକାନ୍ତ

**କାନାଡ଼ା ଓପନ୍**

**ଓଣ୍ଟାରିଓ, ୬ା୭:** ସ୍ଥାନୀୟ ମାରଖମ୍ ପାନ୍ ଆମ୍ ସେଣ୍ଟର୍‌ଠାରେ ଖେଳାଯାଉଥିବା କାନାଡ଼ା ଓପନ୍ ସୁପର ୩୦୦ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ପୂର୍ବତନ ବିଶ୍ୱ ଚାମ୍ପିଅନସିପ୍ ରୌପ୍ୟ ପଦକ ବିଜେତା ଶ୍ରୀକାନ୍ତ ଶୀର୍ଷ ସିଡ୍ ତଥା ବିଶ୍ୱ ମାନ୍ୟତାର ଷଷ୍ଠ ସ୍ଥାନରେ ଥିବା ଚାଇନିଜ୍ ତାଇପେଇର ଚୋଉ ତିଏନ ଚେନ୍‌ଙ୍କୁ ୨୧-୧୮, ୨୧-୯ ସିଧାସଳଖ ସେଟ୍‌ରେ ହରାଇ ବିଦାୟର ପଥ ଦେଖାଇ ଦେଇଛନ୍ତି। ଚଳିତବର୍ଷ ମେ ମାସରେ ମାଲେସିଆ ମାଷ୍ଟର୍ସ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଥିବା ଶ୍ରୀକାନ୍ତ ଏହି ମ୍ୟାଚ୍‌କୁ ଜିତିବାକୁ ମାତ୍ର ୪୩ ମିନିଟ୍ ସମୟ ନେଇଥିଲେ। ସଂପ୍ରତି ବିଶ୍ୱ ମାନ୍ୟତାର ୪୯ତମ ସ୍ଥାନରେ ଥିବା ଶ୍ରୀକାନ୍ତ ସେମିଫାଇନାଲ୍‌ରେ ଜାପାନର ତୃତୀୟ ସିଡ୍ ଖେଳାଳି କେଣ୍ଟା ନିଶିମୋଟୋଙ୍କୁ ଭେଟିବେ। ଏହା ପୂର୍ବରୁ ୨୦୨୨ ବିଶ୍ୱ କନିଷ୍ଠ ଚାମ୍ପିଅନସିପ୍ ରୌପ୍ୟ ପଦକ ବିଜେତା ଭାରତର ଏସ୍ ଶଙ୍କର ମୁଥୁସ୍ୱାମୀ ସୁବ୍ରମନିଆନ ଜୋରଦାର ଲଢ଼େଇ କରିଥିଲେ ମଧ ନିଶିମୋଟୋଙ୍କଠାରୁ ୧୫-୨୧, ୨୧-୫, ୧୭-୨୧ରେ ହାରିଯାଇଥିଲେ।

## ଭାରତର ବାଂଲାଦେଶ ଗସ୍ତ ୨୦୨୬କୁ ଘୁଞ୍ଚିଲା

**ମୁମ୍ବାଇ, ୬ା୭:** ଚଳିତବର୍ଷ ଅଗଷ୍ଟ ମାସରେ ଭାରତୀୟ କ୍ରିକେଟ୍ ଦଳ ବାଂଲାଦେଶ ଗସ୍ତରେ ଯିବାର ଥିଲା। ହେଲେ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ସୂଚୀକୁ କାରଣ କରି ବିସିସିଆଇ ଏହାକୁ ଘୁଞ୍ଚାଇ ଦେଇଛି। ବିସିସିଆଇ ଏକ ପ୍ରେସ୍ ବିଜ୍ଞପ୍ତ ଜାରି କରି କହିଛି ଉଭୟ ବୋର୍ଡର ସହମତିରେ ଭାରତୀୟ କ୍ରିକେଟ୍ ଦଳର ବାଂଲାଦେଶ ବିପକ୍ଷ ଧଳାବଲ୍ ଶୃଙ୍ଖଳା, ଯେଉଁଥିରେ କି ତିନିଟି ଲେଖାଏଁ ଦିନିକିଆ ଓ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାର ଥିଲା, ତାକୁ ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ବିସିସିଆଇ ମଧ୍ୟ ବାଂଲାଦେଶର ସାଂପ୍ରତିକ ରାଜନୈତିକ ସ୍ଥିତି ତଥା ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଲଗାତାର ଆକ୍ରମଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି।

# ‘ନୀରଜ ଚୋପ୍ରା କ୍ଲାସିକ୍’ ଜିତିଲେ ନୀରଜ




**ବେଙ୍ଗାଲୁରୁ, ୬ା୭:** ଭାରତୀୟ କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଜାଭଲିନ୍ ଖେଳର ପ୍ରଥମ ପେସାଦାର ଲିଗ୍ ‘ନୀରଜ ଚୋପ୍ରା କ୍ଲାସିକ୍’ ସ୍ଥାନୀୟ ଶ୍ରୀ କାନ୍ତିରବା ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିଜ ନାଁରେ ଆୟୋଜିତ କୌଣସି ପ୍ରତିଯୋଗିତାକୁ ନିଜେ ଜିତିବାର ବିରଳ ରେକର୍ଡ ଯୁଗଳ ଅଲିମ୍ପିକ୍ସ ପଦକ ବିଜୟୀ ନୀରଜ ଚୋପ୍ରା କରିଛନ୍ତି। ପୁଣି ଏକ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଜିତିବାକୁ ପ୍ରଶଂସକମାନେ ଟିକେଟ୍ କିଣି ଷ୍ଟାଡିୟମ୍ ଭର୍ତ୍ତି କରିବାର ଅନନ୍ୟ ଦୃଶ୍ୟ ଓ ମୁହୂର୍ତ୍ତ ଭାରତୀୟ ଆଥଲେଟିକ୍ ଜଗତକୁ ରୋମାଞ୍ଚିତ ଓ ଋଦ୍ଧିମନ୍ତ କରିଛି। ଏକ ନୂଆ ଯୁଗର ଶୁଭାରମ୍ଭ ସହ ଜାଭଲିନ୍ ଖେଳ ଦେଶର ଘରେ ଘରେ ପହଞ୍ଚିବାର ବାଟ ଆହୁରି ଉନ୍ମୁକ୍ତ ହୋଇଛି। ଟୋକିଓରେ ସ୍ୱର୍ଣ୍ଣ ଏବଂ ପ୍ୟାରିସ୍‌ରେ ରୌପ୍ୟ ଜିତି ନୀରଜ ଭାରତୀୟ ଜାଭଲିନ୍‌ରେ ନୂଆ ମୋଡ଼ ଆଣିଥିଲେ। ନିଜ ଉଦ୍ୟମରେ ଏଭଳି ଏକ ଲିଗ୍ ଆୟୋଜନ କରି ଏଥିରେ ନୂଆ ସମ୍ଭାବନା ଓ ଗ୍ଲାମର୍ ଯୋଡ଼ିବାର ଐତିହାସିକ କାମ କରିଛନ୍ତି ନୀରଜ।

ଫାଉଲ୍‌ରୁ ଅଭିଯାନ ଆରମ୍ଭ କରିଥିଲେ ମଧ ଶନିବାର ସଂଧ୍ୟାରେ ନୀରଜଙ୍କ ୮୬.୧୮ ମିଟରର ତୃତୀୟ ଥ୍ରୋ’ ତାଙ୍କୁ ସ୍ୱର୍ଣ୍ଣ ପଦକ ଜିତାଇଥିଲା। ଏହା ତାଙ୍କର ଲଗାତାର ତୃତୀୟ ଟାଇଟଲ ହୋଇଛି। ଗତ ଜୁନ୍ ୨୦ରେ ୨୭ ବର୍ଷୀୟ ନୀରଜ ପ୍ୟାରିସ୍ ଡାଏମଣ୍ଡ ଲିଗ୍ ଏବଂ ଜୁନ୍ ୨୪ରେ ପୋଲାଣ୍ଡର ଓସ୍ତ୍ରାଭାଠାରେ ଆୟୋଜିତ ଗୋଲଡେନ୍ ସ୍ପାଇକ୍ ପ୍ରତିଯୋଗିତା ଜିତିଥିଲେ। ନିଜ ପ୍ରଥମ ପ୍ରୟାସରେ ଅଯୋଗ୍ୟ ରହିବା ପରେ ଦ୍ୱିତୀୟରେ ୮୨.୯୯, ତୃତୀୟରେ ୮୬.୧୮, ଚତୁର୍ଥରେ ପୁଣି ଅଯୋଗ୍ୟ ଏବଂ ପଞ୍ଚମ ତଥା ଶେଷ ପ୍ରୟାସରେ ୮୨.୨୨ ମିଟର ଦୂରତାକୁ ଜାଭଲିନ୍ ଫିଙ୍ଗିଥିଲେ ସେ। କେନିଆର ବିଶ୍ୱବିଜେତା ୮୪.୫୧ ମିଟରର ଶ୍ରେଷ୍ଠ ଥ୍ରୋ’ ସହ ଦ୍ୱିତୀୟ ଏବଂ ଶ୍ରୀଲଙ୍କାର ରମେଶ ପଥିରେଗ (୮୪.୩୪ର ଶ୍ରେଷ୍ଠ ଥ୍ରୋ’) ତୃତୀୟ ସ୍ଥାନରେ ରହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜାଧିରାଜ...

ଆଷାଢ଼ ଶୁକ୍ଳ ପକ୍ଷ ବଡ଼ ଏକାଦଶୀ ଦିନ ରଥ ଉପରେ ସମାହିତ ହୁଏ । ଏହା ବ୍ୟତୀତ ସୁନିଆଁ, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା, ପୌଷପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ । ସ୍ୱପ୍ନାବିଷ୍ଟ ହୋଇ ସ୍ୱୟଂ ଇନ୍ଦ୍ରଦ୍ୟୁମ୍ନ ଠାକୁରମାନଙ୍କୁ ସୁନାବେଶ କରାଇଥିଲେ ବୋଲି ବିଶ୍ୱାସ କରାଯାଉଛି । ତେବେ ଗବେଷକଙ୍କ ତଥ୍ୟ ଅନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ଦାକ୍ଷିଣାତ୍ୟ ବିଜୟ ବାହୁଡ଼ା ପରେ ଖ୍ରୀପୂର୍ବ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସ୍ୱର୍ଣ୍ଣରତ୍ନରେ ସ୍ୱର୍ଣ୍ଣ ମୁକୁଟ, ସ୍ୱର୍ଣ୍ଣ ଶ୍ରୀପୟର, ପଦକମାଳା, କୁଣ୍ଡଳ, ନଳୀଭୁଜ, ତିଳକ, ‘ବଡ଼ ତଡ଼ଉ’ ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚାଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହି ବେଶ କରାଇଥିଲେ। ଅତୀତରେ ଏହା ‘ବଡ଼ ତଡ଼ଉ ବେଶ’ ନାମରେ ମଧ୍ୟ ପରିଚିତ ଥିଲା ।

## ବିକଶିତ...

ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ । ସ୍କୁଲ ଶିକ୍ଷା କ୍ଷେତ୍ରରେ ଡ୍ରପଆଉଟ ହାର ହ୍ରାସ କରିବା ପାଇଁ ‘ଆସ ସ୍କୁଲ ଯିବା’ ଭଳି ଅଭିଯାନ ଆରମ୍ଭ କରିବା, ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହନ, ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ସହ ବୈଷୟିକ ଶିକ୍ଷାରେ ଜନଜାତି ପିଲାଙ୍କୁ ଯୋଡ଼ିବା ପାଇଁ ଯୋଜନା କରିବା ଦିଗରେ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଭାରତ ସରକାର, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ । ଏହାବ୍ୟତୀତ ଦିବ୍ୟାଙ୍ଗ ସହଯୋଗୀ ସ୍କୁଲ, କଲେଜ୍ ଓ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

ଶ୍ରୀ ପ୍ରଧାନ କହିଛନ୍ତି, ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ମୂଳ ଚାବିକାଠି ହେଉଛି ଶିକ୍ଷା । ଏହି ଆକାଂକ୍ଷୀ ଜିଲ୍ଲା ଗୁଡ଼ିକୁ ବିକଶିତ କରିବା ପାଇଁ ହେଲେ ଶିକ୍ଷା ସହ ଜିଲ୍ଲାର ଆର୍ଥିକ ଓ ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେବାକୁ ହେବ । କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁରରେ ବହୁତ ସମ୍ଭାବନା ଅଛି । ଏହି ଜିଲ୍ଲାର ବିକାଶ କରିବାକୁ ହେଲେ ଆମକୁ ସର୍ବୋଚ୍ଚ ପ୍ରାଥମିକତା ଭିତ୍ତିରେ କାମ କରିବାକୁ ହେବ । ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସମସ୍ୟା ସହ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଏ ଅଞ୍ଚଳକୁ ଆତ୍ମନିର୍ଭର ଓ ସ୍ୱାଭିମାନୀ କରାଇବା ପାଇଁ ପଡ଼ିବ, ତାର ମୂଳ ରାସ୍ତା ହେଉଛି ଶିକ୍ଷା ଏବଂ ଜ୍ଞାନ । ଜିଲ୍ଲାରେ ଥିବା ଚ୍ୟାଲେଞ୍ଜ ଗୁଡ଼ିକର ସମାଧାନ କରିବା ସହ ଏ ଦିଗରେ କାମ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ।

ଏହି ବୈଠକରେ ଓଡ଼ିଶା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାର ସାଂସଦ, ବିଧାୟକ, ଭାରତ ସରକାରଙ୍କ ସ୍କୁଲ ଓ ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀ, ଓଡ଼ିଶାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ଅଧିକାରୀ, ଜିଲ୍ଲାପାଳ, ମହିଳା ଓ ଶିଶୁ ଉନ୍ନୟନ, ସ୍ୱାସ୍ଥ୍ୟ, ଦକ୍ଷତା ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଉପରମୁଣ୍ଡରେ ...

ଜଳ ନିଷ୍କାସିତ ହେଉଛି । କର୍ତ୍ତୃପକ୍ଷ ୭ ନମ୍ବର ଗେଟକୁ ଶୁଭ ମନୁଥିବାରୁ ଦୀର୍ଘ ବର୍ଷ ହେବ ଏହି ୭ ନମ୍ବର ଗେଟଟିକୁ ଖୋଲା ଯାଇଥାଏ। ପର୍ଯ୍ୟାୟକ୍ରମେ ବାମ ପାର୍ଶ୍ୱର ୧୩ଟି ଓ ଦକ୍ଷିଣ ପାର୍ଶ୍ୱରେ ୭ଟି ଗେଟ୍ ଖୋଲିଛି । ଯଦି ଉପର ମୁଣ୍ଡରେ ବର୍ଷା ଲାଗି ରହେ ତେବେ ଆଉ ଅଧିକ ଗେଟ ଖୋଲା ଯାଇପାରେ ବୋଲି ମୁଖ୍ୟଯନ୍ତ୍ରୀ କହିଛନ୍ତି। ଏବେ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୮ ହଜାର ୩୧୬ କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ୨ ଲକ୍ଷ ୧୫ ହଜାର ୭୫୧ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ତେବେ ୬୦୫ ଫୁଟକୁ ଜଳସ୍ତର ଖସିବା ପର୍ଯ୍ୟନ୍ତ ଜଳନିଷ୍କାସନ ଜାରି ରହିବ ବୋଲି ମୁଖ୍ୟଯନ୍ତ୍ରୀ କହିଛନ୍ତି । ସେହିପରି ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇ ଶନିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମ୍‌ରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା କହିଛନ୍ତି, ଡ୍ୟାମ୍‌ର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବାବେଳେ ଶନିବାର ଅପରାହ୍ନ ୫ଟା ସୁଦ୍ଧା ଜଳସ୍ତର ୧୨୦.୯୮ ମିଟରରେ ପହଞ୍ଚିଥିଲା। ଫଳରେ ସନ୍ଧ୍ୟା ୬ଟା ୨୦ରେ ଡ୍ୟାମ୍‌ର ୮ନଂ. ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୪୮୯.୯୭ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲାଯାଇଥିବା ଗୋଟିଏ ଗେଟ୍ ଓ ପାୱାର ଚ୍ୟାନେଲ ଦେଇ ୧୭୦୦ ଘନ ମିଟର ଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍ ଗେଟ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ଅଧୀକ୍ଷଣ ଯନ୍ତ୍ରୀ ବେହେରା, ଉପଖଣ୍ଡ ଅଧିକାରୀ ଶଙ୍କରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସମଲ ବ୍ୟାରେଜର ମଧ୍ୟ ୫ଟି ଗେଟ୍ ଖୋଲା ଯାଇଥିବା ବ୍ୟାରେଜ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଛି।

ସେପଟେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୧୨ ତାରିଖ ପର୍ଯ୍ୟନ୍ତ ଭୀଷଣ ବର୍ଷା ସହ ଖୁବ ଜୋର ବେଗରେ ପବନ ବହିବା ସମ୍ଭାବନା ରହିଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି ।

ଏହା ଧୀରେ ଧୀରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ଼ ଆଡ଼କୁ ଗତି କରିବ । ଆରବ ସାଗରରେ ମଧ୍ୟ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏସବୁର ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା ରହିଛଇ। ଆଗାମୀ ୨୪ ଘଣ୍ଟାରେ ଭୀଷଣରୁ ଅତି ଭୀଷଣ ବର୍ଷା ପାଇଁ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁରକୁ ରେଡ ୱାର୍ଣ୍ଣିଂ ଜାରି ହୋଇଛି। ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଆସନ୍ତାକାଲି ଭୀଷଣ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ପାଇଁ ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। କେନ୍ଦୁଝର, ଅନୁଗୁଳ, ଦେଓଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ନୂଆପଡ଼ା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି ।

## ୮ରେ ..

କହିଛନ୍ତି, ସହମତି ଭିତ୍ତିରେ ହୋଇପାରେ ସଭାପତି ଚୟନ । ନୂଆ ସଭାପତି ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ମିଶି ଦଳ ଓ ସରକାର ମଧ୍ୟରେ ସମନ୍ୱୟ ଉପରେ କାମ କରିବେ । ଏବେ ବି ରାଜ୍ୟ ବିଜେପିର ୨୦୦ରୁ ଅଧିକ ମଣ୍ଡଳ ସଭାପତି ଚୟନ ବାକି ଥିବା ବେଳେ ସମ୍ବଲପୁର ଜିଲ୍ଲା ସଭାପତି ନେଇ ସହମତି ହୋଇପାରିନାହିଁ। ବିଜେପି ସରକାରକୁ ଆସିବା ପରେ ସଙ୍ଗଠନ ଏକ ପ୍ରକାର ଠପ୍ ହୋଇଥିବା ବେଳେ ନୂଆ ସଭାପତିଙ୍କ ଆଗରେ ରହିବ ଅନେକ ଆହ୍ୱାନ । ସରକାର ଓ ଦଳ ମଧ୍ୟରେ ସମନ୍ୱୟ ରଖିବା ହେବ ପ୍ରାଥମିକତା ।

## ତ୍ୟାଗ ...

ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ ଆଜିର ଦିନକୁ ସଂକଳ୍ପ, ଏକ ପ୍ରେରଣା ଏବଂ ଏକ ଜାଗୃତିର ଦିବସ ବୋଲି କହିଥିଲେ।

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଡଃ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦେଇଥାଏ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁ କେତେଜଣ ମହାମନୀଷୀ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରବାଦର ଉତ୍ଥାନ କରି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ଅଗ୍ରଗଣ୍ୟ। ସେ କେବଳ ଜଣେ ଶିକ୍ଷାବିତ୍ ନ ଥିଲେ ବରଂ ଏକ ସମର୍ପିତ ରାଷ୍ଟ୍ର ନେତା, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଓ ଦେଶପ୍ରେମୀ ଥିଲେ।

ଡଃ ମୁଖାର୍ଜୀଙ୍କ ଦ୍ୱାରା ଗଠିତ ଜନସଂଘ ବିଜେପିରେ ପରିଣତ ହେଲା ଏବଂ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ, ବିଜେପିର ପ୍ରତିଷ୍ଠାତା ରୂପେ ନାମିତ ହେଲେ। ତାଙ୍କ ବିଚାରଧାରା ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ ହିଁ ହୋଇଥିଲା ଆଜିର ଭାରତୀୟ ଜନତା ପାର୍ଟିର ମୂଳମନ୍ତ୍ର। ତାଙ୍କର ଦୃଢ଼ମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଅଂଶ ଓ ଏଥିପାଇଁ କୌଣସି ବିଶେଷ ଧାରା ଦରକାର ନାହିଁ। “ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା” ସ୍ଲୋଗାନ୍ ଆଜି ମଧ୍ଯ ପ୍ରତ୍ୟେକ ଭାରତୀୟଙ୍କ ମନରେ ଗୁଞ୍ଜରିତ ହେଉଛି ବୋଲି ସେ କହିଥିଲେ।

ସେ ପୁଣି କହିଥିଲେଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି। ମୋଦୀଜୀଙ୍କ ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଡଃ ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ପୂରଣ କରିଛନ୍ତି। ଡଃ ମୁଖାର୍ଜୀଙ୍କ ପରି ଜଣେ ମହାନ ଜନନାୟକଙ୍କ ପାଇଁ ଏ ଦେଶ ସର୍ବଦା ଗର୍ବିତ। ରାଜ୍ୟରେ ଓ ଦେଶରେ ବିକାଶ ହେଉଛି ଏବଂ ଏହି ବିକାଶରେ ପ୍ରତ୍ୟେକ ବର୍ଗଙ୍କୁ ସାମିଲ କରାଯାଇ, ଗ୍ରୋଥ ଇଂଜିନକୁ ଆହୁରି ସଶକ୍ତ କରାଯାଉଛି। ରାଜ୍ୟରେ ମଧ୍ୟ ପୂର୍ବ ସରକାର ଡଃ ମୁଖାର୍ଜୀଙ୍କର ସ୍ମୃତି ଦିବସକୁ କେବେ ପାଳନ କରୁନଥିଲେ। ଆମ ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ବୋଲି ସ୍ୱୀକାର କରି ପାଳନ କରୁଛି ଏବଂ ଆଗକୁ ମଧ୍ୟ କରିବ ।

ସମ୍ମାନିତ ଅତିଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଡଃ ମୁଖାର୍ଜୀଙ୍କୁ ଇତିହାସର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ସମ୍ବୋଧିତ କରିଥିବା ବେଳେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା କହିଥିଲେଯେ ଡଃ ମୁଖାର୍ଜୀ ଭାରତର ଅଖଣ୍ଡତାର ପ୍ରତୀକ।

କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଅନିର୍ବାଣ ଗାଙ୍ଗୁଲି ଡଃ ମୁଖାର୍ଜୀଙ୍କୁ ପରାଧୀନ ଭାରତରେ ମଧ୍ଯ ଭାରତୀୟ ଭାଷାରେ ଶିକ୍ଷାର ଆଦି ପ୍ରବର୍ତ୍ତକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଓ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅତିଥିଗଣ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଗ୍ୟାଲେରୀକୁ ଉଦଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡଃ ମୁଖାର୍ଜୀଙ୍କ ଉପରେ ଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାର କୃତୀ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ।

ଏହି କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଗଣ ଭୁବନେଶ୍ୱରର ସତସଙ୍ଗ ବିହାର ଠାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କରେ ସ୍ୱର୍ଗତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ଅଫିସ...

ପ୍ରଶାସନିକ ବ୍ୟବସ୍ଥାକୁ ଏକ ପ୍ରକାର ଅଚଳ କରିଦେଇଥିଲା। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଥିଲା। କିନ୍ତୁ ଦାବି ପୂରଣ ପାଇଁ କୌଣସି ଏକ ରାଜନୈତିକ ଦଳର ହାତବାରିସୀ ସାଜି ସରକାରଙ୍କୁ ଅକଳ ପକାଇବା ସରକାରୀ କର୍ମଚାରୀଙ୍କ ନୀତି ନୈତିକତା କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସରକାର ମଧ୍ୟ ବନ୍ୟା ଓ ରଥଯାତ୍ରା ଭଳି ସମୟରେ ଅଫିସରଙ୍କ ଏଭଳି ମାନସିକତା ଓ ବିଜେଡି ପଶାପାଳିରେ ଗୋଟି ସାଜିବାକୁ ଅତି ଗୁରୁତ୍ତର ସହ ନେଇଛନ୍ତି।

## ଟ୍ରାଫିକ ପୋଲିସ ସାଜିଲେ ସିଦ୍ଧାନ୍ତ ମହାପାତ୍ର



**ଭୁବନେଶ୍ୱର, ୬ା୭ (ସଂଚାର ବ୍ୟୁରୋ) :** ରାଜଧାନୀ ଭୁବନେଶ୍ୱରର ଇନଫୋସିଟି ଅଞ୍ଚଳରେ ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ହେଲମେଟ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ବିଧାୟକ ମହାପାତ୍ର ଟ୍ରାଫିକ ପୋଲିସ ବେଶରେ ନିଜେ ଉପସ୍ଥିତ ରହି ଦୁଇ ଚକିଆ ଗାଡ଼ି ଚାଳକମାନଙ୍କୁ ହେଲମେଟ ବ୍ୟବହାର କରିବା ପାଇଁ ସଚେତନ କରାଇଛନ୍ତି।

ଇନଫୋସିଟି ଅଞ୍ଚଳରେ ଥିବା ମାଗ୍ନେଟିକ୍ସ ସ୍କୋୟାର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ମହାପାତ୍ର ନିଜେ ରାସ୍ତାରେ ଉପସ୍ଥିତ ରହି ଅମାନିଆ ଗାଡ଼ି ଚାଳକମାନଙ୍କୁ ଅଟକାଇ ସେମାନଙ୍କୁ ହେଲମେଟର ଗୁରୁତ୍ୱ ବୁଝାଇଥିଲେ। ସେ କହିଥିଲେ ଯେ, ହେଲମେଟ ବ୍ୟବହାର କେବଳ ନିୟମ ପାଳନ ନୁହେଁ, ବରଂ ନିଜ ଜୀବନ ସୁରକ୍ଷା ପାଇଁ ଏକ ଅତ୍ୟାବଶ୍ୟକୀୟ ପଦକ୍ଷେପ।

ଏହି ଅଭିଯାନକୁ ଭୁବନେଶ୍ୱର-କଟକ ପୋଲିସ କମିଶନରେଟର ସହଯୋଗରେ ଆୟୋଜନ କରାଯାଇଥିଲା। ଇନଫୋସିଟି ଥାନା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନେ ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ରାସ୍ତା ସୁରକ୍ଷା ପାଇଁ ଏଭଳି ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି।

ଏହା ପୂର୍ବରୁ ମଧ୍ୟ ବିଧାୟକ ସିଦ୍ଧାନ୍ତ ମହାପାତ୍ର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସକ୍ରିୟ ଥିବା ଦେଖାଯାଇଛି। ଏହି ଅଭିଯାନ ମାଧ୍ୟମରେ ସେ ପୁଣି ଥରେ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ପାଳନ କରିବା ଏବଂ ନିଜ ସୁରକ୍ଷା ପାଇଁ ସଚେତନ ରହିବାକୁ ଆହ୍ୱାନ ଦେଇଛନ୍ତି।

# ଦକ୍ଷିଣ ଓଡ଼ିଶା ଛାତ୍ର ସଂଘର ନୂତନ ସଭାପତି ହେଲେ ନୀଳମାଧବ



ବ୍ରହ୍ମପୁର, ୬।୭ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ସମେତ ସମଗ୍ର ଦକ୍ଷିଣାଞ୍ଚଳ(କଳିଙ୍ଗ)ର ଛାତ୍ରଛାତ୍ରୀ ମାନଙ୍କ ସ୍ୱାର୍ଥରକ୍ଷାକୁ ନେଇ ଗଠିତ ହୋଇଥିବା ଦକ୍ଷିଣ ଓଡ଼ିଶା ଛାତ୍ର ସଂଘର ନୂତନ ସଭାପତି ହୋଇଛନ୍ତି ନରସିଂହ ନୀଳମାଧବ ପାତ୍ର। ପୂର୍ବ ସଭାପତି ତଥା ଓଡ଼ିଶା ବିକାଶ ପରିଷଦର ସଭାପତି ରାମ ପ୍ରସାଦ ତ୍ରିପାଠୀଙ୍କ ପରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ନୀଳମାଧବ ହେଉଛନ୍ତି ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାର ଭିତ୍ତିଭୂମି ବିକାଶ ନିମନ୍ତେ ଅହରହ କାର୍ଯ୍ୟ କରୁଥିବା ଏକ ପରିଚିତ ବ୍ୟକ୍ତିତ୍ୱ ଓ ଉଦୀୟମାନ ଯୁବ ନେତୃତ୍ୱ। ପୂର୍ବରୁ ଏବଂ ଅଦ୍ୟାବଧି ସେ ବିଭିନ୍ନ ସାମାଜିକ ସଙ୍ଗଠନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇ କାର୍ଯ୍ୟ କରିଆସୁଛନ୍ତି। ୟୁନିସେଫ୍(ବିଶ୍ୱସ୍ତରୀୟ ସଂସ୍ଥା)ର ଯୁବ ନେତୃତ୍ୱ ପରିଷଦ ସଦସ୍ୟ, ଭାରତୀୟ ସଂସଦର ମିଶନ କାର୍ଯ୍ୟକାରୀ ସଦସ୍ୟ, ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟକାରୀ ସଦସ୍ୟ, ଇନଟାଚର ସଦସ୍ୟ, ଇଣ୍ଡିଆ ପିସ୍ ସେଣ୍ଟରର ପିସ୍ ଆମ୍ବାସଡ଼ର, ଏବିଭିପି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବ ଛାତ୍ର ସଭାପତି ଓ ଅଧୁନା ଲିଙ୍ଗରାଜ 'ଲ' କଲେଜ ସଭାପତି ଏବଂ ନୀଳମାଧବ ଫାଉଣ୍ଡେସନ ବ୍ରହ୍ମପୁରର ପ୍ରତିଷ୍ଠାତା ଅଧ୍ୟକ୍ଷ ଆଦି ଅନେକ ସାଂସ୍କୃତିକ, ରାଜନୈତିକ ଓ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ। ବର୍ତ୍ତମାନ ସେ ଆଇନରେ ଅଧ୍ୟୟନରତ ଛାତ୍ର ରହି ବିଭିନ୍ନ ଆଞ୍ଚଳିକ ବିକାଶ, ସାମାଜିକ ସମସ୍ୟାର ସମାଧାନ ସମେତ ଛାତ୍ରଛାତ୍ରୀଙ୍କ ସୁବିଧା ଓ ମହାବିଦ୍ୟାଳୟ ମାନଙ୍କ ଉନ୍ନତି ଦିଗରେ ସକରାତ୍ମକ ପ୍ରଚେଷ୍ଟା ଜାରି ରଖିଛନ୍ତି। ଆଗକୁ ଦକ୍ଷିଣ ଓଡ଼ିଶାର ସବୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଦକ୍ଷିଣ ଓଡ଼ିଶା ଛାତ୍ର ସଂଘ(ସୋସା)ର ଏକକ କମିଟି ଗଠନ କରାଯାଇ ଛାତ୍ରଛାତ୍ରୀଙ୍କ ମନରେ ରାଜନୀତିକ ସଚେତନତା ବୃଦ୍ଧି କରିବା ପାଇଁ ଉଚିତ୍ ପଦକ୍ଷେପମାନ ଗ୍ରହଣ କରାଯିବ ବୋଲି ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ବଡ଼ମୂଳବସନ୍ତ ୟୁକୋ ବ୍ୟାଙ୍କରୁ ଚୋରି




● ସାଇଣ୍ଟିଫିକ ଟିମ ସହ ପୁଲିସର ତଦନ୍ତ ଜାରି

ପଟ୍ଟାମୁଣ୍ଡାଇ, ୬।୭ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ମୂଳବସନ୍ତ ୟୁ କେ ବ୍ୟାଙ୍କରୁ ଗତକାଲି ବିଳମ୍ବିତ ରାତିରେ ଚୋରୀ ହୋଇଛି । ଗତକାଲି ରାତି ପ୍ରାୟ ୨ଟା ସମୟରେ ଚୋରମାନେ ବ୍ୟାଙ୍କ ସଟର ଓ ଗ୍ରିଲ ତାଲା ଭାଙ୍ଗି ବ୍ୟାଙ୍କ ମଧ୍ୟରେ ପ୍ରବେଶ କରି ବିଭିନ୍ନ ଲକର ଓ ତାଲା ଭାଙ୍ଗି କାଗଜପତ୍ର ଓ ଆସବାବପତ୍ର ନଷ୍ଟ କରି ଦେଇଥିଲେ । ମୁଖ୍ୟ ଲକର ଭାଙ୍ଗିବା ପାଇଁ ଉଦ୍ୟମ କରି ବିଫଳ ହେବା ପରେ ବ୍ୟାଙ୍କ ମଧ୍ୟରୁ ସୁନା ଟଙ୍କା ଚୋରୀ କରିବା ସମ୍ଭବ ହୋଇପାରିନାହିଁ । ଆଜି ସକାଳେ ସ୍ଥାନୀୟ ଜନସାଧାରଣ ବ୍ୟାଙ୍କ ସଟର ଓ ଗ୍ରିଲ ଭଙ୍ଗା ଯାଇଥିବା ଦେଖି ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀଙ୍କୁ ଖବର ଦେଇଥିଲେ । ସରପଞ୍ଚ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ପରେ ବ୍ୟାଙ୍କ ପରିଚାଳକ ଓ ପୋଲିସକୁ ଖବର ଦେଇଥିଲେ । ବ୍ୟାଙ୍କ ପରିଚାଳକ ଆଲୋକ ରଞ୍ଜନ ନାୟକ ବ୍ୟାଙ୍କ ଚୋରୀ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ । କେନ୍ଦ୍ରାପଡ଼ା ଏସ ପି ସିଦ୍ଧାର୍ଥ କଟାରିଆ ଖବର ପାଇ ଏହି ବ୍ୟାଙ୍କ ଚୋରୀ ଘଟଣା ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ ପଠାଇଥିଲେ। ପଟ୍ଟାମୁଣ୍ଡାଇ ଆଇ ଆଇ ସି ବନ୍ଦନା ପାତ୍ର ସାଇଣ୍ଟିଫିକ ଟିମ ସହିତ ୟୁ କୋ ବ୍ୟାଙ୍କରେ ପହଂଚି ସି ସି ଟି ଭି ଆଧାରରେ ଚୋରୀ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଗତ କିଛି ଦିନ ତଳେ ବଡ଼ମୂଳବସନ୍ତ ପଂଚାୟତ ଅଫିସ ଗ୍ରିଲ ଓ ସଟର ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କାର କମ୍ପୁଟର, ଜେରକ୍ସ ମ୍ୟାସିନ ଆଦି ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ । ଏହି ପଞ୍ଚାୟତ ଅଫିସ ଚୋରୀ ମାମଲା ତଦନ୍ତାଧୀନ ଥିବାବେଳେ ବ୍ୟାଙ୍କ ଚୋରୀ ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି ।

# କୁକୁଡ଼ା ଚିଆଁ ଓ ଦାନା ଲୁଟି ଯୁବକ ଗିରଫ

ବାଲିଅନ୍ତା, ୬।୭ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ ଆଜି କୁକୁଡ଼ା ଫାର୍ମରୁ ଦାନା ଓ ଚିଆଁ ଲୁଟ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ସରକଣା ପଞ୍ଚାୟତ ଅଧୀନ ବ୍ରାହ୍ମଣସୁଆଁଲୋ ଗ୍ରାମର ଅଞ୍ଜନ ଓରଫ ଚୁଇନା ଓରଫ ମନୋଜ ଭୋଇ (୨୬) । ତେବେ କୋର୍ଟରେ ଜାମିନ ଖାରଜ ହୋଇଯିବାରୁ ଝାରପଡା ହାଜତକୁ ପଠାଇ ଦିଆଯାଇଛି । ସରକଣା ପଞ୍ଚାୟତ ଅଧୀନ ବ୍ରାହ୍ମଣସୁଆଁଲୋ ଗ୍ରାମର ବୀଣାପାଣି ଦାସ ବାଳ କାଟି ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ବୀଣା ପାଣି ବ୍ରାହ୍ମଣ ସୁଆଁଲୋ ଗ୍ରାମରେ ନିଜ ପୁଅ ସହ ରହୁଥିବା ବେଳେ, ଉକ୍ତ ଗ୍ରାମର ଭୋଇ ସାହି ନିକଟରେ ଏକ କୁକୁଡା ଫାର୍ମ କରିଥିଲେ । ଗତ ମାସ ୨୩ ତାରିଖ ରାତିରେ ଚୁଇନା ଫାର୍ମକୁ ଯାଇ ତାଙ୍କ ପୁଅ ଶୁଭମଙ୍କୁ ୫କେଜି କୁକୁଡା ଦାନା ମାଗିଥିଲେ । ରାତି ଅଧିକ ହୋଇଯାଇଥିବା କହି ଶୁଭମ ତାଙ୍କୁ ସକାଳେ ଆସିବା ଲାଗି କହିଥିଲେ । ଏଥିରେ ଚୁଇନା ଉତ୍ତେଜିତ ହୋଇ ତାଙ୍କୁ ଧମକ ଦେଇ ସେଠାରୁ ପଳାଇ ଯାଇଥିଲେ । ତା ପରଦିନ ସକାଳେ ଶୁଭମ କୁକୁଡା ଫାର୍ମକୁ ଯାଇଥିବା ବେଳେ, କୌଣସି ଅଭିଯୁକ୍ତ ଫାର୍ମର ତାଲା ଭାଙ୍ଗି ଭିତରୁ ୧୦ ପ୍ୟାକେଟ କୁକୁଡା ଦାନା ଏବଂ ପ୍ରାୟ ୧୦୦ ଗୋଟି କୁକୁଡା ଚିଆଁ ଚୋରି କରି ନେଇଯାଇଥିବା ଦେଖିବାକୁ ପାଇଥିଲେ । ଚୁଇନା ସମ୍ପୃକ୍ତ ଥିବା ସନ୍ଦେହ କରି ବୀଣାପାଣି ଥାନାରେ ଅଭିଯୋଗ କରିଥିଲେ ।

## ବାହୁଡ଼ିଲେ ମହାପ୍ରଭୁ ଶ୍ରୀ ବଳଦେବଜୀଉ

# ଦ୍ୱିତୀୟ ଦିନରେ ବି ଚକଡ଼ା ଛୁଇଁଲାନି ବ୍ରହ୍ମତାଳଧ୍ୱଜ

### ବାମପାର୍ଶ୍ୱକୁ ମାଡ଼ିବାରୁ ଦୁଇଥର ଅଟକିଲା

### ପ୍ରଶାସନର ଖାମଖିଆଲ ମନୋଭାବ ପାଇଁ ଏଭଳି ସମସ୍ୟା: ଗଣେଶ୍ୱର

### ଦ୍ୱାଦଶୀରେ ରଘୁନାଥ ବେଶରେ ଦେବେ ଦର୍ଶନ



କେନ୍ଦ୍ରାପଡ଼ା, ୬।୭ (ସଂଚାର ବ୍ୟୁରୋ) : ନବଦିନ ବ୍ୟାପୀ ଯାତ୍ରା ପରେ ବଡ଼ଦେଉଳ ଅଭିମୁଖେ ବାହୁଡ଼ି ଆସିଛନ୍ତି ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀସିଦ୍ଧବଳଦେବଜିଉ। ଧାର୍ଯ୍ୟ ସମୟ ମଧ୍ୟରେ ବ୍ରହ୍ମତାଳଧ୍ୱଜ ରଥ ଗଡ଼ିଥିବା ବେଳେ ପୁନର୍ବାର ରଥ ବାମପଟକୁ ମାଡୁଥିବାରୁ ଆଜି ସନ୍ଧ୍ୟାରେ ବଡ଼ଦେଉଳ ଚକଡ଼ା ଛୁଇଁପାରିନାହିଁ। ବାହୁଡ଼ା ଦଶମୀରେ ରଥ ଗତକାଲି ଦକ୍ଷିଣ ମୋଡ଼ ନେଇଥିଲା। ଆଜି ସେହିଠାରୁ ବଡ଼ଦେଉଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ପ୍ରଥମେ ରଥ ଦୁଇ ଦଉଡ଼ି ଗଡ଼ିବା ପରେ ବାମ ପାର୍ଶ୍ୱକୁ ମାଡି ଅଟକି ଯାଇଥିଲା। ପାରାଦୀପରୁ ଆସିଥିବା ଭାରତୀୟ ରେଲୱେ କର୍ମଚାରୀ ଜ୍ୟାକ ମେସିନ୍ ସାହାଯ୍ୟରେ ଶ୍ରୀମନ୍ଦିର ମୁଖା କରିଥିଲେ। ଏହା ପରେ ରଥ ଗଡିବା ପରେ କିଛି ବାଟ ଅତିକ୍ରମ କରିବା ପରେ ପୁନର୍ବାର ଚନ୍ଦନ ପୋଖରୀ ନିକଟରେ ରଥ ପୁନର୍ବାର ବାମ ପାର୍ଶ୍ୱରେ ଥିବା ପୁଟପାଥ୍ ନିକଟରେ ରଥ ଲାଗିଯାଇଥିଲା କିନ୍ତୁ ପ୍ରଶାସନ ଏବଂ ରେଲୱେ କର୍ମଚାରୀ ରଥକୁ ଗତିପଥ ପରିବର୍ତ୍ତନ ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ସନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ କରାଯାଇଥିଲା।

ଆଜି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଇଛାପୁର ବଡ଼ଦାଣ୍ଡରେ ଯୋଗଦେବା ସହ ପ୍ରଶାସନିକ ଅବହେଳା ପାଇଁ ବାରମ୍ବାର ଏଭଳି ଘଟଣା ଦେଖାଦେଉଥିବା କହିଛନ୍ତି । ଏହା ମଧ୍ୟ ଗଣମାଧ୍ୟମ ଆଗରେ କହିଛନ୍ତି କି ରଥଯାତ୍ରା ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ହେଇଥିବା ସମନ୍ୱୟ ବୈଠକରେ ଏହି ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତାବ ରଖିଥିଲେ ମଧ୍ୟ କାହିଁକି ଏହାକୁ ଗୁରୁତ୍ୱ ଦିଆଗଲାନାହିଁ। ରଥ ନିର୍ମାଣ ଜନିତ ତ୍ରୁଟି ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିବା ପ୍ରଶାସନ କହିଥିଲେ ବି ତାହା ପୂର୍ବରୁ ମୋ ପାଣ୍ଠିରୁ ଦେଇପାରିଥାନ୍ତି କିନ୍ତୁ ପ୍ରଶାସନ ତରଫରୁ କୌଣସି ଉତ୍ତର ମିଳିନଥିଲା ଯାହା ପାଇଁ ଏଭଳି ସମସ୍ୟା ଦେଖାଦେଲା ।

ଆଜି ମଧ୍ୟାହ୍ନ ସମୟରେ ପାଗ ଅନୁକୂଳ ଥିବାରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥଟଣା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କିନ୍ତୁ ଅପରାହ୍ନ ସମୟରେ ବଡ଼ଦାଣ୍ଡରେ ଝିପି ଝିପି ବର୍ଷା ଲାଗିରହିଥିବା ସତ୍ତ୍ୱେ ରଥଟଣା ସମୟରେ ବର୍ଷରେ ଭିଜିକି ମଧ୍ୟ ମହାପ୍ରଭୁଙ୍କ ରଥ ଟାଣିଥିଲେ ।

# ଧର୍ମ ଜାଗରଣ ପକ୍ଷରୁ ପ୍ରସାଦ ବଣ୍ଟନ



କେନ୍ଦ୍ରାପଡ଼ା, ୬।୭ (ସଂଚାର ବ୍ୟୁରୋ): ଧର୍ମ ଜାଗରଣ ସମନ୍ୱୟ କେନ୍ଦ୍ରାପଡ଼ା ଜିଲ୍ଲା ତରଫରୁ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ନିଶୁଳ୍କ ପ୍ରସାଦ ସେବନ ବେବସ୍ଥା ମାଉସୀ ମା ମନ୍ଦିର ନିକଟରେ କରା ଯାଇଥିଲା।ଦୂର ଦୁରନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଓ ଜିଲ୍ଲା ପ୍ରଶାସନ ର କାର୍ଯ୍ୟରତ ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ପୂର୍ବାହ୍ନ ପ୍ରାୟ ଦିନ ୧୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟତ୍ ୫ହଜାର ଶ୍ରଦ୍ଧାଳୁ ଙ୍କ ପାଇଁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ବିଭାଗ ପ୍ରମୁଖ ଗୋଲଖ ବେହେରା,କେନ୍ଦ୍ରାପଡ଼ା ଧର୍ମ ଜାଗରଣ ପ୍ରମୁଖ ରାଜେନ୍ଦ୍ର ଗିରି,ଜିଲ୍ଲା ସଂଯୋଜକ ବିବେକାନନ୍ଦ ମହାରଣା,ସମାଜ ସେବୀ ବାବୁଲା ପତ୍ରୀ,ଜିଲ୍ଲା ପ୍ରଶାସନିକ ପ୍ରମୁଖ ମାଧବ ପ୍ରଧାନ,ସଂସ୍କୃତି ପ୍ରମୁଖ ସୁମନ୍ତ ଦାସ,ନଗର ପ୍ରମୁଖ ଅଭିଜିତ ଦାସ,ମହାକାଳପଡ଼ା ସଂଯୋଜକ ମନୋଜ ସ୍ୱାଇଁ,ଲକ୍ଷ୍ମୀ ସାଗର ମହାନ୍ତି,ସୁଶିଲ ଦାସ,ଅବିନାଶ ପରିଡ଼ା,ପ୍ରକାଶ ରାଉତ,ସଂଗ୍ରାମ କେଶରୀ ରାଉତ,ପାର୍ବତୀ ବେହେରା,ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ତ୍ୱରାନିତ କରିଥିଲେ।




# ପତିତପାବନଙ୍କ ବାହୁଡ଼ା ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ

ପଟ୍ଟାମୁଣ୍ଡାଇ, ୬।୭ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇରେ ପତିତପାବନଙ୍କ ପବିତ୍ର ବାହୁଡ଼ା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବକ୍ତାରପୁର ମାଉସୀ ମା ମନ୍ଦିରରୁ ରଥ ବାହାରି ପୋଖରୀଆପଡା ପତିତପାବନ ମନ୍ଦିର ଅଭିମୁଖେ ଆସିଥିଲା ଓ ପ୍ରତ୍ୟୁଷରୁ ମାଉସୀ ମା ମନ୍ଦିର ମୁଖ୍ୟପୂଜକ ଶତ୍ରୁଘ୍ନ ପାଣି ଓ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତମାନେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ମା ସୁଭଦ୍ରାଙ୍କର ଯଥାବିଧି ପୂଜା ଅର୍ଚ୍ଚନା କରି ପହଣ୍ଡି ବିଜେ କରିବା ପରେ ସୁସଜ୍ଜିତ ରଥରେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ରଥାରୁଢ଼ କରାଯାଇଥିଲା ଓ ମାଉସୀ ମା ମନ୍ଦିରର ପରିଚାଳନା କମିଟି ସଭାପତି ପ୍ରଫେସର ଅର୍ଜୁନ ଚରଣ ନାୟକ ଛେରାପହଁରା କରିଥିଲେ। ଉକ୍ତ କମିଟିର ସମ୍ପାଦକ ତଥା ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ, କୋଷାଧକ୍ଷ କୁଳମଣି ସାହୁ, ରାଜୀବ ମିଶ୍ର, ଅଶୋକ ନାୟକ, ଦେବ ମହାନ୍ତି, ବାବନ ସାହୁ, ଆଶୁତୋଷ ରାଉଳ, ରାଜେନ୍ଦ୍ର ବେହେରା, ଶ୍ରୀକାନ୍ତ ନାୟକ ଓ ମର୍ନିଂ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ବାହୁଡ଼ା ଯାତ୍ରାରେ ସହଯୋଗ କରିଥିଲେ। ୯ ଦିନ ବ୍ୟାପୀ ଆନନ୍ଦ ବଜାରରେ ପ୍ରସାଦ ସେବନ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ରଥଯାତ୍ରାରେ ପଟ୍ଟାମୁଣ୍ଡାଇ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ପୁରୁଷ ମହିଳା ସାମିଲ ହୋଇ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ବକ୍ତାରପୁର ମାଉସୀ ମା ମନ୍ଦିର ଠାରୁ ରଥ ଟାଣି ଟାଣି ପୋଖରୀଆପଡା ପତିତପାବନ ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ। ବାହୁଡ଼ା ଯାତ୍ରା ପାଇଁ ସମଗ୍ର ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିଲା। ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୋଲିସ ବାହିନୀଙ୍କ ସହିତ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ନିୟନ୍ତ୍ରଣ ହେଉନି ମଶା ବଂଶବୃଦ୍ଧି

### କାମ ଦେଉନି ମ୍ୟାଲେରିଆ ନିରାକରଣ

### ସମ୍ପୃକ୍ତ ବିଭାଗ ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ



କାକଟପୁର/ଅସ୍ତରଙ୍ଗ, ୬।୭ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ବର୍ଷା ଋତୁରେ ମଶାଙ୍କ ବଂଶବୃଦ୍ଧି ସହ ତାଳଦେଇ ମ୍ୟାଲେରିଆ ରୋଗ ମଧ୍ୟ ବଢ଼ିଚାଲିଛି। ଏପରି ସ୍ଥଳେ ମ୍ୟାଲେରିଆ ନିରାକରଣ ଯୋଜନା ଏଠାରେ କାମରେ ଆସୁ ନଥିବା ଅଭିଯୋଗ ହେଉଛି। ତେବେ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟେକ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ମ୍ୟାଲେରିଆ ନିରାକରଣ ବିଭାଗ ରହିଛି। ଏଥି ନିମନ୍ତେ ପ୍ରତି ବର୍ଷ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ବିଶେଷ କରି ରୋଗ ନିରାକରଣ ତଥା ମଶା ନିୟନ୍ତ୍ରଣ ନିମନ୍ତେ ନାନା ରାସାୟନିକ ସ୍ପ୍ରେ, ଔଷଧ, ସଚେତନତା ଆଦିର ବ୍ୟବସ୍ଥା ରହିଛି। କିନ୍ତୁ ଏଥିପାଇଁ ଆସୁଥିବା ଅର୍ଥ ଖର୍ଚ୍ଚ ନକରି ସମ୍ପୃକ୍ତ ବିଭାଗ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି।

ଅପରପକ୍ଷେ, ଏବେ ବର୍ଷା ଋତୁରେ ନାଳ ନର୍ଦ୍ଦମା, ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ପଚାଶଢ଼ା ପନିପରିବା, ମଇଳା ଆବର୍ଜନା ସ୍ଥାନରେ ମଶା ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। ଫଳରେ ଘର, ବାହାର, ବିଦ୍ୟାଳୟ, ଦେବାଳୟ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଆଦି ସ୍ଥାନରେ ଲୋକେ ମଶା କାମୁଡାରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସରକାରୀ କଳର ମନମାନି ଯୋଗୁଁ ଯୋଜନା ସଫଳ ରୂପାୟନ ହେବା ପରିବର୍ତ୍ତେ ନିମ୍ନଗାମୀ ହୋଇପଡିଛି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଲୋକେ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ହେଁ ପ୍ରଶାସନ ଏଥିପ୍ରତି ମୁହଁ ବୁଲାଇ ଦେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମ୍ୟାଲେରିଆ ପାଇଁ ବିଭିନ୍ନ ଗାଁ ରେ ପ୍ରଶାସନ ତରଫରୁ ମଶାକୁ ମାରିବା ପାଇଁ ମଶା ଧୂଆଁ ଓ ଔଷଧ ସିଞ୍ଚନ ଓ ବ୍ୟବହାର ପାଇଁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

ଅନ୍ୟ ପଟେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଏ ସମ୍ପର୍କରେ ପ୍ରତି ଗାଁରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଏ, କିନ୍ତୁ କଣ ସମସ୍ୟା ରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଙ୍କ ସହ ଆଲୋଚନ କରିବି ବୋଲି ମତ ଦେଇଛନ୍ତି।



## ବାହୁଡ଼ା ଯାତ୍ରାରେ ବିଞ୍ଚଣା ସେବା ଯୋଗାଇଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

କେନ୍ଦ୍ରାପଡ଼ା, ୬।୭ (ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ବାହୁଡ଼ା ଯାତ୍ରାରେ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀକ୍ଷେତ୍ର ଠାରେ "ବିଞ୍ଚଣା ସେବା" ଯୋଗାଇ ଦିଆଯାଇଛି। ଏହି ସେବା ସହ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରଥ ଟାଣୁଥିବା ଭକ୍ତ ମାନଙ୍କ ପାଇଁ ଥଣ୍ଡା ପାଣି ର ବ୍ୟବସ୍ଥା କରାଯାଇଛି। ବହୁତ ଭକ୍ତ ଏହି ସେବା ପାଇବା ପରେ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଆଶିଷ ପ୍ରଦାନ କରିଛନ୍ତି। ଆଜି ର କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଂପାଦକ ରାଜେଶ ବାରିକ, ମନୋଜ ନାୟକ, ଆକାଶ ଦାସ, ରାକେଶ ବଳ, ହେମନ୍ତ କୁମାର ସାମଲ, କେଦାର ସ୍ୱାଇଁ, ସୁରେଶ ଦାଶ, ସୌମ୍ୟ ରଞ୍ଜନ ପରିଡ଼ା ମଙ୍ଗଳ ପ୍ରାସାଦ ସାହୁ, ପୃଥିରଞ୍ଜନ ଦାସ, ସୁଜଲ୍ ଦାସ ଓ କବିତା ବାରିକ୍ ସହଯୋଗ କରିଥିଲେ।

# ଏମ୍‌ଜିନରେଗା କାର୍ଯ୍ୟର ତଦନ୍ତ ରିପୋର୍ଟ ପ୍ରଦାନ

● ତଦାରଖ ଅଧିକାରୀଙ୍କ ହାତରେ ତଦନ୍ତ ଦାୟିତ୍ୱ ● ଅଭିଯୋଗ ଉପରେ ହୋଇନି ତଦନ୍ତ



ନାଉଗାଁ, ୬।୭ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଓଷକଣା ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିନରେଗା) କାର୍ଯ୍ୟରେ ପ୍ରଥମେ ମେସିନ ଓ ଟ୍ରାକ୍ଟର ସାହାର୍ଯ୍ୟରେ ବାହାରୁ ମାଟି ଅଣାଯାଇ ପ୍ରକଳ୍ପସ୍ଥଳରେ ପକାଯାଇଥିଲା। ପରେ ବିଲ୍ ପାଇଁ କିଛି ଜବକାର୍ଡଧାରୀଙ୍କୁ କାର୍ଯ୍ୟସ୍ଥଳରେ ଛିଡା କରାଇ ସେମାନଙ୍କର ଫଟୋ ଉତୋଳନ କରାଯିବା ପରେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ କରାଯାଇ ଶ୍ରମିକଙ୍କ ଉପସ୍ଥାନ ଦର୍ଶାଯାଇଥିଲା। କିନ୍ତୁ ମଷ୍ଟରରୋଲ ଉପସ୍ଥାନରେ ଥିବା ନାମ ସହ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହୋଇଥିବା ଫଟୋ ମଧ୍ୟରେ ତାଳମେଳ ନ ଥିବା ଜଣାଯାଇଥିଲା। ମଷ୍ଟରରୋଲ ଉପସ୍ଥାନରେ ନରେଶ ସ୍ୱାଇଁଙ୍କ ନାମ ରହିଥିବା ବେଳେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପଲୋଡ ହୋଇଥିବା ଫଟୋରେ ତାଙ୍କ ଫଟୋ ନଥିବା ଦେଖାଯାଇଥିଲା। ଯାହାକୁ ଓଷକଣା ପଞ୍ଚାୟତରେ ଏମ୍‌ଜିନରେଗା କାର୍ଯ୍ୟରେ ଅନିୟମିତା ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ ହୋଇଥିଲା।

ଜିଲ୍ଲାପାଳ ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲା। ବିଡିଓଙ୍କ ଦ୍ୱାରା ବ୍ଲକର ଏମ୍‌ଜିଏନ୍‌ଆର୍‌ଜିଏସ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ(ଏପିଓ)ଙ୍କୁ ଅଭିଯୋଗର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏପିଓ ଅଭିଯୋଗ ଉପରେ ତଦନ୍ତ ନ କରି ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ବ୍ଲକ କାର୍ଯ୍ୟାଳୟର ପତ୍ର(ସଂଖ୍ୟା-୧୮୨୫ ତା ୨୬/୦୬/୨୦୨୫) ରେ ଏକ ମିଥ୍ୟା ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଇଥିବା ଅଭିଯୋଗ ହୋଇଛି।

## ଜଳ ସମ୍ପଦ ବିଭାଗର ବାହାଘର ବେଳେ ବାଇଗଣ ରୁଆ

# ଚାଷ ଜମିକୁ ପାଣି ଛାଡିବା ସମୟରେ କେନାଲ ସଫେଇ

- ଆବର୍ଜନାକୁ ଆଡେଇ ବିଲ୍ ମସୁଧା
- ଅନେକ ସ୍ଥାନରେ କଟକୀ ଦଳ ଭର୍ତ୍ତି
- ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ



କାକଟପୁର/ଅସ୍ତରଙ୍ଗ, ୬।୭ (ସଂଚାର ବ୍ୟୁରୋ): ବର୍ତ୍ତମାନ ବର୍ଷା ଋତୁ ସମୟରେ ତରବରିଆ ହୋଇ ର ଠ କରି ଜେସିବି ଶୁଣ୍ଡରେ ଶାଖା କେନାଲକୁ ସଫେଇ କରାଯାଉଛି। ପୁରୀ ଜିଲ୍ଲା କାକଟପୁର ଜଳସେଚନ ବିଭାଗ ଅଧୀନ ଅସ୍ତରଙ୍ଗ ମୁଖ୍ୟ ବଜାର ଦେଇ ଯାଇଥିବା କେନାଲଟି ସୁନ୍ଦର ପର୍ଯ୍ୟନ୍ତ ଯାଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ତରବରିଆ ହୋଇ ସୁନ୍ଦର ଗ୍ରାମ ପଟୁ ଜେସିବି ମାଧ୍ୟମରେ ସଫେଇ ହୋଇ ଆସୁଥିବା ବେଳେ ଅସ୍ତରଙ୍ଗ ଦେଇ ଯାଇଥିବା କେନାଲରେ ଆବର୍ଜନା ଓ ଦଳ ଭର୍ତ୍ତି ହୋଇଛି। ଜଳ ସମ୍ପଦ ବିଭାଗ ଏବେ କେନାଲ ସଫେଇ କାମ କରୁଥିବା ଦେଖିବାକୁ ମିଳୁଛି। ବିଲରେ ତଳି ପକାଇବା ପାଇଁ ସମୟ ଚାଲିଯାଉଥିବା ବେଳେ ବିଭାଗ ପକ୍ଷରୁ ନାଳରେ ପାଣି ଛାଡିବା ପରିବର୍ତ୍ତେ ସଫେଇ କରୁଛି। ଜଳ ସମ୍ପଦ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଚାଷୀ ମାନେ ଆନ୍ଦୋଳନ ପାଇଁ ମେଳି ବାନ୍ଧିବା ଆରମ୍ଭ କଲେଣି। କାମ ବାହାନା ଦେଖାଇ ପକେଟ ଗରମ କରିବା ଉଦେଶ୍ୟରେ ଏଭଳି ଘାସ ସଫା, ଛଞ୍ଚା କାର୍ଯ୍ୟ କରାଯାଉଛି ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି।

ଏଠି ପ୍ରଶ୍ନ ଉଠୁଛି ପ୍ରତିବର୍ଷ ଜଳସମ୍ପଦ ବିଭାଗ ବାହାଘର ବେଳେ ବାଇଗଣ ରୁଆ କରି ଦୁର୍ନୀତିକୁ ପ୍ରଶ୍ରୟ ଦେଉ ନାହିଁ ତ ? ସାଧାରଣ ଚର୍ଚ୍ଚା ଏହି କାର୍ଯ୍ୟ ମାସକ ପୂର୍ବରୁ ହୋଇଥିଲେ କଣ ଅସୁବିଧା ହୋଇଥାନ୍ତା। କେତେକ ସ୍ଥଳେ କଟକୀ ଦଳ ମାଡି ଯାଇଛି। ଗଛ ଲତା ଭର୍ତ୍ତି ସତ୍ତ୍ୱେ ସଫେଇ ସେହି ହାରରେ କରାଯାଉ ନାହିଁ। ବରଂ ଜେସିବି ଶୁଣ୍ଡରେ କିଛି ଆବର୍ଜନାକୁ ନାମକୁ ମାତ୍ର ଆଡେଇ ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି। ଫଳରେ ବର୍ଷା ବଢିଲେ ପୁଣି ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେବ। ତତସହିତ କେନାଲ ଦେଇ ଚାଷ ଜମିକୁ ଜଳସେଚନର ଆଶା ଚୁରମାର ହୋଇଯିବ। ବର୍ଷା ଦିନ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେନାଲ ସଫେଇ ଅସ୍ତରଙ୍ଗ ବ୍ଲକ ଅଂଚଳର ଅନେକ ଗ୍ରାମରେ ଯାଇଥିବା କେନାଲ ସଫେଇ ସରିନି। ଏ ସଂକ୍ରାନ୍ତରେ ଜଳସେଚନ ବିଭାଗକୁ ଜଣାଇ ମଧ୍ୟ ନିରାଶ ହେବାକୁ ପଡିଛି। ସୂଚନା ଥାଉ କି, କେତେକ ଯନ୍ତ୍ରୀ ଓ କର୍ମଚାରୀ ବର୍ଷ ବର୍ଷ ଧରି କାକଟପୁର ଜଳସେଚନ ବିଭାଗରେ ଚକା ମାଡି ବସି ରହିଥିବାରୁ ଦୁର୍ନୀତି ଶିଖର ଛୁଇଁଥିବା ସାଧାରଣରେ ବାରମ୍ବାର ଚର୍ଚ୍ଚା କରାଯାଉଛି।

# ୯ ଜୁଲାଇ ଧର୍ମଘଟକୁ ସଫଳ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନ

କେନ୍ଦ୍ରାପଡ଼ା, ୬।୭ (ସଂଚାର ବ୍ୟୁରୋ) : କେନ୍ଦ୍ରରେ ବିଜେପି ସରକାର କ୍ଷମତା ଦଖଲ କରିବା ପରଠାରୁ ଦେଶର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ପରିସ୍ଥିତି କ୍ରମଶଃ ଶୋଚନୀୟ ହୋଇଚାଲିଛି । ଭାରତୀୟ ମାନଙ୍କର ମୁଣ୍ଡପିଛା ଆୟକୁ ହିସାବ କଲେ ୧୯୧ଦେଶ ମଧ୍ୟରେ ଭାରତର ସ୍ଥାନ ୧୪୦ରେ ପହଞ୍ଚିଛି । ଦେଶର ୧% ବୃହତ୍ତମ ଧନୀ ଲୋକଙ୍କ ହାତରେ ମୋଟ ସମ୍ପତ୍ତିର ୪୦% ଥିଲାବେଳେ, ୧୦% ବୃହତ୍ତମ ଧନୀଙ୍କ ହାତରେ ମୋଟ ସମ୍ପତ୍ତିର ୭୦% ରହିଛି । ସବାତଳୁ ୫୦% ଲୋକଙ୍କ ହାତରେ ମାତ୍ର ୩% ସମ୍ପତ୍ତି ରହିଛି । ୯୦% ଭାରତୀୟମାନଙ୍କର ଜୀବନ-ଜୀବିକା ଘୋର ଦୁର୍ଦ୍ଦଶାରେ ପଡ଼ିଛି । ବିଜେପି ସରକାର ଯୋଜନାକରି ପୁଞ୍ଜିପତିମାନଙ୍କ ଅପରାଧକୁ ଆଇନସିଦ୍ଧ କରିଚାଲିଛି । ଏହି ସମୟ ମଧ୍ୟରେ ବିଜେପି ସରକାର ବାତିଲ ହୋଇଥିବା ୩ଟି କଳାକୃଷି ଆଇନକୁ ଯୋଜନାବଦ୍ଧ ଭାବେ ପୁଣି ଲାଗୁ କରିବାକୁ ଚାହୁଁଛନ୍ତି । ସଂଯୁକ୍ତକିଷାନ ମୋର୍ଚ୍ଚା ତାହାକୁ ତୀବ୍ର ବିରୋଧ କରୁଛି । ଦେଶର କୃଷକ ସମୁଦାୟ ଓ ଶ୍ରମିକମାନେ ଏକାଠି ହୋଇ ଏହାର ପ୍ରତିବାଦ କରିବେ ବୋଲି ଘୋଷଣା କରିଛନ୍ତି। ବିଜେପି ନିଜର ଘରୋଇକରଣ ନୀତିକୁ ଚାଲୁ କରି ସମସ୍ତ ରାଷ୍ଟ୍ରୀୟ ସମ୍ପତ୍ତିକୁ ଆଦାନୀ, ଆମ୍ବାନୀକୁ ଟେକିଦେବାକୁ ଯୋଜନା କରିଥିବା ସଯୁକ୍ତ କିଷାନ ମୋର୍ଚ୍ଚା କହିଛି। ଏହା ବିରୁଦ୍ଧରେ ୧୮ ଦଫା ଶ୍ରମିକ, କୃଷକମାନଙ୍କ ସପକ୍ଷବାଦୀ ଦାବିରେ ଟ୍ରେଡ୍ ୟୁନିୟନ ମାନଙ୍କ ମିଳିତ ମଞ୍ଚ, ସଂଯୁକ୍ତ କିଷାନ ମୋର୍ଚ୍ଚା, ସ୍ୱାଧୀନ ଫେଡରେସନ, ଯୁବ, ଛାତ୍ର, ମହିଳା ଓ ଆନ୍ୟାନ୍ୟ ସଂଗଠନ ମାନଙ୍କ ପକ୍ଷରୁ ଆସନ୍ତା ଜୁଲାଇ ୯ତାରିଖ ବୁଧବାର ସାରା ଦେଶବ୍ୟାପୀ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସାରା ଜିଲ୍ଲାରେ ସଫଳ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ସ୍ଥାନିୟ ରିଡିଙ୍ଗ ରୁମ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ କୃଷକ ସଙ୍ଗଠନ ସମେତ ଆନ୍ୟାନ୍ୟ ଗଣସଙ୍ଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

# ପୂରଣ ହେଲା ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଦାବି



**ଜୟପୁର,୬।୭ (ସଂଚାର ବ୍ୟୁରୋ) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କେନ୍ଦ୍ରୀୟ ବିଦ୍ୟାଳୟ, ଜୟପୁରର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ଜଗନ୍ନାଥ ସଦର ନିକଟରେ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କରିଛନ୍ତି । ଏହି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ କୁଶଳୀ କରିବ । ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିକ ସାଧାରଣ ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ଅନ୍ୟତମ ସାଂସ୍କୃତିକ, ବ୍ୟବସାୟିକ ଓ ବୌଦ୍ଧିକ

- କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ
- ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ କୁଶଳୀ କରିବବା ଲକ୍ଷ୍ୟ
- ୪୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଛି ଆକାଂକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ : କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଅବିଭକ୍ତ କୋରାପୁଟରେ ୯୦ଟି ପିଏମ ଶ୍ରୀ ସ୍କୁଲ ବିକଶିତ ହେଉଛି
- ବିକଶିତ ଓଡ଼ିଶା ନହେଲେ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବନି

କେନ୍ଦ୍ର ହେଉଛି ଜୟପୁର। ଜୟପୁର ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସହ ଦେଶ ସ୍ୱାଧୀନତାରେ ଅନେକ ଅବଦାନ ରହିଛି । ଏଭଳି ସହରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ଏଠାରେ ବହୁ ଆକାଂକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବ । ଚଳିତ ଶିକ୍ଷା ବର୍ଷ ଠାରୁ ଏହାର ଅସ୍ଥାୟୀ କ୍ୟାମ୍ପସରେ ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢ଼ିବେ । ଏଥିପାଇଁ ନାମଲେଖା ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ବେଶ୍ ସହାୟକ ହେବ । ଆମର ପିଲାମାନଙ୍କ ମଧ୍ୟରେ ଚାକିରି ନକରି ଚାକିରି ଦେବାର ମାନସିକତା ତିଆରି କରାଇବା ଦରକାର।

ସେ ଆହୁରି କହିଛନ୍ତି ଯେ ଗତକାଲି କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୬୧୦ କୋଟି ଟଙ୍କାରୁ ଅଧିକ ଟଙ୍କାର ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରାୟ ୯୦ଟି ସ୍କୁଲ ପିଏମ ଶ୍ରୀ ସ୍କୁଲ ବିକଶିତ ହେଉଛି । ଏଥିପାଇଁ ପାଖାପାଖି ୨୦୦ କୋଟି ଟଙ୍କା ଆସିଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପାଇଁ ପିଏମ ଉଷା ଯୋଜନାରେ କେନ୍ଦ୍ର ସରକାର ୨୦ କୋଟି ଟଙ୍କା ଦେଇଛନ୍ତି । ଓଡ଼ିଶା ସରକାରଙ୍କ ତରଫରୁ ମଧ୍ୟ ଏହି ବିଦ୍ୟାଳୟ ପାଇଁ ୫୦ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା ହୋଇଛି । କୋରାପୁଟର ନବନିର୍ମାଣରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରୟୋଗଶାଳା ହେବ । ଆଗାମୀ ଦିନରେ କୋରାପୁଟ ସମେତ ଅବିଭକ୍ତ ସମସ୍ତ ଜିଲ୍ଲାରେ ଡିଗ୍ରୀ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ବୃଦ୍ଧି କରାଯିବ ।

ଅପାର ସମ୍ଭାବନାର ଅଞ୍ଚଳ ହେଉଛି କୋରାପୁଟ । ଏଠାରେ ଅନେକ ସମ୍ଭାବନା ଅଛି । ଅଭିବକ୍ତ କୋରାପୁଟ ଜିଲ୍ଲାର ବିକାଶ ନ ହେଲେ ବିକଶିତ ଓଡ଼ିଶାର କଳ୍ପନା ହୋଇପାରିବ ନାହିଁ। ବିକଶିତ ଓଡ଼ିଶା ନହେଲେ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଭାରତ ସରକାର ଭାରତମାଳା ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ରାୟଗଡ଼ାରେ ରେଳ ଡିଭିଜନ ହୋଇଛି। ନବରଙ୍ଗପୁର ଓ ମାଲକାନଗିରିରେ ରେଳ ଲାଇନ ଜମିଅଧିଗ୍ରହଣର କାମ ତ୍ୱରାନ୍ୱିତ ହୋଇଛି । କୋରାପୁଟ ସମେତ ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରେ ଶିକ୍ଷା କ୍ଷେତ୍ର ସମେତ ସର୍ବାଙ୍ଗିନ ବିକାଶ, ଆର୍ଥିକ କ୍ଷେତ୍ରକୁ ମଜଭୁତ୍ କରିବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଜୟପୁର ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅର୍ପଣ କରିଥିଲେ ।

# ଡିଫେନ୍ସ ଡ୍ରୋନ ସିମୁଲେଟର ପାଇଁ ଆଇଜି ଡ୍ରୋନ୍ସକୁ ପ୍ରଥମ ପେଟେଣ୍ଟ





**ଭୁବନେଶ୍ୱର, ୬।୭ (ସଂଚାର ବ୍ୟୁରୋ) :** ଓଡ଼ିଶା ନିର୍ମିତ ଆଇଜି ଡ୍ରୋନ୍ସ ଭାରତର ପ୍ରଥମ ସ୍ୱଦେଶୀ ପ୍ରତିରକ୍ଷା ଡ୍ରୋନ୍ସ ସିମୁଲେଟର ପାଇଁ ପାଟେଣ୍ଟ ପାଇଛି । ପ୍ରଥମ ଥର ପାଇଁ ଏହି ଡ୍ରୋନ୍ସ ଅପରେସନ ସିନ୍ଦୁରରେ ବ୍ୟବହୃତ ହୋଇଥିଲା । ଏହି ଡ୍ରୋନ ଦେଶରେ ସଂକଲ୍ପିତ, ଡିଜାଇନ୍, ବିକଶିତ ଏବଂ ନିର୍ମିତ। ଏହା ପରବର୍ତ୍ତୀ ପିଢ଼ିର ସିମୁଲେଟର ଭାରତୀୟ ସେନା, ନୌସେନା, ବାୟୁସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପାଇଁ ଉଚ୍ଚ-ନିଷ୍ଠା, ବାସ୍ତବବାଦୀ ତାଲିମ ପ୍ରଦାନ କରିବ ବୋଲି କହିଛନ୍ତି ଆଇଜି ଡ୍ରୋନ୍ସର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର.ସି. ପାଢ଼ୀ।

ଭାରତର ବୈଷୟିକ ସାର୍ବଭୌମତ୍ୱ ଓ ପ୍ରତିରକ୍ଷା ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଭାବେ ଆଇଜି ଡ୍ରୋନ୍ସ କୁ ଦେଶର ପ୍ରଥମ ସ୍ୱଦେଶୀ ଡିଫେନ୍ସ ଡ୍ରୋନ ସିମୁଲେଟର୍ ପାଇଁ ପାଟେଣ୍ଟ ପ୍ରଦାନ କରାଯାଇଛି। ଏହା ପ୍ରଥମେ ଡିଫେନ୍ସ ଏକ୍ସପୋ। ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉନ୍ମୋଚିତ ଏହି ସିମୁଲେଟର ଏବେ ଭାରତର ଘରୋଇ ପ୍ରତିରକ୍ଷା ଉତ୍କର୍ଷତାର ଏକ ପ୍ରତୀକ ଭାବେ ଉଭା ହୋଇଛି। ଏ ନେଇ ଆଇଜି ଡ୍ରୋନ୍ସର ବରିଷ୍ଠ ଉପାଧ୍ୟକ୍ଷ କହିଛନ୍ତି ଯେ ସୈନ୍ୟ ବାହିନୀରେ ଆମର ସୈନିକମାନଙ୍କୁ ଜିପିଏସ୍- ଡିନାଏଡ ଜୋନନ ଓ ମଲ୍ଟି- ଡ୍ରୋନ ମିଶନ ସମେତ ଅଧିକ ବିପଦପୂର୍ଣ୍ଣ ପରିବେଶ ଗୁଡିକରେ ଯୁଦ୍ଧ ଡ୍ରୋନ ଗୁଡିକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ଏହା ସଶକ୍ତ କରିଥାଏ। ଆଇଜି ଡ୍ରୋନ୍ସର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର.ସି. ପାଢ଼ୀ କହିଛନ୍ତି, " ବର୍ତ୍ତମାନ ଡ୍ରୋନର ଗୁରୁତ୍ୱ ବଢ଼ିଯାଇଛି । ଭାରତୀୟ ସେନା ଚାହେଁ ଯବାନଙ୍କୁ ଯେମିତି ଉଇପନ ଓ ରାଫଲ ଟ୍ରେନିଂ ଦିଆଯାଉଛି, ସେହିପରି ଡ୍ରୋନ୍ସ ଉପରେବି ଟ୍ରେନିଂ ହେଉ। ଏହାକୁ ପଢ଼ାଇବା ପାଇଁ ଏକ ସିମୁଲେଟର ଆବଶ୍ୟକ । ସ୍ୱଦେଶୀ କୌଶଳରେ ଏହାକୁ ନିର୍ମାଣ କରାଯାଇଛି । ସିମୁଲେଟରଟିକୁ ଭାରତୀୟ ସେନା ଗ୍ରହଣ କରିଛି । ଓଡ଼ିଶାର ଯୁବ ପ୍ରତିଭା ଯେଉଁ ମାନେ ଆଇଜି ଡ୍ରୋନ୍ସର ଟିମ୍‌କୁ କ୍ରେଡିଟ ଯାଉଛି । ଓଡ଼ିଶାର ଲୋକାଲ କମ୍ପାନୀ ପଇସା ଲଗାଇ ଏହାକୁ ଡେଭଲପ କରିଛି । ଓଡ଼ିଶା ପାଇଁ ଏହା ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତୀୟ ସେନା ଏହାକୁ ପ୍ରଶଂସା କରିଛନ୍ତି । "

### ପବିତ୍ର ସୁନାବେଶରେ ଅଘଟଣ

## ରାଧାବଲ୍ଲଭ ମଠରୁ ଖସି ପଡ଼ି ଭକ୍ତ ଗୁରୁତର



**ପୁରୀ,୬।୭ (ସଂଚାର ବ୍ୟୁରୋ) :** ପବିତ୍ର ସୁନାବେଶରେ ଅଘଟଣ । ରାଧାବଲ୍ଲଭ ମଠରୁ ଖସି ପଡ଼ି ଜଣେ ଭକ୍ତ ଗୁରୁତର ଆହତ ହୋଇଛନ୍ତି । ଜଗତସିଂହପୁର ପାଟେଲୀ ଗାଁର ବାବାଜୀ ବେହେରା ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ସଦର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ଉପରକୁ ଚଢ଼ି ଯାଇଥିଲେ। ତେବେ ସେ କାହିଁକି ଚଢ଼ିଥିଲେ ଏବଂ କିଭଳି ଖସି ପଡ଼ିଲେ, ସେ ନେଇ କିଛି ସ୍ପଷ୍ଟ ହୋଇ ନାହିଁ । ମାଙ୍କଡ଼ ଗୋଡାଇବା ଯୋଗୁଁ ସେ ଖସି ପଡ଼ିଥିବା ସନ୍ଦେହ କରାଯାଉଛି ।

## କୁକୁଡ଼ା ଫାର୍ମ କାନ୍ଥ ପଡ଼ି ୨ ମହିଳା ମୃତ



**ନୂଆପଡ଼ା,୬।୭ (ସଂଚାର ବ୍ୟୁରୋ) :** ନୂଆପଡ଼ା ଜିଲ୍ଲା ଲଖନା ପଟକରପାଲି ଗାଁରେ ଅଭାବନୀୟ ଘଟଣା । କୁକୁଡ଼ା ଫାର୍ମ କାନ୍ଥ ଭୁଶୁଡ଼ି ପଡ଼ି ଦୁଇ ଜଣ ମହିଳା ମୃତ । ଇଟାକାନ୍ଥ ପଡ଼ି ଶାଶୂ ଓ ନାତୁଣୀ ବୋହୂ ମୃତ। ମୃତକ ହେଲେ ବାଳମତି ଶବର ଓ ଖୁଡ଼ି ରୂପେ ଶବର । ଏଥିରେ ବାଳମତିଙ୍କ ପୁଅ ରିଧି ଶବର ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ଲଖନା ଥାନା ଅର୍ନ୍ତଗତ ପଟକରପାଳି ଗାଁର ଦିବାକର ଶବର ନିଜ ଚାଷ ଜମିରେ କୁକୁଡ଼ା ଫାର୍ମ ନିର୍ମାଣ କରୁଥିଲେ। ଗତକାଲି ରାତିରୁ ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଛି । ଆଜି ମଧ୍ୟାହ୍ନରେ ଦିବାକରଙ୍କ ସ୍ତ୍ରୀ ବାଳମତି, ପୁଅ ରିଧି ଓ ଖୁଡି ରୂପେ ନିର୍ମାଣାଧୀନ କୁକୁଡ଼ା ଫାର୍ମ ଦେଖିବାକୁ ଯାଇଥିଲେ । ଏହି ସମୟରେ ନିର୍ମାଣଧୀନ କୁକୁଡ଼ା ଫାର୍ମର କାନ୍ଥ ହଠାତ ଭୁଶୁଡ଼ି ପଡ଼ିବାରୁ କାନ୍ଥ ତଳେ ଚାପି ହୋଇ ବାଳମତି ଓ ରୂପେ ଶବରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତରହୋଇଥିବା ଶିଶୁକୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି ।

## ଗୁଣିଗାରେଡ଼ି ସନ୍ଦେହରେ ବିଭତ୍ସ ହତ୍ୟା

**ସୁନ୍ଦରଗଡ,୬।୭ (ସଂଚାର ବ୍ୟୁରୋ) :** ସନ୍ଦେହ ନେଇଗଲା ଜୀବନ । ଗୁଣିଗାରେଡି ସନ୍ଦେହରେ ବିଭତ୍ସ ହତ୍ୟା। ସୁନ୍ଦରଗଡ ଜିଲ୍ଲା କୋଇଡା ଥାନାର ମାଲଦା ପଞ୍ଚାୟତର କାକରପାଣି ଗାଁରେ ଅନ୍ଧବିଶ୍ୱାସରୁ ହତ୍ୟାକାଣ୍ଡ । ତନ୍ତ୍ରମନ୍ତ୍ର ସନ୍ଦେହରେ ଜଣକୁ ପଥରରେ ଛେଚି ହତ୍ୟା । ଗାଁର ଗାବ୍ରିଏଲ ସୁରିନଙ୍କୁ ଜ୍ୱର ହେଉଥିବାରୁ ଏବଂ ଜ୍ୱର ଛାଡୁନଥିବାରୁ ତାଙ୍କୁ ଗୁଣି ଗାରେଡି କରାଯାଉଥିବା ସେ ସନ୍ଦେହ କରିଥିଲେ। ଗାଁର ଅମ୍ରିତ ଯୋଯୋ ତାଙ୍କୁ ମନ୍ତ୍ର ତନ୍ତ୍ର କରିଥିବା ସନ୍ଦେହ କରି ମନ୍ତ୍ର ତନ୍ତ୍ର ବା ଗୁଣି ଗାରେଡ଼ି କରି ଥିବା ସନ୍ଦେହ କରିଥିଲା । ଆଜି ଗାବ୍ରିଏଲ ପଥରରେ ଛେଚି ଅମ୍ରିତକୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ତେବେ ଅଭିଯୋଗ ପରେ ଘଟଣାସ୍ଥଳରେ କୋଇଡ଼ା ପୋଲିସର ଏବଂ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଜାରି ରହିଛି ।

## ୧୧ କେଭି ଲାଇନ ସଂସ୍ପର୍ଶରେ ଆସିଲା ଡିଜେ ସାଉଣ୍ଡ ସିଷ୍ଟମ,୬ ଗୁରୁତର

**ଢେଙ୍କାନାଳ,୬।୭ (ସଂଚାର ବ୍ୟୁରୋ) :** ବିବାହ ଶୋଭାଯାତ୍ରାରେ ନାଚୁଥିଲେ ବରଯାତ୍ରୀ । କିଛି ସମୟ ପରେ କନ୍ୟା ଘରେ ପହଞ୍ଚିଥାନ୍ତା ବର । ତାପୂର୍ବରୁ ୧୧କେଭି ବିଜୁଳି ତାର ସଂସ୍ପର୍ଶରେ ଆସିଲା ଡିଜେ ସାଉଣ୍ଡ ସିଷ୍ଟମ । ଡିଜେ ସାଉଣ୍ଡ ସିଷ୍ଟମରେ କରେଣ୍ଟ ପ୍ରବାହିତ ହେବା ପରେ ଡିଜେ ପାଖରେ ନାଚୁଥିବା ଲୋକେ ଜଣକ ପରେ ଜଣେ ଖସି ପଡ଼ିଥିଲେ । ବିଜୁଳି ଆଘାତରେ ୬ଜଣ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ତୁମୁସିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ମଣ୍ଟୁ ପଲାଇ ନାମକ ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ଡିଜେ ସଂସ୍ପର୍ଶରେ ଆସି ଖସି ପଡୁଥିବାର ଭିଡିଓ ଭାଇରାଲ ହୋଇଛି। ଏହି ଘଟଣାରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ତୁମୁସିଂହା ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ଲଗାଣ ବର୍ଷାରେ ଧୋଇଗଲା ଅସ୍ଥାୟୀ ରାସ୍ତା



**ବାଂଶପାଳ,୬।୭ (ସଂଚାର ବ୍ୟୁରୋ) :** ଲଗାଣ ବର୍ଷାରେ ଧୋଇଗଲା ରାସ୍ତା । ଅସ୍ଥାୟୀ ଭାବେ ନିର୍ମିତ ଡାଇଭର୍ସନ ରାସ୍ତା ଧୋଇଯାଇଛି । ଫଳରେ ତେଲକୋଇ ଓ ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁର ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । କେନ୍ଦୁଝର ତେଲକୋଇରେ ଦୁଇ ଦିନ ହେଲା ପ୍ରବଳ ବର୍ଷା ଲାଗି ରହିଛି । ନିକଟସ୍ଥ ବାଉଁଶଯୋର ନାଳ ଦେଇ ବର୍ଷା ପାଣି ନିଷ୍କାସିତ ହେଉଛି । ତେବେ ନାଳଉପରେ ହୋଇଥିବା ଅସ୍ଥାୟୀ ରାସ୍ତା ଭାଙ୍ଗିଯିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ୨୨ ତାରିଖରେ ଅସ୍ଥାୟୀ ପୋଲ ଭାଙ୍ଗିଯିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତରବରିଆ ଭାବେ ଅସ୍ଥାୟୀ ପୋଲ କରିଥିଲା ଠିକାସଂସ୍ଥା। ଏହା ପୁଣି ଥରେ ଭାଙ୍ଗିଯାଇଛି । ବାରମ୍ବାର ଏଭଳି ଘଟଣା ଘଟିବାରୁ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଛି ।

## ଝାରସୁଗୁଡ଼ା: ଜଳ ଘେରରେ ବିଭିନ୍ନ ଅଞ୍ଚଳ




**ଝାରସୁଗୁଡା,୬।୭ (ସଂଚାର ବ୍ୟୁରୋ) :** ଝାରସୁଗୁଡା ଜିଲାରେ ପ୍ରବଳ ବର୍ଷା ଯୋଗୁ ଅଧିକାଂଶ ଅଞ୍ଚଳ ଜଳ ଘେରରେ ରହିଛି। ଝାରସୁଗୁଡା ଜିଲା ସଦର ବ୍ଲକର କାଡିକେଲା ଗ୍ରାମର ଚତୁର୍ପାଶ୍ୱରେ ଜଳ ଘେରି ରହିଥିବା ବେଳେ ବ୍ରଜରାଜନଗରର ଇଟାଭଟା ଅଂଚଳ ଜଳମଗ୍ନ ହୋଇଥିବାରୁ ଝାରସୁଗୁଡା ଜିଲାପାଳ ଆବୋଲି ସୁନୀଲ ନରୱାଣେଙ୍କ ସମେତ ଜିଲା ପ୍ରଶାସନ, ପୋଲିସ ଅଧିକାରୀଙ୍କ ସମେତ ବହୁ ସାମାଜିକ କର୍ମୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ବେଲପାହାଡରେ ଏକ ଟ୍ରକ ବଢ଼ି ପାଣିରେ ଭାସି ଯାଇଥିବା ସହିତ ୩ ରୁ ୪ ଜଣ ବାଇକ ଆରୋହୀ ମଧ୍ୟ ବଢ଼ି ପାଣିରେ ଭାସି ଯାଇଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

## ମୃତ ଶିଶୁ ପ୍ରସବ ପରେ ମା'ର ମୃତ୍ୟୁ: ନର୍ସିଂହୋମ୍‌ରେ ଉତ୍ତେଜନା

**କେନ୍ଦ୍ରାପଡ଼ା,୬।୭ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲାର ଏକ ଘରୋଇ ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଟାଉନ ଥାନା ବଳଗଣ୍ଡିସ୍ଥିତ ଏକ ନର୍ସିଂହୋମ୍‌ରେ ପ୍ରସୂତି ଜଣକ ଏକ ମୃତ ଶିଶୁ ପ୍ରସବ କରିବାର କିଛି ସମୟ ଭିତରେ ସେ ଆଖି ବୁଜିଛନ୍ତି। ଏହି ଘଟଣାକୁ ନେଇ ପରିବାର ଲୋକେ ଚିକିତ୍ସାରେ ଅବହେଳାକୁ ଦାୟୀ କରି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବାହୁଡ଼ା ରଥରେ ଚାପି ହୋଇ ୬ ଆହତ, ନାବାଳକଙ୍କ ଅବସ୍ଥା ସଙ୍କଟାପନ୍ନ



**ବିନିକା,୬।୭ (ସଂଚାର ବ୍ୟୁରୋ) :** ବିନିକା କଂସାରୀପଡ଼ାରେ ଅନୁଷ୍ଠିତ ବାହୁଡ଼ାଯାତ୍ରା ସମୟରେ ଏକ ବଡ଼ ଅଘଟଣ ଘଟିଛି। ରଥରେ ଚାପି ହୋଇ ୩ ନାବାଳକ ସମେତ ୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ତୁରନ୍ତ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଆହତମାନଙ୍କ ମଧ୍ୟରୁ ଜଣେ ନାବାଳକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୯ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

**ଭୁବନେଶ୍ୱର, ୬।୭ (ସଂଚାର ବ୍ୟୁରୋ) :** ଆସନ୍ତା ୯ ତାରିଖରେ ସର୍ବଭାରତୀୟ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଘ ଏଆଇବିଇଏ, ବିଇଏଫ୍ଆଇ ଏବଂ ଏଆଇବିଓଏ ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ଶତାଧିକ କ୍ଷେତ୍ରୀୟ ଫେଡେରେଶନଙ୍କ ମିଳିତ ମଞ୍ଚର ଜାତୀୟ କନ୍‌ଭେନ୍‌ଶନରେ ଏହି ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ କଳା ୪ ଶ୍ରମକୋଡ୍‌ର ବାତିଲ, ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଦେବା, ଆଉଟ୍‌ସୋର୍ସିଂ ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲିଥିବା ପଦବୀ ପୂରଣ, ସର୍ବନିମ୍ନ ମାସିକ ମଜୁରି ୨୬ ହଜାର ଟଙ୍କା ଦେବା, ପୁରୁଣା ପେନ୍‌ସନ ସ୍କିମ୍‌ର ପୁନଃ ପ୍ରଚଳନ ଆଦି ୧୭ ଦଫା ଦାବି କରାଯାଇଛି। ଏଥିସହ ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର, କର୍ପୋରେଟ୍‌ଙ୍କ ଖିଲାପୀ ଋଣର ଅସୁଲ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ବୀମା ପଲିସି ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି। ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଗଠନ ଏନ୍‌ସିବିଇ, ଏଆଇବିଓସି, ଆଇଏମ୍‌ବିଓସି ଏବଂ ଆଇଏନ୍‌ବିଇଏଫ୍ ଏହି ଧର୍ମଘଟକୁ ସମର୍ଥନ ଜଣାଇଛନ୍ତି। ଧର୍ମଘଟ ସଫଳ କରିବା ପାଇଁ ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଓବିଇଏଫ୍‌ର ସାଧାରଣ ସମ୍ପାଦକ ପ୍ରକାଶ କୁମାର ରାୟ ଏବଂ ଏଆଇବିଓଏ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଦାସ ଆହ୍ୱାନ ଦେଇଛନ୍ତି।

## ଆଇଇଡି ବ୍ଲାଷ୍ଟରେ ହାତୀ ମୃତ

**ରାଉରକେଲା,୬।୭ (ସଂଚାର ବ୍ୟୁରୋ) :** ପ୍ରାୟ ସପ୍ତାହ ତଳେ ଝାଡ଼ଖଣ୍ଡ-ଓଡ଼ିଶା ସୀମାବର୍ତ୍ତୀ ସରଣ୍ଡା ଜଙ୍ଗଲରେ ଏକ ହାତୀ ଶାବକକୁ ଗୁରୁତର ଅବସ୍ଥାରେ ଠାବ କରାଯାଇଥିଲା। ଗତ ଜୁନ୍ ୨୭ ତାରିଖରେ ଜଙ୍ଗଲ ସୁରକ୍ଷା ପାଇଁ ନିୟୋଜିତ ଡ୍ରୋନ୍ ସର୍ବେକ୍ଷଣରେ ଉକ୍ତ ହାତୀ ଏକ ନାଳ ନିକଟରେ ନିଜ କ୍ଷତିଗ୍ରସ୍ତ ପଛ ବାମ ଗୋଡରେ ପାଣି ଛାଟୁଥିବା ଦେଖିବାକୁ ମିଳିଥିଲା। ବନ ବିଭାଗର ୬ଟି ଦଳ ଉକ୍ତ ହାତୀକୁ ଠାବ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ଶନିବାର ସନ୍ଧ୍ୟାରେ ସରଣ୍ଡା ଡିଏଫ୍‌ଓ ଅଭିରୂପ ସିହ୍ନାଙ୍କ ନେତୃତ୍ୱରେ ପଶ୍ଚିମ ସିଂହଭୂମ, ରାଉରକେଲା, କେନ୍ଦୁଝର ବନ ବିଭାଗ ତଥା ଗୁଜୁରାଟ ଜାମନଗର ବନତାରା ବିଶେଷଜ୍ଞ ଟିମ୍ ଆହତ ହାତୀକୁ ଠାବ କରିଥିଲେ। ପରେ ଟ୍ରାଙ୍କୁଲାଇଜ କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ହାତୀ ଶାବକର ମୃତ୍ୟୁ ଘଟିଛି। ହାତୀ ଶାବକର ଗୋଡ଼ ବିସ୍ଫୋରଣରେ ଛିଣ୍ଡିଯାଇଥିବା ଦେଖାଯାଇଛି। ଝାଡ଼ଖଣ୍ଡରେ ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ପୋତି ଦିଆଯାଇଛି। ସୂଚନାଯୋଗ୍ୟ, ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣରେ ହାତୀଟି କୁଆଡେ ଆହତ ହୋଇ ଜଙ୍ଗଲରେ ବୁଲୁଥିଲା। ଗତ ୨୭ ତାରିଖରେ ଡ୍ରୋନ୍ ସର୍ଭେ ବେଳେ ଏହି ଘଟଣା ପଦାକୁ ଆସିଥିଲା।

## ଜଙ୍ଗଲରେ ହାତୀଙ୍କ ପାଇଁ ଲାଗିବ ବାଉଁଶ ଓ ପଣସ ଗଛ



**ଭୁବନେଶ୍ୱର, ୬।୭ (ସଂଚାର ବ୍ୟୁରୋ) :** କ୍ଷମତା ଠାରୁ ରାଜ୍ୟରେ ଅଛନ୍ତି ଅଧିକ ହାତୀ । ରାଜ୍ୟରେ ହାତୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେତିକି ହାତୀ ରହିବା କଥା ତାହା ଠାରୁ ଅଧିକ ସଂଖ୍ୟକ ହାତୀ ରହିଛନ୍ତି। ଶିମିଳିପାଳ ସମେତ ରାଜ୍ୟର ଅନ୍ୟ ଜଙ୍ଗଲରେ ରହିଛନ୍ତି ହାତୀ । ଏମାନଙ୍କ ସୁରକ୍ଷା ଓ ଖାଦ୍ୟପ୍ରତି ଗୁରୁତ୍ୱ ଦେଉଛି ବନ ବିଭାଗ। ହାତୀଙ୍କ ଖାଦ୍ୟ ପାଇଁ ଜଙ୍ଗଲରେ ବାଉଁଶ ଓ ପଣସ ଗଛ ଲଗାଇବା ନେଇ ବ୍ୟବସ୍ଥା କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା । ଅନ୍ୟପଟେ ହାତୀଙ୍କ କରିଡର ଆଦିକୁ ଚିହ୍ନଟ କରାଯାଇଛି କିନ୍ତୁ ନୋଟିଫାଏଡ କରାଯାଇନାହିଁ ବୋଲି ସେ କହିଛନ୍ତି । ଜଙ୍ଗଲରେ ହାତୀଙ୍କ ପାଇଁ ରହିବ ଖାଦ୍ୟ। ଖାଦ୍ୟ ଉପରେ ନିର୍ଭର କରୁଥିବା ଗଛ ଲଗାଯିବା ନେଇ ବ୍ୟବସ୍ଥା କରାଯାଇଛି। ଅର୍ଥାତ ହାତୀମାନେ ଯେଉଁ ଗଛ ଉପରେ ଅଧିକ ମାତ୍ରାରେ ନିର୍ଭର କରୁଛନ୍ତି ସେହି ସମସ୍ତ ଗଛ ଲଗାଯିବ। ଯେପରିକି ବାଉଁଶ ଗଛ, ପଣସ ଗଛ, ଆଦି ଗଛ ଲଗାଯିବ ଓ ଆଗକୁ ମଧ୍ୟ ଆହୁରି ଅଧିକ ରୁ ଅଧିକ ଜଙ୍ଗଲରେ ଏହି ସମସ୍ତ ଗଛ ଲଗାଯିବାର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ପିସିସିଏଫ। ବନ୍ୟପ୍ରାଣୀ ପିସିସିଏଫ କହିଛନ୍ତି," ଏହା ସହିତ ହାତୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ଜଙ୍ଗଲରେ ଏଆଇ କ୍ୟାମେରା ଲାଗିଛି । ଶିକାରୀମାନଙ୍କୁ ଧରିବା ପାଇଁ ଅତ୍ୟାଧୁନିକ କ୍ୟାମେରାର ବ୍ୟବହାର କରାଯାଇଛି । ଏହା ସହିତ ଗଜ ସାଥି ସମେତ ହାତୀଙ୍କ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ରହିଛନ୍ତି । " ରାଜ୍ୟରେ ହାତୀ ସଂଖ୍ୟା ପାଖାପାଖି ୨୧୦୦ ରହିଛି। ଯାହା ଗୋଟିଏ ରାଜ୍ୟରେ କ୍ଷମତା ଠାରୁ ଅଧିକ। । ଓଡ଼ିଶାରେ ହାତୀ ରହିବା କ୍ଷମତା ପାଖାପାଖି ୧୮୦୦ । ତେଣୁ ହାତୀ ସୁରକ୍ଷା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି । ହାତୀ ଆକ୍ରମଣରେ ମୃତ୍ୟୁ ହଲେ ସହାୟତା ରାଶିକୁ ୧୦ଲକ୍ଷ କରାଯାଇଛି । ଘର ଭାଙ୍ଗିଲେ ୧୦ ହଜାର ଟଙ୍କା, ରୋଷେଇ ଘର, ଧାନଗୋଦାମ, ଗୋରୁ ଗୁହାଳ, ଛେଳି ଆଶ୍ରୟସ୍ଥଳ କ୍ଷତି ହେଲେ 3 ହଜାର ଟଙ୍କା ଓ ହାତୀ ପକ୍କା ପାଚେରୀ ଭାଙ୍ଗିଲେ ପ୍ରିତି ରନିଂ ମିଟରକୁ ୫ହଜାର ଟଙ୍କା ପ୍ରଦାନ କରାଯିବ । ୧୪ଟି ଗୁରୁତ୍ୱପୂର୍ଣ୍ଣ ହାତୀ କରିଡରର ଚିହ୍ନଟ କରାଯାଇଥିଲା। କିନ୍ତୁ ଦିନକୁ ଦିନ ସହରୀକରଣ ବଢ଼ିବା ସହିତ ଜଙ୍ଗଲ କମ ଓ ଜଙ୍ଗଲରେ ହାତୀଙ୍କ ପାଇଁ ଖାଦ୍ୟ ନମିଳିବାରୁ ଅନେକ ସମୟରେ ହାତୀଙ୍କ ଚଲାପଥ ପରିବର୍ତ୍ତନ ହେଉଛି। ତେଣୁ ନଜରେ ହାତୀ କରିଡର ରହିଛି । ଏହାକୁ ନୋଟିଫାଏଡ଼ କରାଯାଇନାହିଁ ଏନେଇ ବିଭାଗ ଏହାର ପ୍ରୋସେସ କରୁଛି ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ ।

## ନିଶାସକ୍ତ ଯୁବକ ଭାଙ୍ଗିଲା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି



**ନବରଙ୍ଗପୁର,୬।୭ (ସଂଚାର ବ୍ୟୁରୋ) :** ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ । ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ ଯୁବକ। ନବରଙ୍ଗପୁର ସହର ସ୍ଥିତ ୧୬ ନମ୍ବର ୱାର୍ଡ ଗାନ୍ଧୀ ନଗର ଅଞ୍ଚଳରେ ଘଟଣା ଘଟିଛି । ଜଣେ ନିଶାସକ୍ତ ଯୁବକ ଆସି ପଥରରେ ପ୍ରତିମୂର୍ତ୍ତିକୁ ଭାଙ୍ଗିଥିଲା । କେହି ବାରଣ କଲେ ପଥର ଧରି ଗୋଡାଉଥିଲା। ପୋଲିସ ଯୁବକଙ୍କୁ କାବୁ କରି ଥାନାରେ ଅଟକ ରଖିଛି । ଏପଟେ ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯୁବକଙ୍କ ବିରୋଧରେ କଠୋର ଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି ସ୍ଥାନୀୟ କାଉନସିଲର। ଅନ୍ୟପଟେ ତୁରନ୍ତ ନୂତନ ପତିମୂର୍ତ୍ତି ସ୍ଥାପନ କରିବା ଦାବିରେ ଅନଶନରେ ବସିଛନ୍ତି ସହିଦ ସ୍ମୃତି ସଂସଦ ରାଜ୍ୟସଭାପତି ମନୋରଞ୍ଜନ ତ୍ରିପାଠୀ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଉତ୍ପାଦନ ବଢ଼ାଇବେ ଓପେକ ପ୍ଲସ ଦେଶ

# କମିବ ଅଶୋଧିତ ତେଲ ଦର, ଲାଭବାନ ହେବ ଘରୋଇ ବଜାର

ନୂଆଦିଲ୍ଲୀ, ୬।୭: ପୂର୍ବ ଯୋଜନା ତୁଳନାରେ ଓପେକ୍ ପ୍ଲସ ଦେଶ ଗୁଡ଼ିକ ଅଗଷ୍ଟରେ ତେଲ ଉତ୍ପାଦନ ବଢ଼ାଇବେ। ମେ, ଜୁନ ଏବଂ ଜୁଲାଇରେ ଏହି ଦେଶ ଗୁଡ଼ିକ ଦୈନିକ ୪.୧୧ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଉତ୍ତୋଳନ କରିଥିଲେ। ଏହାକୁ ସେମାନେ ୫.୪୮ ଲକ୍ଷ ବ୍ୟାରେଲକୁ ବଢ଼ାଇବା ନେଇ ବର୍ତ୍ତମାନ ସହମତ ହୋଇଛନ୍ତି। ଉତ୍ପାଦନରେ ଏହି ଧାରା ଆଗକୁ ମଧ ବୃଦ୍ଧି ହୋଇପାରେ। ଏହା ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଆହୁରି କମିବାର ଢ଼େର ସମ୍ଭାବନା ଅଛି। ଏହା ଦ୍ୱାରା ଭାରତ ଲାଭବନା ହୋଇପାରିବ ବୋଲି କୁହାଯାଉଛି। ସାଉଦି ଆରବ ନେତୃତ୍ୱାଧୀନ ଓପେକ୍ ଦେଶ ଗୁଡ଼ିକ ସେମାନଙ୍କ ପୂର୍ବ ଆଭିମୁଖ୍ୟ ବଦଳାଇଛନ୍ତି। ଦର ନିୟନ୍ତ୍ରଣ ପରିବର୍ତ୍ତେ ସେମାନେ ଏବେ ବଜାର ଅଂଶ ହାସଲ କରିବାକୁ ପ୍ରାଥମିକତା ଦେଉଛନ୍ତି। ପୂର୍ବରୁ ଏମାନେ ଅପେକ୍ଷାକୃତ କମ୍ ତେଲ ଉତ୍ପାଦନ କରୁଥିଲେ କିମ୍ବା ଉତ୍ପାଦନକୁ ନିୟନ୍ତ୍ରିତ କରୁଥିଲେ। ମାତ୍ର ଏହି ଦେଶ ଗୁଡ଼ିକ ଏବେ ଯୋଗାଣ ତ୍ୱରାନ୍ୱିତ କରୁଛନ୍ତି। ତେଲ ଉତ୍ପାଦନକାରୀ ଦେଶ ଗୁଡ଼ିକର ଆଭିମୁଖ୍ୟରେ ଏହି ପରିବର୍ତ୍ତନ ଏବେ ଟ୍ରେଡରଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦୀର୍ଘ ମିଆଦି ଭିତ୍ତିରେ ଦେଶ ଗୁଡ଼ିକ ଏହି ନୀତି ଆପଣାଇବେ କି ନାହିଁ ତାକୁ ମଧ ନେଇ ଏବେ ଜୋରଦାର



ଚର୍ଚ୍ଚା ହେଉଛି। ଚଳିତ ବର୍ଷ ଅଦ୍ୟାବଧି ବ୍ରେଣ୍ଟ ଅଶୋଧିତ ତେଲ ଦର ୮.୫% ହ୍ରାସ ହେଲାଣି। ବଜାରରେ ଅତ୍ୟଧିକ ତେଲ ଉପଲବ୍ଧତା ଏବଂ ଟ୍ରମ୍ପଙ୍କ ପାଲଟା ଟିକସ ଯୋଗୁ ଅର୍ଥନୀତିକୁ ଝଟ୍କା ଲାଗିବା ଆଶଙ୍କା ରହିଛି। ଏଭଳି ପ୍ରମୁଖ କାରଣ ଯୋଗୁ ଅଶୋଧିତ ତେଲ ଦର ହ୍ରାସ ହେଉଛି। ତେବେ ସ୍ୱଳ୍ପ ମିଆଦି ଭିତ୍ତିରେ ତେଲ ଚାହିଦା ଦୃଢ଼ ରହିପାରେ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି। ଆମେରିକା ଭିତ୍ତିକ କମ୍ପାନି ଗୁଡ଼ିକର ବିଶୋଧନ କ୍ଷମତା ୨୦୧୯ ପରଠୁ ରେକର୍ଡ ସ୍ତରରେ ରହିଛି। ଆମେରିକାର ତେଲ ବଜାରରେ ଉନ୍ନତ ଅଂଶ ହାସଲ ଓପେକ୍ ଦେଶ ଗୁଡ଼ିକୁ ହଜମ ହେଉନି। ବଜାର ଅଂଶ ପୁଣି ଥରେ ଦୃଢ଼ କରିବାକୁ ଚାହୁଁଛି ସାଉଦି ଆରବ। ଅଗଷ୍ଟର ଉତ୍ପାଦନ ଲକ୍ଷ୍ୟ ଅନୁସାରେ ଓପେକ୍ ପ୍ଲସ ଦେଶ ଗୁଡ଼ିକ ପୁଣି ଥରେ ଦୈନିକ ୨.୨ ନିୟୁତ ବ୍ୟାରେଲ ସ୍ତରକୁ ଫେରିବେ। ତେବେ ତେଲ ଉତ୍ପାଦନରେ ଏହି ବୃଦ୍ଧି ସାମାନ୍ୟ ବୋଲି କୁହାଯାଉଛି। ଅଗଷ୍ଟରେ ଦୈନିକ ୪.୧୧ ଲକ୍ଷ ବ୍ୟାରେଲ ଉତ୍ପାଦନ ରହିପାରେ ବୋଲି ଟ୍ରେଡର ମାନେ ମତ ରଖିଥିବା ବ୍ଲୁମବର୍ଗ ସର୍ଭେରୁ ଜଣାପଡ଼ିଛି। ଅତ୍ୟଧିକ ତେଲ ଉତ୍ପାଦନ ଆମେରିକାକୁ ଆଶ୍ୱସ୍ତି ଦେଇପାରେ। ଫେଡେରାଲ ରିଜର୍ଭ ସୁଧହାର କମାଇବାରେ ଏହା ସହାୟକ ହେବ। ମାତ୍ର ଉତ୍ପାଦନ ବଢ଼ିଲେ ମାତ୍ରାଧିକ ଯୋଗାଣ ଯୋଗୁ ଦର ପ୍ରଭାବିତ ରହିବ। ତୈଳ କୂପ ଗୁଡ଼ିକରେ ଅତିରିକ୍ତ ୧ ନିୟୁତ ବ୍ୟାରେଲ ତେଲ ଷ୍ଟକ ରହୁଛି। ଆମେରିକା, ଗୁଏନା, କାନାଡା ଏବଂ ବ୍ରାଜିଲରେ ଉତ୍ପାଦନ ବଢ଼ିବାରୁ ଚୀନରେ ଚାହିଦା କମିଛି। ବଜାରରେ ଏବର୍ଷ ବଳକା ତେଲ ରହିବ ବୋଲି ପ୍ୟାରିସ ଭିତ୍ତିକ ଅନ୍ତର୍ଜାତୀୟ ଏନର୍ଜି ଏଜେନ୍ସି କହିଛି। ୪ର୍ଥ ତ୍ରୈମାସ ବେଳକୁ ଅଶୋଧିତ ତେଲ ବ୍ୟାରେଲ ପିଛା ୬୦ ଡଲାରକୁ ଖସିପାରେ ବୋଲି ଜେପି ମୋର୍ଗାନ ଏବଂ ଗୋଲ୍ଡ ମ୍ୟାନ ସ୍ୟାଚ୍ ପକ୍ଷରୁ ଆକଳନ କରାଯାଇଛି। ଗତ ମାସରେ ଇରାନ ଇସ୍ରାଏଲ ଯୋଗୁ ତେଲ ଦର ଉପର ମୁହାଁ ହୋଇଥିଲା।

## ଚିନ୍ତା ବଢ଼ାଇଲା ସୋରିଷ ତେଲ ଦର

# ଲିଟର ପିଛା ୧୦ ଟଙ୍କା ମହଙ୍ଗା



ଭୁବନେଶ୍ୱର, ୬।୭(ସଂଚାର ବ୍ୟୁରୋ): ପନିପରିବା ପରେ ବଜାରରେ ଏବେ ସୋରିଷ ତେଲ ଦର ମଧ୍ୟ ମହଙ୍ଗା ହୋଇଯାଇଛି। ଲିଟର ପିଛା ଦର ୧୦ ଟଙ୍କା ଯାଏ ବୃଦ୍ଧି ପାଇଛି। ଏଥିଯୋଗୁ ବିଭିନ୍ନ ବ୍ରାଣ୍ଡ୍ର ସୋରିଷ ତେଲ ଲିଟର ପିଛା ୧୬୫ ଟଙ୍କାରୁ ୧୮୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। କିଛିଦିନ ପୂର୍ବରୁ ଏହା ଲିଟର ପିଛା ୧୫୦ରୁ ୧୫୫ ଟଙ୍କାରେ ବିକ୍ରି ହେଉଥିଲା। ସୋରିଷ ତେଲ ଦରବୃଦ୍ଧି ରାଜ୍ୟରେ ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହି ଦରବୃଦ୍ଧି ସରକାରଙ୍କ ଆନ୍ତରିକତା ଅଭାବ ଏବଂ କର୍ପୋରେଟ୍ ହାଉସ୍ଙ୍କ ଖେଳ ଯୋଗୁ ହେଉଛି ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି। ତାଙ୍କ ମତରେ ବଡ଼ ବଡ଼ କର୍ପୋରେଟ୍ ସଂସ୍ଥାଗୁଡ଼ିକ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସାମଗ୍ରୀକୁ ମହଜୁଦ ରଖି ସେଗୁଡ଼ିକର ଦର ନିର୍ଦ୍ଧାରଣ କରୁଛନ୍ତି। ଫଳରେ ଦର ହଠାତ୍ ବହୁମାତ୍ରାରେ ବଢ଼ୁଛି। ସରକାର ଦର ନିୟନ୍ତ୍ରଣ ନେଇ କୌଣସି ଆନ୍ତରିକତା ଦେଖାଉନାହାନ୍ତି ବୋଲି ସେ କହିଛନ୍ତି।

ଓଡ଼ିଶାକୁ ମୁଖ୍ୟତଃ କାକିନାଡ଼ା, କ୍ରିଷ୍ଣାପାଟନମ ଏବଂ ହଳଦିଆ ବନ୍ଦର ଦେଇ ବିଦେଶରୁ ଖାଇବା ତେଲ ଆମଦାନୀ ହେଉଛି। ଓଡ଼ିଶାର ବନ୍ଦର ଜରିଆରେ ଖାଇବା ତେଲ ଆମଦାନୀ କରି ତାହାକୁ ଓଡ଼ିଶାରେ ପ୍ରକ୍ରିୟାକରଣ କରାଗଲେ ଦର କମିପାରନ୍ତା ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏକ ସୂଚନା ଅନୁଯାୟୀ, ଓଡ଼ିଶାରେ ବର୍ଷକୁ ୭୦ ହଜାର ଟନ ଖାଇବା ତେଲ ଆବଶ୍ୟକ ହୋଇଥାଏ। ସେଥିରେ ସୋରିଷ ତେଲର ଚାହିଦା ୮ ହଜାର ଟନ ରହିଥାଏ। ଓଡ଼ିଶାକୁ ସୋରିଷ ତେଲ ମୁଖ୍ୟତଃ ବାହାର ରାଜ୍ୟରୁ ଆସିଥାଏ।

# ଏଣିକି ୧୦ ଘଣ୍ଟା କାମ କରିବେ କର୍ମଚାରୀ



ହାଇଦ୍ରାବାଦ, ୬।୭: ତେଲେଙ୍ଗାନା ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଅନୁସାରେ କର୍ମଚାରୀମାନଙ୍କୁ ଏବେ ଦିନକୁ ୧୦ଘଣ୍ଟା କାମ କରିବାକୁ ଅନୁମତି ଦିଆଯିବ। ତେଲେଙ୍ଗାନା ସରକାରଙ୍କ ଏହି ନିଷ୍ପତ୍ତି ବ୍ୟବସାୟ ପ୍ରୋତ୍ସାହନ ଲାଗି ଏକ ପଦକ୍ଷେପଭାବେ ଦେଖାଯାଉଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ ରାଜ୍ୟରେ ବାଣିଜ୍ୟିକ ପ୍ରତିଷ୍ଠାନ (ଦୋକାନକୁ ଛାଡ଼ି)ର କର୍ମଚାରୀମାନଙ୍କୁ ଏଣିକି ପ୍ରତିଦିନ ୧୦ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ଅନୁମତି ଦିଆଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ଅଛି କି ଏପରି ପ୍ରତିଷ୍ଠାନଗୁଡ଼ିକୁ ଆଇନର ଧାରା ୧୬ ଏବଂ ୧୭ରୁ ମୁକ୍ତ କରାଯାଇଛି, ଯାହା କାମର ସମୟ ଏବଂ ବିଶ୍ରାମ ବ୍ୟବଧାନ ସହିତ ଜଡିତ ରହିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ସାପ୍ତାହିକ କାମ କରିବାର ସୀମା ୪୮ ଘଣ୍ଟା ଅତିକ୍ରମ କରିବା ଉଚିତ୍ ନୁହେଁ। ଏହି ସୀମା ଅତିକ୍ରମ କରି କରାଯାଇଥିବା କାମକୁ ଓଭରଟାଇମ୍ ଦରମା ପାଇଁ ଯୋଗ୍ୟ ବିବେଚନା କରାଯିବ। ଏହା ସହିତ, ଯଦି କର୍ମଚାରୀମାନେ ପ୍ରତିଦିନ ଛଅ ଘଣ୍ଟାରୁ ଅଧିକ କାମ କରନ୍ତି, ତେବେ ସେମାନଙ୍କୁ ଅତି କମରେ ୩୦ ମିନିଟ୍ ବିରତି ଦିଆଯିବା ଉଚିତ। ଏହା ବ୍ୟତୀତ, କାର୍ଯ୍ୟ ଏବଂ ବିଶ୍ରାମର ମୋଟ ସମୟ ଗୋଟିଏ ଦିନରେ ୧୨ ଘଣ୍ଟାରୁ ଅଧିକ ହେବା ଉଚିତ୍ ନୁହେଁ। କର୍ମଚାରୀମାନଙ୍କୁ ଓଭରଟାଇମ୍ ଦରମାରେ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ କରିବାକୁ ଅନୁମତି ଦିଆଯାଇପାରିବ, କିନ୍ତୁ କୌଣସି ତ୍ରୟମାସିକରେ ୧୪୪ଘଣ୍ଟାରୁ ଅଧିକ ନୁହେଁ।

# ମାଲାବାରରେ ଡାଏମଣ୍ଡ ସୋ’

ଭୁବନେଶ୍ୱର, ୬।୭(ସଂଚାର ବ୍ୟୁରୋ): ମାଲାବାର ଗୋଲ୍ଡ ଆଣ୍ଡ୍ ଡାଏମଣ୍ଡ୍ସ ପକ୍ଷରୁ ‘ନ୍ୟୁ ବାଏ ମାଇନ୍ ଡାଏମଣ୍ଡ୍’ କଲେକ୍ସନ ଗହଣା ଉନ୍ମୋଚନ କରାଯାଇଛି। ଆକର୍ଷଣୀୟ ଡିଜାଇନରେ ଏହି ଗହଣାଗୁଡ଼ିକ ପ୍ରସ୍ତୁତ ହୋଇଛି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଏମଣ୍ଡ୍ସର ରୁପାଲି ଛକରେ ଥିବା ସୋ’ରୁମ୍‌ରେ ନ୍ୟୁ କଲେକ୍ସନର ଉନ୍ମୋଚନ ସହିତ ଡାଏମଣ୍ଡ ସୋ’ ଅନୁଷ୍ଠିତ ହୋଇଯାଇଛି। ଏହି ସୋ’କୁ ନିକଟରେ ଦୁବାଇଠାରେ ଆୟୋଜିତ ମିସେସ୍ ଇଣ୍ଡିଆ ୱାର୍ଲଡୱାଇଡ୍ ୨୦୨୫ ବିଜେତା ସଙ୍ଗୀତା ନାୟକ ଉନ୍ମୋଚନ କରିଥିଲେ। ଏଥିରେ ଅନ୍ୟ ମଡେଲଙ୍କ ସହ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଏମଣ୍ଡ୍ସର ଅଧିକାରୀମାନେ ଉପସ୍ଥିତ ଥିଲେ। ମାଲାବାରରେ ସଂପ୍ରତି ସ୍ୱତନ୍ତ୍ର ଫେଷ୍ଟିଭ ଅଫର ଚାଲିଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ଅଫରରେ ଗ୍ରାହକମାନେ ସମସ୍ତ ସୁନା, ଅନକଟ୍ ଏବଂ ଜେମଷ୍ଟୋନ୍ ଗହଣା ଉପରେ ଫ୍ଲାଟ୍ ୩୦ ପ୍ରତିଶତ ରିହାତି ପାଇବେ। ହୀରା ମୂଲ୍ୟ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ରହିଛି। ଏଥିସହିତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଏମଣ୍ଡ୍ସ ପକ୍ଷରୁ ଅଗ୍ରିମ ବୁକିଂ ସୁବିଧା ରହିଛି। ସର୍ବନିମ୍ନ ୧୦ ପ୍ରତିଶତ ଅଗ୍ରିମ ରାଶି ଦେଇ ଗହଣା ବୁକ୍ କରିଲେ ସେମାନଙ୍କୁ ବୁକ୍ କରିଥିବା ମୂଲ୍ୟ କିମ୍ବା ସେତେବେଳେ ପ୍ରଚଳିତ ଥିବା ମୂଲ୍ୟ(ଯେଉଁଟି କମ୍)ରେ ଗହଣା କିଣିପାରିବେ।



# କାନାରା ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୭(ସଂଚାର ବ୍ୟୁରୋ): କାନାରା ବ୍ୟାଙ୍କ ଭୁବନେଶ୍ୱର ସର୍କଲ ପକ୍ଷରୁ ‘ରାଜ୍ୟବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସାଚୁରେସନ ଡ୍ରାଇଭ’ ନାମରେ ଏକ କାର୍ଯ୍ୟକ୍ରମ କରାଯାଇଛି । ଏହାକୁ ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସବୁ ଜିଲ୍ଲାରେ ଥିବା ବ୍ୟାଙ୍କର ସମସ୍ତ ୫ଟି ଆଞ୍ଚଳିକ କାର୍ଯ୍ୟାଳୟ ଯଥା ଭୁବନେଶ୍ୱର, କଟକ, ଭଦ୍ରକ, ବ୍ରହ୍ମପୁର ଏବଂ ସମ୍ବଲପୁରର ୧୨୦ଟି ଶାଖା ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କ ଅଧିକାରୀମାନେ ଅଂଶଗ୍ରହଣକାରୀମାନଙ୍କୁ ପିଏମ୍‌ଜେଡିବାଇ ଆକାଉଣ୍ଟ, ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବିୱାଇ ଏବଂ ଏପିୱାଇ ଯୋଜନାର ଲାଭ ବିଷୟରେ ବୁଝାଇଥିଲେ। ଏହା ବ୍ୟତୀତ କାନାରା ବ୍ୟାଙ୍କର ୧୨୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମଗ୍ର ରାଜ୍ୟରେ ୧୨୦ଟି ଶାଖା ଦ୍ୱାରା ଏକ ମେଗା ବୃକ୍ଷରୋପଣ ଅଭିଯାନ ହାତକୁ ନିଆଯାଇଛି। ପ୍ରତ୍ୟେକ ଶାଖା ଦ୍ୱାରା ୧୫ଟି ଚାରା ରୋପଣ କରାଯାଇଥିଲା।



# ସାମଗ୍ରୀଭିତ୍ତିକ ରାଜ୍ୟୱାରୀ ମୁଦ୍ରାସ୍ଫୀତି ତଥ୍ୟ ଆସିବ!

ନୂଆଦିଲ୍ଲୀ, ୬।୭: ପ୍ରତି ସାମଗ୍ରୀର ରାଜ୍ୟୱାରୀ ମୁଦ୍ରାସ୍ଫୀତି ତଥ୍ୟ ଆଗାମୀ ଦିନରେ ଉପଲବ୍ଧ ହେବ। ଏ ନେଇ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ପରିବର୍ତ୍ତିତ ଖାଉଟି ମୁଦ୍ରାସ୍ଫୀତି ସୂଚକାଙ୍କ ଅଧୀନରେ ଏହା କରାଯିବ। ଫଳରେ କେଉଁ ରାଜ୍ୟରେ କେଉଁ ସାମଗ୍ରୀର ଦର କେତେ ରହିଛି ତାହା ସ୍ପଷ୍ଟ ହେବ। ଏବେ ଫଳ, ପନିପରିବା, ବ୍ୟକ୍ତିଗତ ଯତ୍ନ ଆଦି କେତେକ ସାମଗ୍ରୀ ଉପବର୍ଗରେ ରାଜ୍ୟୱାରି ମୁଦ୍ରାସ୍ଫୀତି ତଥ୍ୟ ଉପଲବ୍ଧ ହେଉଛି। ଏସବୁ ଉପବର୍ଗରେ ରହିଥିବା ନିର୍ଦ୍ଦିଷ୍ଟ ସାମଗ୍ରୀର ଦର କେବଳ ଜାତୀୟସ୍ତର ଅନୁସାରେ ପ୍ରକାଶ ପାଉଛି। ତେବେ ସାମଗ୍ରୀ ଅନୁସାରେ ରାଜ୍ୟୱାରୀ ମୁଦ୍ରାସ୍ଫୀତି ତଥ୍ୟ ପ୍ରକାଶ କରିବା ପାଇଁ ଆମେ ଯୋଜନା କରୁଛୁ। ବିଶେଷଜ୍ଞ ଗୋଷ୍ଠୀ ଏଥିପାଇଁ ସୁପାରିସ କରିଥିବାବେଳେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ମଧ ଏ ନେଇ ଦାବି କରାଯାଉଛି। ୨୦୨୪ ମସିହାକୁ ମୂଳବର୍ଷ ଭାବେ ଧରାଯାଇ ନୂଆ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ସିରିଜ୍ ତଥ୍ୟ ୨୦୨୬ ମସିହାର ପ୍ରଥମ ତ୍ରୟମାସରେ ପ୍ରକାଶ କରାଯିବ ବୋଲି ଆଶା କରାଯାଉଛି। କେଉଁ ସାମଗ୍ରୀକୁ କେତେ ଓଜନ ଦିଆଯିବ ତାହା ପାରିବାରିକ ଖର୍ଚ୍ଚ ସର୍ଭେ ୨୦୨୩-୨୪ରୁ ବାହାର କରାଯିବ। ବର୍ତ୍ତମାନର ସିପିଆଇ ସିରିଜ୍ ତଥ୍ୟରେ ୨୦୧୨ ମସିହାକୁ ମୂଳବର୍ଷ ଭାବେ ନିଆଯାଇଛି। ନୂଆ ସିରିଜ୍‌ରେ ଟେଲିଫୋନ ବିଲ୍, ପାଣି ଚାର୍ଜ, ପୋଷାକ ସଫା ଏବଂ କେଶ କାଟିବା ଫି, ଆଇନଗତ ସେବା ବାବଦ ଖର୍ଚ୍ଚକୁ ସାମିଲ କରାଯିବ ବୋଲି ମଧ ଅନୁମାନ କରାଯାଉଛି।

## ଭାରତ-ଆମେରିକା ବାଣିଜ୍ୟ ରାଜିନାମା

# ଟ୍ରମ୍ପଙ୍କ ମୋହରକୁ ଅପେକ୍ଷା

ନୂଆଦିଲ୍ଲୀ, ୬।୭: ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧରେ ହେବାକୁ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମାରେ ଯଥେଷ୍ଟ ଅଗ୍ରଗତି ହୋଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରିର୍ ମଞ୍ଜୁରି ଦେଇଛନ୍ତି। ତେଣୁ ଏବେ କେବଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୋହରକୁ ଅପେକ୍ଷା କରାଯାଇଛି ବୋଲି ଏକ ସୂତ୍ରରୁ ଜଣାଯାଇଛି।

ଦୁଇ ଦେଶ ମଧରେ ବାଣିଜ୍ୟ ରାଜିନାମା ସଂପର୍କିତ କଥାବାର୍ତ୍ତା କେତେକ ପ୍ରସଙ୍ଗକୁ ନେଇ ଚର୍ଚ୍ଚାରେ ରହିଛି। ସେଗୁଡ଼ିକ ମଧରେ ଭାରତ ପକ୍ଷରୁ କୃଷି ଓ ଦୁଗ୍ଧ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଉପରେ ଭାରତ ପକ୍ଷରୁ ଦିଆଯାଉଥିବା ଗୁରୁତ୍ୱ ରହିଛି। ଅନ୍ୟପକ୍ଷରେ ଭାରତରେ ମଧ ଏ କ୍ଷେତ୍ରରେ ଅଧିକ ବଜାର ସୁବିଧା ଆମେରିକା ଦାବି କରୁଛି। ଏଭଳି ସ୍ଥିତିରେ ବାଣିଜ୍ୟ କଥାବାର୍ତ୍ତାରେ ଯଦି ଅଗ୍ରଗତି ହୋଇଥାଏ ତାହେଲେ ଦୁଇ ଦେଶ ଅର୍ଥନୈତିକ ଦୃଷ୍ଟିରୁ ଉପକୃତ ହେବେ। ଆଗାମୀ ଦିନରେ ହେବାକୁ ଥିବା ବାଣିଜ୍ୟ ଆଲୋଚନାରେ ଏହି ଚୁକ୍ତି ମୁଖ୍ୟ ଆଧାରଶିଳା ହେବ। ଉଲ୍ଲେଖଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱ ନେବା ପରେ ବିଭିନ୍ନ ଦେଶ ଉପରେ ପାଲଟା ଆମଦାନୀ ଶୁଳ୍କ ଲାଗୁ ଘୋଷଣା କରିଥିଲେ। ଭାରତ ଉପରେ ଏହି କ୍ରମରେ ଅତିରିକ୍ତ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ। କିନ୍ତୁ ବିଭିନ୍ନ



ଦେଶ ପାଇଁ ଏପ୍ରିଲ ୨ ତାରିଖରେ ସେ ୯୦ ଦିନର ମହଲତ ଦେଇଥିଲେ। ଏହି ସମୟ ମଧରେ ଆଲୋଚନା କରିବା ସହିତ ରାଜିନାମା କରିବା ପାଇଁ ପରାମର୍ଶ ଦେଇଥିଲେ। ସେହି ୯୦ ଦିନର ମହଲତ ଚଳିତମାସ ୯ ତାରିଖରେ ଶେଷ ହେବ। ଯଦି ଏହି ତାରିଖ ସୁଦ୍ଧା ଭାରତ ଓ ଆମେରିକା ମଧରେ ବାଣିଜ୍ୟ ରାଜିନାମା ନହୁଏ ତା’ହେଲେ ଭାରତ ଉପରେ ଆମେରିକା ଅତିରିକ୍ତ ଶୁଳ୍କ ଲାଗୁ କରିବ। ଏହାଦ୍ୱାରା ଭାରତର ରପ୍ତାନିକାରୀମାନେ ଆମେରିକାରେ ସେମାନଙ୍କ ସାମଗ୍ରୀ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେବେ। ଆମେରିକା ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରଭାବିତ ହେବ।

## ଉଠାଣି ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୮୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦, ୬୦୦ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୮୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୯୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୭୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୮୩୦ ଓ ୯୦ ହଜାର ୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୦ , ୦୦୦ ଟଙ୍କା ହୋଇଛି।

## ଉଠାଣି ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୦ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୧ପଇସା ରହିଛି।

# ଡାକ୍ତରଙ୍କ ଭୁଲ ଚିକିତ୍ସା ପାଇଁ ଚାଲିଗଲା ପ୍ରସୂତିଙ୍କ ଜୀବନ




- ପ୍ରସବ କରିବା ପୂର୍ବରୁ ଆଖି ବୁଝିଲେ ମା' ଓ ଶିଶୁ
- ନର୍ସିଂହୋମ୍ ଏବଂ ଡାକ୍ତରଙ୍କ ବିରୁଦ୍ଧରେ ଅଭିଯୋଗ କଲେ ପରିବାର

**କେନ୍ଦ୍ରାପଡ଼ା,୬।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୁରୁଣା ମେଡିକାଲ ରୋଡ ଠାରେ ଥିବା ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ସଦର ଥାନା ଅନ୍ତର୍ଗତ ବାବୁରାମ ପାଟଣାର ରେହାନା ବିବି। ରେହାନା ଆଜି ସକାଳେ ଏକ ଶିଶୁପୁତ୍ରକୁ ଜନ୍ମ ଦେବା ପରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଜନ୍ମ ହେବାର କିଛି ସମୟ ପରେ ନବଜାତ ଶିଶୁଟିର ମଧ ମୃତ୍ୟୁ ହୋଇ ଯାଇଥିଲା। ଚିକିତ୍ସାରେ ଅବହେଳା ଦର୍ଶାଇ ରେହାନାଙ୍କ ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟ ପକ୍ଷରେ ଚିକିତ୍ସା କରିଥିବା ଡାକ୍ତର ଓ ଘଟଣାରେ ସମ୍ପୃକ୍ତ ନର୍ସିଂହୋମ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତ ରେହାନାଙ୍କ ପରିବାର ଲୋକେ ନର୍ସିଂହୋମ ଆଗରେ ଧାରଣାରେ ବସିଛନ୍ତି। ସେହପରି ଚିକିତ୍ସା ଅବହେଳାରୁ ମାର୍ଶାଘାଇ ମାଣିତିରି ଗାଁର ପ୍ରତିମା ସେଠୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ସହ ନର୍ସିଂହୋମ ଆଗରେ ହୋହାଲ୍ଲା କରିଥିଲେ। ଟାଉନ୍ ଥାନା ଅନ୍ତର୍ଗତ ପୋଷ୍ଟ ଅଫିସ ଲେନ୍‌ର ମିର ରିୟାନ ମଧ ନର୍ସିଂହୋମ ବିରୁଦ୍ଧରେ ଚିକିତ୍ସା ଅବହେଳା ଆଣିଛନ୍ତି। ତାଙ୍କର ଶିଶୁପୁତ୍ର ଏଠାରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ମିର ରିୟାନ ଅଭିଯୋଗ କରିଥିଲେ। ତେବେ ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ନର୍ସିଂହୋମ୍‌ର କାର୍ଯ୍ୟରତ ଡାକ୍ତର ରଶ୍ମି ରଞ୍ଜନ ପାତ୍ର ଗଣମାଧ୍ୟମ ସମ୍ମାନରେ ରଖିଥିବା ମତରେ ମୃତ ପ୍ରସୂତି ଜଣଙ୍କ ଅପରେସନ ପୂର୍ବରୁ ସ୍ୱାସ୍ଥ୍ୟ ଠିକ୍ ଥିବା ସ୍ୱୀକାର କରିବା ସହିତ ଏହି ଘଟଣାର ତଦନ୍ତ ଚାଲୁଥିବା କହିଛନ୍ତି । କିନ୍ତୁ ପୂର୍ବରୁ ଏହି ନର୍ସିଂହୋମ୍ ରେ ଅନେକ ଅଭିଯୋଗ ଆସିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ଏହି ଘଟଣା ସଂପର୍କରେ ପଚାରିବାରୁ ଏସଡ଼ିପିଓ ଜ୍ୟୋତି ରଞ୍ଜନ ଗୌଡ଼ କହିଛନ୍ତି ଅଭିଯୋଗ ପରେ ତଦନ୍ତ ଚାଲୁ ରହିଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ଘଟଣାର ତଦନ୍ତ ପରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବାହୁଡ଼ାରେ ରଥଟଣା ବେଳେ ଅଘଟଣ ରଥତଳେ ଚାପି ହୋଇ ୪ ଆହତ



**ସୁବର୍ଣ୍ଣପୁର, ୬।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରର ବାହୁଡ଼ା ଯାତ୍ରା ରେ ରଥ ଟାଣିବା ସମୟରେ ଅପରାହ୍ନ ରେ ଠେଲାପେଲା ରେ ଜଣେ ନାବାଳକ ଗୁରୁତର ହୋଇଥିବା ବେଳେ ୩ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ବିନିକା ସହରର କଂସାରୀପଡା ଗୁଣ୍ଡିଚା ମନ୍ଦିର ନିକଟରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଟଣା ଚାଲିଥିଲା । ହେଲେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଦେଖିବା ପାଇଁ କଂସାରୀପଡାର ୩ ଜଣ, ନୂଆପଡାର ଜଣେ ନାବାଳକ ରଥତଳେ ଚାପିହୋଇ ଯାଇଥିଲେ । ଯାହା ଫଳରେ ଜଣେ ନାବାଳକ ଗୁରୁତର ହେବାରୁ ତାକୁ ବୁର୍ଲା ଡ଼ାକ୍ତରଖାନା କୁ ପଠା ଯାଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

## ବାହୁଡ଼ା ଯାତ୍ରାରେ ବ୍ୟାପକ ବିଭ୍ରାଟ, ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ନୀତି ଅଢେଇ ଘଣ୍ଟା ବିଳମ୍ବ

**ସୁବର୍ଣ୍ଣପୁର, ୬।୭ (ସଂଚାର ବ୍ୟୁରୋ):** ସୋନପୁର ସହରର ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ବାହୁଡ଼ା ଯାତ୍ରାରେ ବ୍ୟାପକ ବିଭ୍ରାଟ ଦେଖାଯାଇଛି। ସନ୍ଧ୍ୟା ୮.୩୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତିକାନ୍ତି ହୋଇ ନ ଥିବା ବେଳେ ଶ୍ରଦ୍ଧାଳୁ ଦର୍ଶନ ନ ପାଇ ନିରାଶ ହୋଇ ଫେରିଥିଲେ। ବାହୁଡ଼ା ଯାତ୍ରା ପାଇଁ ସନ୍ଧ୍ୟା ୫ଟା ବେଳୁ ଶ୍ରଦ୍ଧାଳୁମାନେ ଦୂର ଦୁରାନ୍ତରୁ ଆସି ପ୍ରବଳ ଭିଡ ଜମେଇ ଥିଲେ। କିନ୍ତୁ ୮.୩୦ ପର୍ଯ୍ୟନ୍ତ ପହଣ୍ଡି ଦର୍ଶନ ନ ପାଇ ନିରାଶ ହୋଇ ଫେରିଛନ୍ତି। ଯେତେ ଯାହା ସମସ୍ୟା ଉପୁଜିଲେ ବି ପ୍ରଶାସନ ତଥା ଦେବୋତ୍ତର ଅଧିକାରୀମାନେ ଏଠି କେବେ କେହି ତତ୍ପର ହେଉ ନାହାନ୍ତି। ସତେ ଯେମିତି ସେଇ କାଳିଆ ହିଁ ସାହା ଭରସା। ଏ ନେଇ ସନ୍ଧ୍ୟାରେ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା। ନବମୀ ସଂଧାରେ ମହାପ୍ରଭୁଙ୍କ ଉପନ ଭୋଗ ଲାଗି ପାଇଁ ବ୍ରାହ୍ମଣ ସମାଜକୁ ଦାୟିତ୍ୱ ସହ କିଛି ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥାଏ। କିନ୍ତୁ ଚଳିତ ବର୍ଷ ନା ପଇସା ନା ବ୍ରାହ୍ମଣ ସମାଜକୁ ପଚରା ଉଚୁରା କରାଯାଇଥିଲା। ଏହା ସିଧା ସଳଖ ପ୍ରଭୁଙ୍କୁ ଅବମାନନା ସହ ବ୍ରାହ୍ମଣଙ୍କୁ ଅସମ୍ମାନ ପ୍ରଦର୍ଶନ ହୋଇଛି ବୋଲି ବ୍ରାହ୍ମଣ ସମାଜ କ୍ଷୋଭ ପ୍ରକାଶ କରିବା ସହ ଦେବୋତ୍ତର ଅଧିକାରୀ ଉତ୍ତର ଦାୟୀ ବୋଲି କହିଥିଲେ।

## ସମସ୍ୟା ଘେରରେ ବାରବୁଲି ଗାଁ

# ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ ସାତସପନ





**ଲାଞ୍ଜିଗଡ,୬।୭ (ସଂଚାର ବ୍ୟୁରୋ):** ଗାଁକୁ ରାସ୍ତା ନାହିଁକି ପୋଲ ନାହିଁ। ଫଳରେ ବାରବୁଲି ଗ୍ରାମର ୧୨ଟି ଆଦିବାସୀ ପରିବାର ରହିଥିବା ବେଳେ ଉନ୍ନତି ମୂଳକ କାମ ହେଇ ପାରୁନାହିଁ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରୁନାହିଁ। ବର୍ଷା ଦିନେ ଜରୁରୀ କାଳୀନ ପରିସ୍ଥିତିରେ ରୋଗୀଙ୍କୁ ଖଟିଆ ଓ ଭାରରେ ବୋହି ନଦୀ ପାର କରିଥିବା ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳିଛି।

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଛତ୍ରପୁର ପଞ୍ଚାୟତର ଏକ ଆଦିବାସୀ ଗାଁ ବାରବୁଲି। ଏହି ୧୨ଟି ଆଦିବାସୀ ପରିବାର ରହୁଥିବା ଏହି ଗାଁ ସମସ୍ୟାର ଚାରି ଛକରେ ବନ୍ଧା ପଡିଛି।ପଞ୍ଚାୟତ ମୁଖ୍ୟାଳୟ ଠାରୁ ମାତ୍ର ୭ କିମି ଦୂରରେ ଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁ ଦୃଷ୍ଟିରୁ ଅବହେଳିତ ହୋଇ ରହିଛି ଏହି ବାରବୁଲି ଗାଁ। ଆଜିକୁ ୧୦୦ ବର୍ଷରୁ ଅଧିକ ସମୟ ଧରି ଏହି ଗାଁରେ ଲୋକେ ବସବାସ କରି ଆସୁଥିଲେ ମଧ ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା ଓ ପୋଲ। ରାସ୍ତା ନଥିବା ଯୋଗୁଁ ଗାଁରେ ବିକାଶ ମୂଳକ କାମ ହୋଇ ପାରୁନଥିବା ବେଳେ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବା ପାଇଁ ଖଟିଆ ଓ ଭାରରେ ବୋହି ନଦୀ ପାର କରିବାକୁ ପଡୁଛି। ଗାଁଠାରୁ ୩ କିମି ଦୂରରେ ନିକଟସ୍ଥ ଗାଁ ଟାଙ୍ଗନ କଣାରେ ପ୍ରାଥମିକ ବିଦ୍ୟାଳୟ ରହିଛି। କିନ୍ତୁ ଗାଁର ଗୋଟିଏ ମଧ ପିଲା ସେହି ସ୍କୁଲରେ ପାଠ ପଢ଼ୁନାହାନ୍ତି। କାରଣ ଗାଁ ନିକଟରେ ଥିବା ବାରହାତୀ ନଦୀ ପିଲାଙ୍କ ପାଇଁ ବାଧକ ସାଜିଛି। ଏଣୁ ଲାଞ୍ଜିଗଡ, ବାଣୀପଙ୍ଗା, ରାଜାପଡା ଆଦି ହଷ୍ଟେଲ ସ୍କୁଲରେ ପିଲାଙ୍କୁ ପାଠପଢିବା ପାଇଁ ଛାଡିଛନ୍ତି। ଆଉ ଯେଉଁମାନେ ଗାଁରେ ଅଛନ୍ତି ଛେଳି, ଗାଈ ଚରାଉଛନ୍ତି।

ସେହିପରି ଅଙ୍ଗନବାଡି କେନ୍ଦ୍ର ମଧ ଟାଙ୍ଗନକଣା ଗାଁରେ ରହିଥିବା ବେଳେ ଅଙ୍ଗନବାଡ଼ି କର୍ମୀ ଗାଁକୁ ଆସି ପିଲାଙ୍କ ଖାଦ୍ୟ ଦେଇ ଯାଉଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସପ୍ତାହ ହେଲା ଲଗାଣ ବର୍ଷା ଯୋଗୁଁ ଗାଁ ଲୋକେ ଏକ ପ୍ରକାର ବନ୍ଦୀ ଜୀବନଯାପନ କରୁଥିବା କହିଛନ୍ତି। ଗୋଟିଏ ପଟେ ଗାଁ ନିକଟରେ ଥିବା ବାରହାତୀ ନଦୀ ଅନ୍ୟପଟେ ଟାଙ୍ଗନକଣା ଡେମ ରହିଛି।

ଏହି ଗାଁ ସମସ୍ୟା ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ୨୦୨୩ ଫେବୃଆରୀ ୨୮ ତାରିଖରେ କଳାହାଣ୍ଡି ତତ୍କାଳୀନ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଗାଁକୁ ଆସି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଗାଁଟି ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଅଧୀନରେ ଯାଉଥିବା ବେଳେ ସେମାନଙ୍କୁ ଡାକି ପୋଲ ନିର୍ମାଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ଏହାର ଏକ ବଜେଟ ବନାଇ ଦିଅ ଏକ ମାସ ମଧରେ କାମ ଆରମ୍ଭ ହେବ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମୟ ଅତିକ୍ରମ କରି ଯାଇଥିବା ବେଳେ ତାହା ପୂରଣ ହୋଇନାହିଁ। ଏଣୁ ଗାଁ ସମସ୍ୟା ନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗାଁର କର୍ଣ୍ଣ ମାଝୀ,ରାଇସାନା ମାଝୀ, ବନମାଳୀ ମାଝୀ, ଦୁଣ ମାଝୀ, ଗୌରାଙ୍ଗ ମାଝୀ, ସାନ ମାଝୀ, ରାଜେଶ ମାଝୀ ନିବେଦନ କରିଛନ୍ତି।

# ରେଳବାଇ ଅଣ୍ଡର ପାସକୁ ନେଇ ବଢୁଛି ଅସନ୍ତୋଷ



**ବୈଶିଙ୍ଗା, ୬।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେସନର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଓ ଯୁଗପୁରା ଅଞ୍ଚଳର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଅନୁଧାନ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍ ଗତ ବର୍ଷ ଫେବୃଆରୀ ମାସରେ ଗସ୍ତ କରି ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅନୁଧାନ କରିଥିଲେ। ସୂଚନାଯୋଗ୍ୟ ଯେ ଈଶାଣପୁର ଗ୍ରାମକୁ ସଂଯୋଗ କରୁଥିବା ୭ନଂ ଗେଟ୍ ରାସ୍ତାଟିକୁ ରେଳବାଇ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା କାରଣରୁ ଏଠାକାର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥରେ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ। ମାତ୍ର ଏହାକୁ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ମଧ ଦେଉଛନ୍ତି। ଫଳରେ ଗ୍ରାମ ଭିତରକୁ କୌଣସି ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଛି। ଏମିତିକି ଜରୁରୀକାଳୀନ ସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ ଯାଇ ପାରୁନାହିଁ। ଏ ସମ୍ପର୍କରେ ବହୁବାର ରେଳବାଇ ନିକଟରେ ଅଭିଯୋଗ ହୋଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଶେଷରେ ରେଳରୋକ କରାଯିବା ନେଇ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଫଳରେ ମୟୂରଭଞ୍ଜ ଲୋକସଭା ସାଂସଦ ତଥା ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆରଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ୍ ରାସ୍ତା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ଗସ୍ତ ସମୟରେ ରେଳ ଅଧିକାରୀଙ୍କ ସହ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ଯୁଗପୁରା ଷ୍ଟେସନ ସୁରକ୍ଷା କମିଟି ର ଅଶ୍ୱିନୀ କୁମାର ମହାରଣା , ଗିରିଶ ଚନ୍ଦ୍ର ରାଉତ, ରତିକାନ୍ତ ମହାନ୍ତ ଙ୍କ ସମେତ ବହୁସଂଖ୍ୟକ ମହିଳା ମଧ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ଏହା ଭିତରେ ଦେଢ଼ ବର୍ଷ ବିତି ଯାଇଥିଲେ ମଧ ଏଥିପାଇଁ ଅର୍ଥ ମଞ୍ଜୁରୀ ମିଳିନାହିଁ କିମ୍ବା କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରତ୍ୟେକ ମୂହୁର୍ତ୍ତରେ ସମସ୍ୟାର ସାମନା କରୁଛନ୍ତି ଅଞ୍ଚଳବାସୀ।

## ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶ ଆସି ଜଣେ ମୃତ

**କଳିଙ୍ଗନଗର, ୬।୭ (ସଂଚାର ବ୍ୟୁରୋ):** ଗତକାଲି ବୁଦ୍ଧଦେବ ମଳିକ, ପିତା-କେଶବ ମଳିକ, ଥାନା-କାମାକ୍ଷାନଗର, ଜିଲ୍ଲା- ଢେଙ୍କାନାଳ ଜଖପୁରା ଥାନାରେ ରିପୋର୍ଟ କରିଥଲେ କି ତାଙ୍କ ବଡବାପାଙ୍କ ପୁଅ ସରୋଜ ମଳିକ(୨୭), ପିତା- ରମେଶ ଚନ୍ଦ୍ର ମଳିକ, ସାକିନ-ବସୁଲେଇ, ଥାନା- ପରଜଙ୍ଗ, ଜିଲ୍ଲା- ଢେଙ୍କାନାଳ ଜିନ୍ଦଲ ପ୍ଲାଣ୍ଟରୁ ଫ୍ଲାଏ ଆଶ ନେବା ପାଇଁ ଗୋଟିଏ ହାଇୱା ଗାଡି ଯାହାର ନମ୍ବର ଓଡି୧୪ଏଡି୯୫୨୨ ନେଇ ଆସିଥିଲେ । ସେ ଗାଡିର ଟାୟାର ମରାମତି କରିବା ପାଇଁ ମନୋହରପୁର ଛକରେ ଗାଡି ଲଗାଇ ଡାଲା ଟେକିବା ବେଳକୁ ଡାଲା ଉପର ଦେଇ ଯାଇଥିବା ୧୧ କେଭି ଏଲେକ୍ଟ୍ରି ତାରରେ ଲାଗିଯାଇଥିଲା। ସେ ଗାଡିରୁ ତଳକୁ ଆସି ଟାୟାର ଚେଞ୍ଜ କରିବା ସମୟରେ ଇଲେକଟ୍ରିକ ଝଟକା ଖାଇ ଛିଟିକି ପଡି ଅଚେତ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକମାନେ ତାକୁ ତୁରନ୍ତ ଦାନଗଦି ଡାକ୍ତରଖାନାକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତ ରେ ଜଖପୁରା ଥାନା ଏକ ମାମଲା ରୁଜୁ ହେଇଛି ଏବଂ ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀର କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ସର୍ପାଘାତରେ ବାଳିକା ମୃତ



**କୁଜଙ୍ଗ, ୬।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତ ତଥା ଗ୍ରାମର ନୃସିଂହ ସାହୁ ଓ ଆରତୀ ସାହୁଙ୍କ ଏକମାତ୍ର କନ୍ୟା ଶ୍ରୁତି ସାହୁଙ୍କର ସର୍ପ ଆଘାତରେ ୧୭ ବର୍ଷ ବୟସରେ ଦେହାନ୍ତ ହୋଇ ଯାଇଛି। ଶ୍ରୁତି ସାହୁ ଭୁବନେଶ୍ୱରସ୍ଥିତ କମଳାଦେବୀ ମହିଳା ମହାବିଦ୍ୟାଳୟରେ +୨ କଳା ବିଭାଗରେ ଅଧ୍ୟୟନ କରୁଥିଲା। କୌଣସି କାରଣରୁ ଘରପଛ ଆଡେ ଯାଇଥିବା ସମୟରେ ଏକ ଗୋଖର ସର୍ପ ପଛପଟୁ ଗୋଡ଼କୁ ଆଘାତ କରିଥିଲା । ଘରକୁ ଦୌଡ଼ି ଆସି ବାପା ମା'କୁ ଜଣେଇବାରୁ, ଘର ଲୋକେକ ତାଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ନେଇଯାଇଥିଲେ । ମଣିଜଙ୍ଗାରେ ଚିକିତ୍ସାର କୌଣସି ସୁବିଧା ନଥିବାରୁ ସେଠାକାର ଡକ୍ଟର ଜଗତସିଂହପୁର ମେଡିକାଲକୁ ସ୍ଥାନାନ୍ତର କରିଦେଇଥିଲେ। ମାତ୍ର ପହଂଚିବା ୨ଘଣ୍ଟା ମଧରେ ଶ୍ରୁତିର ଦେହାନ୍ତ ହୋଇ ଯାଇଥିଲା। ଜଗତସିଂହପୁର ଡକ୍ଟର ଶ୍ରୁତିକୁ ମୃତ ଘୋଷଣା କରିଥିଲେ । ତାର ମୃତ୍ୟୁ ଖବର ପାଇବା ପରେ କଲେଜର ସାଙ୍ଗସାଥି ଓ ଅଧାପକ ଅଧାପିକାଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି । ବାପା ମାଆଙ୍କ ଏକମାତ୍ର ଝିଅ ହୋଇଥିବାରୁ ଝିଅର ମୃତ୍ୟୁରେ ବାପାମାଆ ପାଗଳ ପ୍ରାୟ ହୋଇ ଯାଇଛନ୍ତି।



## କେରେଡାଗଡ ବାହୁଡାରେ ୨୦ ହଜାର ଭକ୍ତଙ୍କ ସମାଗମ

**ରାଜନଗର, ୬।୭ (ସଂଚାର ବ୍ୟୁରୋ):** କେରଡାଗଡର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ଜୀଉଙ୍କ ପବିତ୍ର ବାହୁଡାଯାତ୍ରା ରବିବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଶନିବାର ବାହୁଡା ତିଥିରେ ଠାକୁରଙ୍କ ପହଣ୍ଡି ବିଜେ କରାଯାଇ ଠାକୁରଙ୍କ ରଥାରୁଢ କରାଯାଇଥିଲା। ରବିବାର ଅପରାହ୍ନ ୩ଟା ରେ ସେବାୟତ ମାନେ ବାହୁଡାର ନୀତିକାନ୍ତି ଆରମ୍ଭ କରିଥିଲେ। ନୀତିକାନ୍ତି ଶେଷ ପରେ ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥ ଜୀଉ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡି ଆସିଛନ୍ତି। ପାଗ ମେଘୁଆ ଥିବାରୁ ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳର ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ। ସଂଧାରେ ଶ୍ରୀଜୀଉଙ୍କ ରଥ ମନ୍ଦିର ସମ୍ମୁଖରେ ପହଞ୍ଚୁଥିଲା । ଶ୍ରୀ ଜୀଉଙ୍କ ସାଧାଦର୍ଶନ ଓ ଆଳତି ଦର୍ଶନ ଲାଗି ଆଖ ପାଖ ଅଞ୍ଚଳର ବହୁ ମହିଳା ଭକ୍ତଙ୍କ ସମାଗମ ହୋଇଛି। ରାଜନଗର ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁଙ୍କ ସମେତ ପୋଲିସ୍ ଫୋର୍ସ ରଥଟଣା ସମୟରେ ଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ରାଜନଗରର ଶ୍ରୀଦଧିବାମନଜୀଉ, ପେଣ୍ଠର ବନବିହାରୀଜୀଙ୍କ ବାହୁଡାଯାତ୍ରା ସମାପନ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ରଥଟଣାରେ ସହଯୋଗ କରିଥିଲେ। ରାଜନଗର ବ୍ଲକର ପ୍ରମୁଖ କେରେଡାଗଡ , ରାଜନଗର ଓ ପେଣ୍ଠରେ ଦୀର୍ଘ ବର୍ଷ ହେଲା ଦଶମୀ ତିଥି ବଦଳରେ ଏକାଦଶୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥାଏ।

## ଟଙ୍କା ନାହିଁ ବୋଲି ଅସୁସ୍ଥ ଶ୍ରମିକଙ୍କୁ ଚିକିତ୍ସା କଲା ନାହିଁ ଟାଟା ମେଡିକାଲ

**କଳିଙ୍ଗନଗର, ୬।୭ (ସଂଚାର ବ୍ୟୁରୋ):** ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ ହେବ ଯାଜପୁର ଜିଲ୍ଲା କଳିଙ୍ଗନଗରରେ ଶିଳ୍ପ ସମୂହ ଗଢିଉଠିଲାଣି। ଆହୁରି ମଧ ନୂଆ ନୂଆ ଶିଳ୍ପ ନିର୍ମାଣ ଚାଲିଛି। ଦୁର୍ଭାଗ୍ୟର କଥା ଖଟିଖିଆ ଶ୍ରମିକମାନଙ୍କର କିଛି ହେଲେ ନା ଅଛି ଇଏସଆଇ ହସ୍ପିଟାଲ ନା ଅଛି କାରଖାନା ଭିତରେ କିଛି ଉନ୍ନତ ମାନର ସ୍ୱାସ୍ଥ୍ୟ ସୁବିଧା। ଶିଳ୍ପ ନଗରୀ ରେ ଦୈନିକ ହଜାର ହଜାର ଶ୍ରମିକ ରାତି ଦିନ ଚବିଶ ଘଣ୍ଟା ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ଯଦି କାର୍ଯ୍ୟ କ୍ଷେତ୍ର କି ରାସ୍ତାରେ କୌଣସି ଦୁର୍ଘଟଣା କି ଅସୁସ୍ଥ ହେଲା ତାହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର। ଏପରି ଏକ ଘଟଣା ଘଟିଛି ଆଜି ଟାଟା ଅଧିକୃତ ନୀଳାଚଳ ଇସ୍ପାତ କାରଖାନାରେ। ଯଖପୁରା ଗାଁର ସ୍ୱାୟିତି ଭୂୟାଁ (୨୧) ନାମକ ଜଣେ ଯୁବକ ନୀଳାଚଳ କାରଖାନାକୁ ଆଜି ସକାଳେ କାମ କରିବା ପାଇଁ ଯାଇଥିଲେ। କାର୍ଯ୍ୟସ୍ଥଳିରେ ଅସୁସ୍ଥ ଅନୁଭବ କରି ବାନ୍ତି କରିଲେ। ତାଙ୍କ ପାଟିରୁ ଲାଳ



ବାହାରିଲା ସେ ଗୁରୁତର ହୋଇ ଗଲେ ତାଙ୍କୁ କାରଖାନା ପରିସରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କଲା ପରେ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ଟାଟ ମେଡ଼ିକାଲକୁ ସ୍ଥାନାନ୍ତର କଲେ। ସେଠାରେ ଯୁବକଙ୍କୁ ଆଡିମିଶନ କରିବା ପାଇଁ ୨୦ ହଜାର ଜମା କରିବାକୁ କୁହାଗଲା। ସ୍ୱାୟିତି ଭୂୟାଁଙ୍କର ବାପା ନାହାନ୍ତି। ସେ ଗରିବ ପରିବାରର। ତାଙ୍କ ବିଧବା ମା ଏତେ ଟଙ୍କା କେଉଁଠୁ ଯୋଗାଡ଼ କରିବେ ଯେ ପୁଅକୁ ଚିକିତ୍ସା କରାଇବେ ତେଣୁ ପୁଅକୁ ଘରକୁ ଫେରାଇ ଆଣିଲେ। ପୁଅ ଘରେ ପଡି ଯନ୍ତ୍ରଣା ରେ ଛଟପଟ ହେଉଛି। ଏକମାତ୍ର ରୋଜଗାରିଆ ପୁଅର ଏ ଅବସ୍ଥା ଦେଖି ଭାଙ୍ଗି ପଡିଛି ବିଧବା ବୃଦ୍ଧା ମା। କାରଖାନା କର୍ତ୍ତୃପକ୍ଷ, ଠିକାଦାର କେହି ଶୁଣୁ ନାହାନ୍ତି ଦୁଃଖ।

# ବ୍ୟାସନଗରର ବିଭିନ୍ନ ୱାର୍ଡରୁ ହୋଇପାରୁନି ବର୍ଷା ଜଳ ନିଷ୍କାସନ

**ଯାଜପୁର ରୋଡ଼,୬।୭(ସଂଚାର ବ୍ୟୁରୋ):** ଲଗାଣ ବର୍ଷା ଦିର୍ଘ ସପ୍ତାହେ ହେଲା ଲାଗିରହିଛି । ଯାହା ଫଳରେ ବ୍ୟାସନଗର ପୌରାଅଂଚଳ ସହରର ଅନେକ ଓ୍ୱାର୍ଡର ରାସ୍ତାଘାଟର କଡରେଥିବା ଡ୍ରେନରେ ବର୍ଷା ଜଳ ଭରି ଯାଉଥିବା ବେଳେ ଡ୍ରେନର ନାଳ ନର୍ଦ୍ଦମା ଉଦବୃତ୍ ପାଣି, ବର୍ଷାଜଳ ନିଷ୍କାସନ ହୋଇନପରିବା ଯୋଗୁଁ ଡ୍ରେନ କଡ଼ ରାସ୍ତା ଉପରେ ପାଣି ଚାଲିଛି। ତେଣୁ ଡ୍ରେନ ପାଣିରେ ଲୋକମାନଙ୍କ ଯାତାୟତରେ ଅସୁବିଧା ଦେଖିବାକୁ ମିଳିଛି। ବିଶେଷକରି ଓ୍ୱାର୍ଡ ନମ୍ବର -୧୫ ଓ ୧୬ ର ଚୋରଦା, ଉମାପଦା ଡିଗିସାହି ରାସ୍ତା, ସେହିପରି ବଙ୍ଗାଳୀ ସାହି, ପ୍ଲଟ, ମାର୍କେଟର ଅନେକ ଶାଖାରାସ୍ତା ଭଳି ଆଦି ପୌରଅର୍ନ୍ତଗତ ୨୬ ଓ୍ୱାର୍ଡର ବିଭିନ୍ନ ସ୍ଥାନ ରାସ୍ତାରେ ପାଣି ନିଷ୍କାସନ ହୋଇନପାରି ରାସ୍ତାରେ ଜମି ରହୁଛି। ଯାହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି। ବ୍ୟାସନଗର ପୌର ଇଞ୍ଜିନିୟର ମାନଙ୍କ ଦୁରଦୃଷ୍ଟି ଅଭାବର ମନୋଭାବ ଦ୍ୱାରା, ଜଳ ନିଷ୍କାସନର ସଠିକ ପ୍ଲାନ୍ ପ୍ରସ୍ତୁତ ବ୍ୟବସ୍ଥା କରାଯାଇ ନଥିବା ଯୋଗୁଁ ଏଭଳି ବିଭିନ୍ନ ଅଂଚଳରୁ ବର୍ଷା ଜଳ ନିଷ୍କାସିତ ହୋଇନପାରି ରାସ୍ତାରେ ଜମି ରହି ରାସ୍ତା ଉପରେ ଅପରିଷ୍କାର ପାଣି ଚାଲିଛି। ଏଥିପାଇଁ ନାହିଁନଥିବା ହିନସ୍ତା ଭୋଗୁଛନ୍ତି ଲୋକ। ଏପଟେ ଚର୍ମରୋଗର ଶିକାର ହେବାକୁ ଯାଉଥିବା ନେଇ ଆଶଙ୍କା ସୃଷ୍ଟି ହେଉଛି। ତେଣୁ ଜିଲ୍ଲା ଓ ସ୍ଥାନୀୟ ପୌର ପ୍ରଶାସନ ଏଭଳି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜନସାଧାରଣ ଓ ବୁଦ୍ଧିଜୀବି ମହଲରୁ ଦାବି କରାଯାଉଛି।



# କ୍ରୀଡ଼ାର ଉନ୍ନତି ପାଇଁ ଭାଜପା ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର

**ରାୟଗଡ଼ା, ୬।୭ (ସଂଚାର ବ୍ୟୁରୋ):** ରାୟଗଡ଼ା ନଗର ଭାଜପା ପକ୍ଷରୁ ଜିଲ୍ଲାର କ୍ରୀଡ଼ା ବ୍ୟବସ୍ଥା ଓ ଭିତ୍ତିଭୂମିର ଅବସ୍ଥାକୁ ନେଇ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହି ପଦକ୍ଷେପ ନଗର ଭାଜପା ସଭାପତି ରାଜେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗ୍ରହଣ କରାଯାଇଛି। ଦାବିପତ୍ର ସହ ଜିଲ୍ଲାପାଳଙ୍କ ଦ୍ୱାରା ମନ୍ତ୍ରୀଙ୍କୁ ପ୍ରେରିତ ଚିଠି (ପତ୍ର ସଂଖ୍ୟା ୧୨୬/୨୦୨୫, ତା. ୩/୦୬/୨୦୨୫) ସଂଲଗ୍ନ କରାଯାଇଛି, ଯାହାର ମାଧ୍ୟମରେ ରାୟଗଡ଼ା ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସର ମରାମତି ଓ ପୁନରୁଦ୍ଧାର ପାଇଁ ଦୁଇ କୋଟି ତେତିଶ ଲକ୍ଷ ଟଙ୍କା ଅନୁମାନିତ ବ୍ୟୟ ସହିତ ପ୍ରସ୍ତାବ ପ୍ରଦାନ କରାଯାଇଛି। ଏହି ପ୍ରସ୍ତାବ ସ୍ୱୀକୃତି ହେଲେ ଜିଲ୍ଲାର ଅନେକ କ୍ରୀଡ଼ାପ୍ରେମୀ ଓ ଯୁବ ପ୍ରତିଭା ଲାଭାନ୍ୱିତ ହେବେ ବୋଲି ରାଜେଶ ପାଣିଗ୍ରାହୀ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ସେ ଏହି ଅବସରରେ କହିଛନ୍ତି ଯେ, ୨୦ ବର୍ଷ ଧରି ରାୟଗଡ଼ା ଜିଲ୍ଲା କ୍ରୀଡ଼ା ସଂଘ ଅକ୍ରିୟ ଅବସ୍ଥାରେ ରହିଛି। ତଥା କୌଣସି ଖେଳ ଉଦ୍ୟମ ନ ହେଉଥିବା ଦୁଃଖଦ ପରିସ୍ଥିତି ଜାରି ରହିଛି। ସେଉଁଠି କ୍ରିକେଟ, ବାସ୍କେଟବଲ, ହକି, ବ୍ୟାଡମିଣ୍ଟନ ଭଳି ଅନେକ ଖେଳ ସଂଘ ଥିଲେ ମଧ୍ୟ, ନୂତନ ପ୍ରତିଭା ଖୋଜିବା ବା ପ୍ରେରଣା ଦେବାର କୌଣସି ପ୍ରଚେଷ୍ଟା ହେଉ ନାହିଁ। ଏହା ସହିତ ସମସ୍ତ ସଂଘ ପାଖରେ ନ ଥିବା ବୈଧ ରେଜିଷ୍ଟ୍ରେସନ, ହିସାବ ସମୀକ୍ଷା ଓ ବାଇଲା ଅନୁଯାୟୀ କାର୍ଯ୍ୟ ନ କରିବା ଅଭିଯୋଗ ଆସୁଅଛି। ଏଥିରେ ଜିଲ୍ଲା କ୍ରୀଡ଼ା ବିଭାଗର ସ୍ୱଚ୍ଛତା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ସମସ୍ତ ଖେଳ ସଂଘର ପୁନର୍ଗଠନ କରାଯିବା ଆବଶ୍ୟକ ବୋଲି ଦାବି କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ବିଶୃଙ୍ଖଳା ଅନ୍ତ ହେବା ସହ ରାୟଗଡ଼ାରେ ଖେଳ ମାନଚିତ୍ରରେ ଉନ୍ନତି ଆସିପାରିବ।

ଦାବିପତ୍ର ପ୍ରଦାନ ସମୟରେ ନଗର ଭାଜପା ନେତା ରାମକୃଷ୍ଣ ପାଣିଗ୍ରାହୀ, ଅଜୟ ଚୁଲେଟ ଓ ଅନ୍ୟ କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ଏହି ପଦକ୍ଷେପକୁ ନେଇ ନଗରର ଅନେକ କ୍ରୀଡ଼ାପ୍ରେମୀ ଭାଜପା ପ୍ରଶଂସା କରି ଯୁବପିଢ଼ି ପାଇଁ ଏହାକୁ ଆଶାବାନ ପଦକ୍ଷେପ ବୋଲି ବିବେଚନା କରୁଛନ୍ତି।




## ସମୁଦ୍ରରେ ୧୧ ନିୟୁତ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ

# ମିନିଟ୍‌କୁ ମିଶୁଛି ଟ୍ରକ୍ ଭର୍ତ୍ତି ବର୍ଜ୍ୟ

ମାଟି, ପାଣି ଓ ଆକାଶ ପରି ବିଭିନ୍ନ ପରିସରର ପରିବେଶ ପ୍ରଦୂଷଣ ପାଇଁ ସମ୍ପ୍ରତି ପ୍ଲାଷ୍ଟିକ୍ ମୁଖ୍ୟ ପ୍ରଦୂଷଣକାରୀ ସାଜିଛି। ନଦୀ, ନାଳରେ ପ୍ଲାଷ୍ଟିକ୍ ଆବର୍ଜନା ସବୁ ଭାସି ଯାଇ ସମୁଦ୍ରରେ ପଡୁଛି। କାନାଡାର ଟରୋଣ୍ଟୋ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲିଆର ଜାତୀୟ ବିଜ୍ଞାନ ସଂଗଠନ 'ସିଏସ୍‌ଆଇଆର୍‌ଓ' ଦ୍ୱାରା କରାଯାଇଥିବା ଆକଳନ ଅନୁଯାୟୀ, ସମ୍ପ୍ରତି ସମୁଦ୍ର ଶଯ୍ୟାମାନଙ୍କରେ ୧୧ ନିୟୁତ ମେଟ୍ରିକ୍ ଟନ୍ ପରିମାଣର ପ୍ଲାଷ୍ଟିକ୍ ବର୍ଜ୍ୟ ଗଚ୍ଛିତ ହୋଇ ପଡ଼ି ରହିଛି। ଏଥି ଯୋଗୁଁ ଜଳଚର ପ୍ରାଣୀ ଓ ଉଦ୍ଭିଦଙ୍କ ପାଇଁ ବିପଦ ଲାଗି ରହିବା ସହ ସାମୁଦ୍ରିକ ଜୈବ ପ୍ରଣାଳୀ ପ୍ରତି ସାଂଘାତିକ ସଂକଟ ସୃଷ୍ଟି ହୋଇଛି। ତେଣୁ ଏହାର ତୁରନ୍ତ ପ୍ରତିକାର ପାଇଁ ବିଶ୍ୱସ୍ତରରେ ପଦକ୍ଷେପ ନେବାକୁ ସେମାନେ ପରାମର୍ଶ କରିଛନ୍ତି। ସେମାନଙ୍କ ଆକଳନ ଅନୁଯାୟୀ, ପ୍ରତି ମିନିଟ୍‌ରେ ସମୁଦ୍ର ପାଣିରେ ପ୍ରାୟ ଏକ ଟ୍ରକ୍ ଭର୍ତ୍ତି ପ୍ଲାଷ୍ଟିକ୍ ବର୍ଜ୍ୟ ମିଶିବାରେ ଲାଗିଛି। ଏହି ପରିମାଣ ଆସନ୍ତା ୨୦୪୦ ମସିହା ବେଳକୁ ଦୁଇଗୁଣା ହୋଇଯିବାର ଆଶଙ୍କା ରହିଛି। ସୁତରାଂ ସାମୁଦ୍ରିକ ଜୈବପ୍ରଣାଳୀ ଉପରେ ତାହାର ନକାରାତ୍ମକ ପ୍ରଭାବ କିପରି ପଡ଼ିବ, ତାହା ସହଜରେ ଅନୁମେୟ। ସମୁଦ୍ର ପାଣିରେ ମିଶୁଥିବା ଏହି ପ୍ଲାଷ୍ଟିକ୍ ଭିତରୁ ପ୍ରାୟ ଅଧା ଭାଗ ସମୁଦ୍ର ଜଳର ୨୦୦ ମିଟର ଗଭୀରତା ଉପରେ ରହିଯାଉଥିବା ବେଳେ ବାକିତକ ତାହା ତଳେ ଏବଂ ତାହାର ସିଂହଭାଗ ସମୁଦ୍ରଶଯ୍ୟାରେ ହିଁ ପଡ଼ି ରହୁଛି। ଅପରପକ୍ଷେ, ସମୁଦ୍ର ପାଣିରେ ଭାସୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ତୁଳନାରେ ସମୁଦ୍ର ଶଯ୍ୟାରେ ପଡ଼ିରହିଥିବା ପ୍ଲାଷ୍ଟିକ୍ ଶହେଗୁଣା ଅଧିକ କ୍ଷତି ପହଞ୍ଚାଇବ ବୋଲି ସେମାନଙ୍କ ମତ। ତେଣୁ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ସହ ସମୁଦ୍ର ଶଯ୍ୟାରେ ଠୁଳ ହେଉଥିବା ପ୍ଲାଷ୍ଟିକ୍ ବର୍ଜ୍ୟ କିପରି କମ୍ ରହିବ, ତା' ଉପରେ ପ୍ରତ୍ୟେକ ରାଷ୍ଟ୍ର ପଦକ୍ଷେପ ନେବାକୁ ସେମାନେ ଗୁରୁତ୍ୱାରୋପ କରିଛନ୍ତି।



# ଆରବ ମରୁଭୂମିରେ ସବୁଜିମା!

କଥାରେ କହନ୍ତି 'ବୃଷ୍ଟି ବିହୁନେ ସୃଷ୍ଟି ନାଶ, ବୃଷ୍ଟି ବହୁଳେ ସୃଷ୍ଟି ନାଶ'। ମାତ୍ର କ୍ରମାଗତ ବୃଷ୍ଟିହୀନତା ହେତୁ ମରୁଅଞ୍ଚଳରେ ଟାଙ୍ଗରା ହୋଇ ପଡ଼ିଥିବା ଦକ୍ଷିଣ ଆରବର କିଛି ଭାଗରେ ଅଳ୍ପ ଦିନ ତଳେ ହୋଇଥିବା ପ୍ରବଳ ବର୍ଷା ସବୁଜିମା ସୃଷ୍ଟି କରିଛି। ମକ୍କା ଓ ମଦିନା ସହର ମଧ୍ୟସ୍ଥ ବିସ୍ତୀର୍ଣ୍ଣ ମରୁ ଉପତ୍ୟକାର କିଛି ଅଂଶରେ ଏବେ ସବୁଜ ଉଦ୍ଭିଦ କଅଁଳିବା ଦେଖାଯାଇଛି। ସାଉଦି ଆରବ ଭଳି ବୃଷ୍ଟିବିରଳ ଅଞ୍ଚଳରେ ଚଳିତ ବର୍ଷର ଏହି କଳ୍ପନାତୀତ ବୃଷ୍ଟିପାତ ଉକ୍ତ ମରୁ ଇଲାକାରେ ନାନା ଜାତି ତୃଣ ଓ ଗୁଳ୍ମର ଉତ୍ପତ୍ତିକୁ ସମ୍ଭବ କରାଇଛି। ଫଳସ୍ୱରୂପ ଓଟମାନେ ସେଠାରେ ମନଭରି ଚରୁଥିବାର ବିରଳ ଫଟୋଚିତ୍ର ଏବେ ସାମାଜିକ ଗଣମାଧ୍ୟମରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। 'ନାସା'ର ଉପଗ୍ରହରୁ ମଧ୍ୟ ସଂପୃକ୍ତ ଅଞ୍ଚଳର ସବୁଜିମା ଦେଖିବାକୁ ମିଳୁଛି ବୋଲି ଜଣେ ଇନ୍‌ଷ୍ଟାଗ୍ରାମ ବ୍ୟବହାରକାରୀ ସୂଚନା ଦେଇଛନ୍ତି। ଶୁଷ୍କ ତଥା ବନ୍ଧ୍ୟାଭୂମି ଭାବେ ପରିଚିତ ଥିବା ଏହି ମରୁ ଅଞ୍ଚଳର ଏହି ଉଦ୍ଭିଦ ରୂପୀ ନୂତନ ଅତିଥି ପରିବେଶବିତ୍‌ମାନଙ୍କ ମନରେ ନୂତନ ଆଶା ସଂଚାର କରାଇଛି। ସୁବର୍ଣ୍ଣ ରଙ୍ଗର ବାଲିସ୍ତୂପ ପୃଷ୍ଠଭୂମିରେ ଏହି ସବୁଜ ରଙ୍ଗର ପଟିସବୁ ମନୋରମ ଦେଖାଯାଉଛି। ସାମାଜିକ ଗଣମାଧ୍ୟମର ବ୍ୟବହାକାରୀମାନେ ଏଥିରେ ଉତ୍‌ଫୁଲ୍ଲିତ ହୋଇ ରୋଚକ ମନ୍ତବ୍ୟମାନ ଦେବାରେ ଲାଗିଛନ୍ତି। ଅନେକ ଏଥିପାଇଁ ଅଦୃଶ୍ୟ ଈଶ୍ୱରଙ୍କ ଲୀଳାକୁ ଶ୍ରେୟ ଦେବା ସହ ସେ ହିଁ ସୃଷ୍ଟିର ଆରମ୍ଭ ଓ ଶେଷ ବାବଦରେ ଜାଣନ୍ତି ବୋଲି କହିଛନ୍ତି। ଆଗକୁ ଏହି ମରୁଭୂମିରେ ଝରଣା ପ୍ରବାହିତ ହେବ ବୋଲି କିଛି ଲୋକ କଳ୍ପନା କରିଛନ୍ତି।

**ଶୁଷ୍କ ତଥା ବନ୍ଧ୍ୟାଭୂମି ଭାବେ ପରିଚିତ ମକ୍କା ଓ ମଦିନା ମଧ୍ୟସ୍ଥ ବିସ୍ତୀର୍ଣ୍ଣ ମରୁ ଉପତ୍ୟକାରେ ପ୍ରବଳ ବର୍ଷା ପରେ ସବୁଜିମା ଖେଳିଯାଇଛି। ଏହି ପରିବର୍ତ୍ତନ ପରିବେଶପ୍ରେମୀଙ୍କ ମନରେ ଆଶା ସଂଚାର କରିଛି।**








ଆସନ୍ତା ପାଞ୍ଚ ମାସ ଭିତରେ ଏକ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଭବିଷ୍ୟବାଣୀ କରିଛନ୍ତି।

ଭୂପୃଷ୍ଠରୁ ୩,୦୦୦ ଆଲୋକବର୍ଷ ଦୂରରେ ଅନ୍ତରୀକ୍ଷରେ ଏକ ବିଶାଳ ବିସ୍ଫୋରଣ ଘଟି ଏଭଳି ଦୃଶ୍ୟ ଦେଖାଯିବ। ଏଭଳି ଦୃଶ୍ୟ ଜୀବନକାଳ ଭିତରେ କେବଳ ଥରଟିଏ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ଏଥିଯୋଗୁଁ 'ଟି କରୋନା ବୋରିଅଲିସ' ନକ୍ଷତ୍ର ରାତ୍ରି ଆକାଶରେ ଅନ୍ୟତମ ଧ୍ରୁବତାରା ପରି ଉଜ୍ଜ୍ୱଳ ଦେଖାଯିବ ବୋଲି ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନକ୍ଷତ୍ରପୁଞ୍ଜ 'କରୋନା ବୋରିଅଲିସ'ରେ ରହିଥିବା ଦ୍ୱୈତ ନକ୍ଷତ୍ର ପ୍ରଣାଳୀର ନଗଣ୍ୟ ଜ୍ୟୋତି ଯୋଗୁଁ ତାହା ସାଧାରଣତଃ ଖାଲି ଆଖିକୁ ଦେଖାଯାଇ ନଥାଏ। ତେବେ ପ୍ରତି ୮୦ ବର୍ଷରେ ଏହି ଦୁଇ ନକ୍ଷତ୍ର ମଧ୍ୟରେ ସ୍ଥାନାନ୍ତରଣ ପ୍ରକ୍ରିୟାରେ ଆଣବିକ ବିସ୍ଫୋରଣ ଘଟି ଏଭଳି ବିରଳ ଜ୍ୟୋତି (ନୋଭା)ର ଉତ୍ପତ୍ତି ଘଟିଥାଏ। 'କରୋନା ବୋରିଅଲିସ'ର ଏହି ପ୍ରକ୍ରିୟା ଶେଷଥର ପାଇଁ ୧୯୪୬ ମସିହାରେ ଦେଖିବାକୁ ମିଳିଥିଲା। ଏହାକୁ ୧୮୬୬ ମସିହାରେ ଆୟର୍ଲାଣ୍ଡର ମହାନ ଗଣିତଜ୍ଞ ଜନ୍ ବର୍ମିଂହାମ ପ୍ରଥମ ଥର ପାଇଁ ଠାବ କରିଥିଲେ। ଆମର ଛାୟାପଥ 'ଆକାଶଗଙ୍ଗା' ଓ ତାହାର ଆଖପାଖରେ ଏଭଳି ୧୦ଟି ପୁନରାବିର୍ଭାବକ୍ଷମ ଦ୍ୱୈତ ନକ୍ଷତ୍ର ପ୍ରଣାଳୀ ରହିଛି। ସେମାନଙ୍କ ବିସ୍ଫୋରଣରେ ୧୦ କୋଟିରୁ ୨୦ କୋଟି ସେଲ୍‌ସିଅସ୍ ଯାଏ ତାପମାତ୍ରା ସୃଷ୍ଟି ହୋଇଥାଏ। 'ବ୍ଲେଜ ଷ୍ଟାର' ନାମକ ଏହି ନକ୍ଷତ୍ରମାନଙ୍କ ଉପରେ ଗବେଷଣା ଜାରି ରଖିଥିବା ଆରିଜୋନା ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନୀ ସମର୍ ଷ୍ଟାରଫିଲ୍‌ଡଙ୍କ କହିବାନୁଯାୟୀ, ସ୍ୱାଭାବିକ ଭାବେ ନକ୍ଷତ୍ରର ମୃତ୍ୟୁ ବେଳେ ପ୍ରତି ଏକ ଲକ୍ଷ ବର୍ଷରେ ଥରେ 'ନୋଭା' ଦୃଶ୍ୟମାନ ହୋଇଥାଏ। ତେବେ ଏହି ପୁନରାବିର୍ଭାବକ୍ଷମ ନୋଭାର ଉପସ୍ଥିତି ମନୁଷ୍ୟ ଜୀବନ କାଳ ଭିତରେ ଥରେ (୮୦ ବର୍ଷରେ ଥରେ) ପୁନରାବୃତ୍ତି ହୋଇଥାଏ। ଆସନ୍ତା ସେପ୍‌ଟେମ୍ବର ମାସ ଭିତରେ ଯେ କୌଣସି ମୁହୂର୍ତ୍ତରେ ଏହି ମହାଜାଗତିକ ପ୍ରକ୍ରିୟା ସଂଘଟିତ ହେବ।

# ପରିବେଶ ପାଇଁ ସମର୍ପିତ ବିଶ୍ୱଜିତ

**ପରିବେଶ ଯୋଦ୍ଧା**

ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ପରିବେଶକୁ ଖୁବ୍ ଭଲ ପାଆନ୍ତି। ଏଇ ଭଲ ପାଇବା ସେମାନଙ୍କୁ ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବାକୁ ଅନୁପ୍ରେରିତ କରେ। ଆଉ ସମାଜ ସେମାନଙ୍କୁ ପରିବେଶ ଯୋଦ୍ଧାର ଆଖ୍ୟା ଦିଏ। ଏମିତି ଜଣେ ନିଆରା ମଣିଷ ବିଶ୍ୱଜିତ ପରିଡ଼ା। ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍ ବୋଳକଣା ଗ୍ରାମର ବାସିନ୍ଦା ବିଶ୍ୱଜିତ ବୃକ୍ଷଲତାଦି ରୋପଣ ସହ ପଶୁପକ୍ଷୀଙ୍କ ସୁରକ୍ଷା ଦିଗରେ ପ୍ରାୟ ଏକ ଦଶନ୍ଧି ହେବ କାର୍ଯ୍ୟ କରିଆସୁଛନ୍ତି। ଯୁବାବସ୍ଥାରୁ ପରିବେଶ ପ୍ରତି ଆକୃଷ୍ଟ ଥିବା ବିଶ୍ୱଜିତ ୨୦୧୫ ମସିହାରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିବା ସହ ଚିଲିକା ହ୍ରଦରେ ଦେଖିବାକୁ ମିଳୁଥିବା ଇରାୱାଡି ଡଲଫିନ୍ ଓ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ସାଇକେଲ୍ ଯାତ୍ରା କରି ସଚେତନତା ସୃଷ୍ଟି କରୁଛନ୍ତି। ଏ ପ୍ରସଙ୍ଗରେ ସେ କହନ୍ତି, ''ପରିବେଶ ପ୍ରଦୂଷଣ ନ କରିବା ପାଇଁ ମୁଁ ଗାଡ଼ି ବ୍ୟବହାର ନ କରି ସାଇକେଲ୍‌ରେ ଯାତାୟାତ କରେ। ଏଥିସହ ସାଇକେଲ୍‌ରେ ବୁଲିବୁଲି ଗଛ ଲଗାଏ ଓ ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଥାଏ।''

ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ୱାର୍ଡେନ୍ ଭାବେ କାର୍ଯ୍ୟରତ ବିଶ୍ୱଜିତ ନିଜ କାର୍ଯ୍ୟସ୍ଥଳୀ ଓ ବାସସ୍ଥାନ ପାଖାପାଖି ଅଞ୍ଚଳରେ ହିଁ ଗଛ ଲଗାଇଥାନ୍ତି। କାରଣ ସେ ପାଣି ଦେବା ସହ ଗଛଟିର ଯତ୍ନ ନେଇ ଧୀରେଧୀରେ ତା'ର ବଢ଼ିବାର ସୁଖକୁ ଉପଭୋଗ କରନ୍ତି। ସମସ୍ତଙ୍କୁ ସେ ପରାମର୍ଶ ଦିଅନ୍ତି ଯେ ଗଛଟିଏ ଯଦି ଲଗାଉଛନ୍ତି ତେବେ ନିଜ ପାଖାପାଖି ଅଞ୍ଚଳରେ ଲଗାନ୍ତୁ, ଯେଉଁଠି ପାଣି ଦେଇ ଗଛଟିକୁ ବଢ଼ାଇ ପାରିବେ। ସେ ମୁଖ୍ୟତଃ ବର, ଅଶ୍ୱତ୍ଥ, କଦମ୍ବ ଓ ପିସ୍ତା ଗଛ ଲଗାଇଥାଆନ୍ତି, କାରଣ ଏହାର କାଠ ଚୋରି ହେବାର ଭୟ ନଥାଏ। ଏଥିସହ ସେ ସ୍କୁଲ୍ ଓ କଲେଜରେ ସେମିନାର୍ ଆୟୋଜନ କରି ବୃକ୍ଷରୋପଣ, ବନ୍ୟପ୍ରାଣୀ ଓ ପକ୍ଷୀମାନଙ୍କର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରୁଛନ୍ତି। ସଚିନ ତେନ୍ଦୁଲକର, ମିନତି ମହାପାତ୍ର, ରଚିତା ପଣ୍ଡା, ମହେନ୍ଦ୍ର ସିଂ ଧୋନୀ ଆଦି ପ୍ରସିଦ୍ଧ ଖେଳାଳିଙ୍କୁ ଭେଟି ବିଶ୍ୱଜିତ ଗଛ ଉପହାର ଦେଇଛନ୍ତି। ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ଜାନୁଆରିରେ ଡେଲାଙ୍ଗରୁ ଚିଲିକା ଅଭିମୁଖେ ପ୍ରାୟ ୮୦ କି.ମି ସାଇକେଲ୍‌ରେ ଯାତ୍ରା କରିଥାଆନ୍ତି ସେ। ଚିଲିକାରେ ପ୍ଲାଷ୍ଟିକ୍ ପ୍ରଦୂଷଣ ବଢ଼ୁଥିବାରୁ ସମମନସ୍କ ସ୍ୱେଚ୍ଛାସେବୀଙ୍କୁ ଧରି ତାହା ପରିଷ୍କାର ବି କରନ୍ତି। ଗଛ ଲଗାଇ ଲଗାଇ ଭବିଷ୍ୟତରେ ଗୋଟିଏ ଜଙ୍ଗଲ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ପରିଡ଼ା କହିଛନ୍ତି। ତାଙ୍କ ସାଇକେଲ୍ ସାମ୍ନାରେ ଏକ ବୋର୍ଡମାରି ସେ ଲେଖିଛନ୍ତି, ''ବିଶ୍ୱତାପନ ହ୍ରାସ କରିବା ପାଇଁ ଗଛଟିଏ ଲଗାନ୍ତୁ।''





# ପରମ୍ପରାର ରକ୍ଷକ ମହୁମାଛି



ସ୍ଥାପତ୍ୟ ନିର୍ମାଣ କଥା ଉଠିଲେ ମନୁଷ୍ୟ ହିଁ ଶୀର୍ଷରେ ବିଦ୍ୟମାନ ବୋଲି ଆମେ ଭାବୁ। ମାତ୍ର ଏ ଧାରଣା ଭୁଲ୍। ବେଲ୍‌ଜିଅମ୍‌ର ଲିଉଭେନ୍ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ, ଫେଣାର ନିର୍ମାଣ ନେଇ ମହୁମାଛିମାନଙ୍କର ମଣିଷ ଭଳି ପରମ୍ପରାଗତ ଜ୍ଞାନ ରହିଛି, ଯାହା ପିଢ଼ିକୁ ପିଢ଼ି ହସ୍ତାନ୍ତର ହୋଇଥାଏ। ଫଳରେ ସେମାନେ ସେହି ପାରମ୍ପରିକ ସ୍ଥାପତ୍ୟକୁ ଅନୁକରଣ କରି ଜଟିଳ ତଥା ସମତୁଲ ମହୁଫେଣା ନିର୍ମାଣ କରିଥାନ୍ତି। ବ୍ରାଜିଲରେ ୨୦୨୨ରୁ ୨୦୨୩ ଭିତରେ ସଂଗୃହୀତ 'ସ୍କାପ୍ଟୋଟ୍ରିଗୋନା ଡେପିଲିସ' ପ୍ରଜାତିର ମହୁମାଛିମାନଙ୍କ ଦ୍ୱାରା ନିର୍ମିତ ୪୦୦ରୁ ଅଧିକ ମହୁଫେଣାକୁ ଅନୁଧ୍ୟାନ କରି ସେମାନେ ଏପରି ନିର୍ଯ୍ୟାସ ପାଇଛନ୍ତି। ସେଗୁଡ଼ିକ ଭିତରୁ ୯୫ ପ୍ରତିଶତ ଫେଣା ସମାନ୍ତରାଳ ସ୍ତରରେ ନିର୍ମିତ ହୋଇଥିବା ବେଳେ ବାକି ତକର ଗଠନ କୁଣ୍ଡଳାକାର ସଦୃଶ। ତେବେ ପ୍ରତ୍ୟେକ କ୍ଷେତ୍ରରେ ପାରମ୍ପରିକ ଶୈଳୀ ବଜାୟ ରହିଥିବା ଦେଖାଯାଇଛି। ଅପରପକ୍ଷେ, ଉଭୟ ଶୈଳୀର କୁଶଳୀ ମହୁମାଛିମାନଙ୍କୁ ସ୍ଥାନାନ୍ତର କରି ଦେଖାଗଲା କି, ସେମାନେ ନିଜର ପାରମ୍ପରିକ ଶୈଳୀକୁ ପ୍ରଥମେ ଜାରି ରଖି କ୍ରମେ ନୂତନ ଶୈଳୀ ଆପଣେଇବାରେ ମଧ୍ୟ ସିଦ୍ଧହସ୍ତ। ସୁତରାଂ ମହୁମାଛି ଆମ ଭଳି ପରମ୍ପରା ରକ୍ଷା କରିବାରେ ସକ୍ଷମ ବୋଲି ସ୍ପଷ୍ଟ ହୋଇଛି।




ସମ୍ପ୍ରତି ସାମୁଦ୍ରିକ ତାପମାତ୍ରା ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ୨୦୨୩ ମାର୍ଚ୍ଚ ପରଠାରୁ କ୍ରମାଗତ ଭାବେ ସମୁଦ୍ରର ହାରାହାରି ତାପମାତ୍ରା ଅସ୍ୱାଭାବିକ ଭାବେ ଉଚ୍ଚ ରହି ଆସିଛି। ଚଳିତବର୍ଷ ମାର୍ଚ୍ଚ ମାସରେ ଏହା ରେକର୍ଡ ୨୧.୦୭ ଡିଗ୍ରି ସେଲସିଅସ୍‌ରେ ପହଞ୍ଚିଥିଲା। ଏପରି ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ଶଯ୍ୟାରେ ଥିବା ପ୍ରବାଳ ପାହାଡ଼ଗୁଡ଼ିକ ଧବଳ ହେବାରେ ଲାଗିଛନ୍ତି। ଚତୁର୍ଥ ଥର ପାଇଁ ଏପରି 'ସାମୂହିକ ବୈଶ୍ୱିକ ପ୍ରବାଳ ଧବଳୀକରଣ' ଆରମ୍ଭ ହୋଇଯାଇଛି। ଏହାର ପରିଣତି ସ୍ୱରୂପ ସମୁଦ୍ର ଉପରେ ନିର୍ଭର କରୁଥିବା କୋଟି କୋଟି ସାମୁଦ୍ରିକ ପ୍ରାଣୀ ଓ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ପ୍ରତି ବିପଦ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ସାମୁଦ୍ରିକ ପରିବେଶ ପ୍ରଣାଳୀର ସନ୍ତୁଳନରେ ପ୍ରବାଳ ପାହାଡ଼ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୋଟିଏ ଗୋଟିଏ ପ୍ରବାଳ ପାହାଡ଼ ଉପରେ ହଜାର ହଜାର ପ୍ରଜାତିର ସାମୁଦ୍ରିକ ପ୍ରାଣୀ ନିର୍ଭର କରିଥା'ନ୍ତି। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆର ଉତ୍ତର-ପୂର୍ବ ଉପକୂଳ ସମୁଦ୍ରରେ ଥିବା ୨,୦୨୮ କି.ମି. ବ୍ୟାପୀ ବିଶ୍ୱର ବୃହତ୍ତମ 'ଗ୍ରେଟ୍ ବାରିଅର' ପ୍ରବାଳ ପାହାଡ଼ରେ ୪୦୦ରୁ ଅଧିକ ପ୍ରଜାତିର ପ୍ରବାଳ, ୧,୫୦୦ ପ୍ରଜାତିର ମାଛ ଓ ୪,୦୦୦ ପ୍ରଜାତିର ଶାମୁକା ରହିଛନ୍ତି। ଏଥିସହ ସେଠାରେ ପୃଥିବୀର ୭ଟି ସାମୁଦ୍ରିକ କଇଁଛ ପ୍ରଜାତି ମଧ୍ୟରୁ ଛଅଟି ପ୍ରଜାତି ରହି ଆସୁଥିବା ଜଣାଯାଇଛି। ଏହାର ଆଖପାଖ ଇଲାକାରେ ମଧ୍ୟ ଲକ୍ଷାଧିକ ଅନାବିଷ୍କୃତ ଜୀବ ରହିଥିବା ଅନୁମାନ କରାଯାଏ। ଏହି ପ୍ରବାଳ ପାହାଡ଼ ବାର୍ଷିକ ୩୭,୫୦୦ କୋଟି ଡଲାରର ପଣ୍ୟ ଓ ସେବା ଯୋଗାଉଛି। ମୋଟାମୋଟି ପୃଥିବୀର ବିଭିନ୍ନ ପ୍ରବାଳ ପାହାଡ଼ଗୁଡ଼ିକ ପ୍ରାୟ ୫୦ କୋଟି ଲୋକଙ୍କୁ ଖାଦ୍ୟ ଓ ଜୀବିକା ଯୋଗାଇବା ସହ ବିଭିନ୍ନ ସାମୁଦ୍ରିକ ଝଡ଼ ଓ ବନ୍ୟାରୁ ସୁରକ୍ଷା ମଧ୍ୟ ପ୍ରଦାନ କରୁଛି। ଏଥିରୁ ପ୍ରବାଳଗୁଡ଼ିକର ଗୁରୁତ୍ୱ ସହଜରେ ଅନୁମେୟ। ସୂଚନାଯୋଗ୍ୟ, ଅଧିକାଂଶ ପ୍ରବାଳରେ ସାଧାରଣତଃ 'ଜୁକ୍ସାନ୍ଥେଲି' ନାମକ ଏକ ପ୍ରକାର ଶୈବାଳ ଭରି ରହିଥାଏ, ଯାହା ପ୍ରବାଳକୁ ଅମ୍ଳଜାନ ଯୋଗାଇ ତାହାର ଖାଦ୍ୟ ପ୍ରସ୍ତୁତି ଓ ବଂଶବୃଦ୍ଧିରେ ସାହାଯ୍ୟ କରିଥାଏ। ଏଥି ସହିତ ଏହା ପ୍ରବାଳକୁ ଉଜ୍ଜ୍ୱଳ ତଥା ସ୍ୱତନ୍ତ୍ର ରଙ୍ଗ ପ୍ରଦାନ କରିଥାଏ। ଏଣେ ପ୍ରବାଳଗୁଡ଼ିକ ଆଲୋକରଶ୍ମି ପ୍ରତି ଭୀଷଣ ଭାବରେ ସମ୍ବେଦନଶୀଳ। ତାପମାତ୍ରାର ସାମାନ୍ୟତମ ପରିବର୍ତ୍ତନ ବି ପ୍ରବାଳଗୁଡ଼ିକୁ ଚାପରେ ପକାଇଥାଏ, ଫଳରେ ସେମାନଙ୍କ ଶରୀରରୁ 'ଜୁକ୍ସାନ୍ଥେଲି' କ୍ଷରଣ ହୁଏ ଏବଂ ପ୍ରବାଳର ରଙ୍ଗ ଧଳା ହୋଇଯାଏ। ଏହାକୁ ପ୍ରବାଳ ଧବଳୀକରଣ କୁହାଯାଏ। ଏହା ପ୍ରବାଳଗୁଡ଼ିକର କେବଳ ଆଶୁ ମୃତ୍ୟୁ ଆଣିନଥାଏ, ଏଥି ସହିତ ସେମାନଙ୍କର ପ୍ରଜନନ କ୍ଷମତା ମଧ୍ୟ କମାଇ ବିଭିନ୍ନ ମରଣାନ୍ତକ ରୋଗର କାରଣ ସାଜିଥାଏ। ବିଶେଷ କରି ଆଟ୍‌ଲାଣ୍ଟିକ୍ ମହାସାଗର, ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରରେ ଦେଖାଦେଉଥିବା ଏଭଳି ଉଲ୍ଲେଖନୀୟ ପରିବର୍ତ୍ତନକୁ 'ସାମୂହିକ ବୈଶ୍ୱିକ ପ୍ରବାଳ ଧବଳୀକରଣ' କୁହାଯାଏ। ଏପରି ପ୍ରଥମ ଘଟଣା ୧୯୯୮ରେ ଦେଖାଯାଇଥିଲା ଯେଉଁଥିରେ ବିଶ୍ୱର ୨୦% ପ୍ରବାଳ ପାହାଡ଼ ପ୍ରଭାବିତ ହୋଇଥିଲେ। ଦ୍ୱିତୀୟ ଘଟଣା ୨୦୧୦ରେ (୩୫% ପ୍ରଭାବିତ) ଓ ତୃତୀୟ ସାମୁହିକ ଧବଳୀକରଣ ୨୦୧୪ରୁ ୨୦୧୭ ଭିତରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ପ୍ରାୟ ୫୬ ପ୍ରତିଶତ ପ୍ରବାଳ କ୍ଷତିଗ୍ରସ୍ତ ହୋଇଥିଲେ। ସମ୍ପ୍ରତି ୫୪ଟି ଦେଶରୁ ମିଳିଥିବା ତଥ୍ୟ ମୁତାବକ ଚତୁର୍ଥ ସାମୂହିକ ପ୍ରବାଳ ସଫେଦୀକରଣ ଆରମ୍ଭ ହୋଇଯାଇଛି।

**ଚତୁର୍ଥ 'ବୈଶ୍ୱିକ ପ୍ରବାଳ ଧବଳୀକରଣ' ଆରମ୍ଭ ହୋଇଯାଇଛି, ଯାହା ସାମୁଦ୍ରିକ ପ୍ରାଣୀଙ୍କ ସମେତ ଲକ୍ଷ ଲକ୍ଷ ଲୋକଙ୍କ ଜୀବନଜୀବିକାକୁ ବିପନ୍ନ କରିପାରେ।**

## ବିଧବା ଲେଲେନଙ୍କ ପରିବାର ପ୍ରତି ସରକାରଙ୍କ ଦୃଷ୍ଟି ପଡୁ

# ଆଧାର କାର୍ଡ ନଥିବାରୁ ସବୁ ଯୋଜନାରୁ ବଞ୍ଚିତ

**କଳାହାଣ୍ଡି,୬।୭ (ସଂଚାର ବ୍ୟୁରୋ):** ଗରିବ ତଥା ଅସହାୟ ଜୀବନ ଜିଉଁଥିବା ମଣିଷଙ୍କୁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ଯୋଗାଉଥିବାର ବ୍ୟବସ୍ଥା କରିଛନ୍ତି। ସରକାରୀ ନୀତି ଓ ଆଇନ ବ୍ୟବସ୍ଥାର ପରିସର ଭୁକ୍ତ ହେବାପାଇଁ ହିତାଧିକାରୀଙ୍କୁ ଆବଶ୍ୟକୀୟ ପ୍ରମାଣପତ୍ର କାଗଜାଦି ଦେବାକୁ ପଡିଥାଏ। ଏସବୁ ପ୍ରମାଣପତ୍ର ମଧ୍ୟରେ ଆଧାର କାର୍ଡ ବାଧ୍ୟତାମୂଳକ । ଯଦି ଆଧାର କାର୍ଡ ନାହିଁ ତ ଯୋଗ୍ୟ ଥାଇ ମଧ୍ୟ ଯୋଜନାରୁ ବଞ୍ଚିତ ହେବାକୁ ପଡିଥାଏ। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ କନରପାସ ଗ୍ରାମରେ।

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଏହି ଗ୍ରାମର ଲେଲେନ ଦେଈ ନିଜର ଦୁଇ କୁନିକୁନି ଛୁଆ ଏବଂ ନିଜର ବୃଦ୍ଧା ଜେଜେମାଆ ଶାଶୂ ସହିତ ଏକ ମାଟି କୁଡିଆ ଘରେ ରହୁଛନ୍ତି। ଗତ ଦୁଇ ବର୍ଷ ତଳେ ଲେଲେନ ସ୍ୱାମୀଙ୍କୁ ହରାଇ ଅଳ୍ପ ବୟସରେ ବିଧବା ଜୀବନ କାଟୁଛନ୍ତି। ସଂସାରର ବୋଝ ବୁହିପାରିନଥିବା ଲେଲେନ ଏବେ ଅସହାୟ।



ମୁଣ୍ଡରେ ଦୁଇ ଛୁଆଓ ବୃଦ୍ଧା ଜେଜେମାଆ ଶାଶୁର ପ୍ରତିପୋଷଣ ଓ ବେରାର ବୋଝ। ବୃଦ୍ଧା ଜେଜେମାଆ ଶାଶୁଙ୍କୁ ମିଳୁଥିବା ହଜାରେ ଟଙ୍କାର ମାସିକ ଭତ୍ତା ଏବଂ ୫ କେଜି ଚାଉଳ ବ୍ୟତୀତ ଆଉ କୌଣସି ସରକାରୀ ସହାୟତା ମିଳିପାରୁନି। ଲେଲେନ ଆଧାର କାର୍ଡ ପ୍ରସ୍ତୁତ ପାଇଁ ଆଧାର କେନ୍ଦ୍ରକୁ ଯାଇ ନିରାଶରେ ଫେରିଥିବା ବେଳେ ଦୁଇ ଛୁଆଙ୍କ ଆଧାର କାର୍ଡ ମଧ୍ୟ ହେଇପାରିନି।

ଆଧାର କାର୍ଡ ନାହିଁ ବୋଲି ସ୍ୱାମୀଙ୍କ ମୃତ୍ୟୁର ପ୍ରମାଣପତ୍ର ଆବେଦନ କରିବାରେ ବାଧକ ସାଜିଥିବା ବେଳେ ବିଧବା ଭତ୍ତା ଲାଗି ମଧ୍ୟ ଲେଲେନଙ୍କୁ ଅଯୋଗ୍ୟ କରିଛି। ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଆବାସ ଯୋଜନାରେ ମଧ୍ୟ ଆଧାର କାର୍ଡ ବାଧ୍ୟତାମୂଳକ। ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ନାମ ଲେଖାରେ ମଧ୍ୟ ଆଧାର କାର୍ଡ ପ୍ରତିବନ୍ଧକ ସାଜିଛି। ଜେଜେମାଆ ଶାଶୁଙ୍କୁ ମିଳୁଥିବା ଭତ୍ତା ଏବଂ ୫ କେଜି ଚାଉଳରେ କ'ଣ ଏଇ ଚାରି ପ୍ରାଣୀଙ୍କ ପେଟ ପୁରିବ ତାହା ଏକ ବଡ ପ୍ରଶ୍ନ। ଘରର ମୁରବି ଚାଲିଗଲା ପରେ ଦୁଇ ଛୁଆଙ୍କ ଭବିଷ୍ୟତ ନେଇ ମଧ୍ୟ ଚିନ୍ତାରେ ଲେଲେନ ଭାଙ୍ଗି ପଡିଛନ୍ତି। ପରଘରେ ମୂଲ ଲାଗିଲେ ଯାଇ ପେଟକୁ ଦାନା ମିଳିଥାଏ ନଚେତ ଭୋକ ଉପାସରେ ରହିବାକୁ ପଡିଥାଏ ବୋଲି ଲେଲେନ ଆକୁଳ କଣ୍ଠରେ କହିଛନ୍ତି। ପାଖରେ ସମ୍ବଳ ନଥିବା ବେଳେ ଆଧାର କାର୍ଡ ପାଇଁ କିପରି ସମ୍ଭବ ହେଉନଥିବା ଲେଲେନ କହିଛନ୍ତି। ପ୍ରଶାସନ ଏହି ଗରିବ ଅସହାୟ ଆଦିବାସୀ ପରିବାରକୁ ସରକାରୀ ବ୍ୟବସ୍ଥା ଯୋଗାଇବା ସହ ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।



## ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳନ କଲେ ବିଜେପି କର୍ମକର୍ତ୍ତା

**ଭବାନୀପାଟଣା,୬।୭ (ସଂଚାର ବ୍ୟୁରୋ):** ମହାନ ଶିକ୍ଷାବିତ, ପ୍ରଖର ରାଷ୍ଟ୍ରବାଦୀ ଏବଂ ଭାରତୀୟ ଜନସଂଘର ସଂସ୍ଥାପକ ଡ଼ଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ କୋକସରା ବ୍ଲକ କୋକସରା ମଣ୍ଡଳ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ବସନ୍ତ ନାଗ ଙ୍କ ଅଧ୍ୟକ୍ଷତାରେ ଡକ୍ଟର ଶ୍ୟାମପ୍ରସାଦ ମୁଖାର୍ଜୀ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ତାଙ୍କ ସ୍ମୃତି ଚାରଣ କରି ତାଙ୍କ ନୀତି ଆଦର୍ଶ ରେ ଚାଲିବାକୁ ଉପସ୍ଥିତ ବିଜେପି ନେତା ମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ମଣ୍ଡଳ ସମ୍ପାଦକ ମନୋଜ କୁମାର ନାଏକ, ଶାରଳା ପ୍ରଧାନୀ, ଧର୍ମାନନ୍ଦ ନେଗି, ନବୀନ ପ୍ରଧାନୀ, ସୋମନାଥ ବାଗ, ଭାବଗ୍ରାହୀ ପ୍ରଧାନୀ ସମେତ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଆମପାଣି ମଣ୍ଡଳ ସାଧାରଣ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୁଝାରୀ ଓ ତୁଲାରମ ନାଏକ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି



**ଭବାନୀପାଟଣା,୬।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ପୁଝାରି ଗୁଡା ଗ୍ରାମର ରଘୁମଣି ପାତ୍ର(୪୬) ଗତକାଲି ରାତିରେ ସାଇକେଲରେ ପାଖ ଗାଁରୁ ଘରକୁ ଫେରୁଥିବା ବେଳେ ଗାଁ ନିକଟସ୍ଥ ନୂଆପଡା ରାସ୍ତାରେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ତେବେ କୌଣସି ପ୍ରକାରେ ଭାଲୁ ହାବୁଡ଼ରୁ ନିଜକୁ ରକ୍ଷାକରି ଘରକୁ ଆସିଥିବା ବେଳେ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ରବିବାର ସକାଳେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଭାଲୁ ଆକ୍ରମଣରେ ଯୁବକଙ୍କ ଯୌନାଙ୍ଗରେ ଗଭୀର କ୍ଷତ ହୋଇଛି। ତେବେ ଖବର ଦେବାପରେ ମଧ୍ୟ ଦିର୍ଘ ସମୟ ପରେ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ଥଲେ । ତେବେ ଗୁରୁତରଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ନିୟମ ମୁତାବକ କ୍ଷତିପୂରଣ ଦେବାପାଇଁ ବ୍ୟବସ୍ଥା କରାଯିବା ନେଇ ଫରେଷ୍ଟ ଗାର୍ଡ ସୂଚନା ଦେଇଥିଲେ।



## କୁବେଡ଼େଗାରେ ରକ୍ତଦାନ ଶିବିର

**ଭେଡେନ,୬।୭ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ କୁବେଡେଗା ଠାରେ ସରପଞ୍ଚ ଜନ୍ମେଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ କୁବେଡ଼େଗା ପଞ୍ଚାୟତ ଅଫିସ୍ ପରିସରରେ ଏକ ରକ୍ତ ଦାନ ଶିବିର୍ ଅନୁଷ୍ଠିତ ହୋଇଛି । ବରଗଡ଼ ରକ୍ତ ଭଣ୍ଡାରର ଟେକ୍ନିସିଆନ୍ ଅମରଜିତ୍ ମହାନ୍ତି, ଶ୍ରୀବତ୍ସ ସେଠ୍, ଭୁବନ ପଧାନ ପ୍ରମୁଖ ଉପସ୍ଥିତ ହୋଇ ରକ୍ତ ସଂଗ୍ରହ କରିଥିଲେ । ଏଥିରେ ୩୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଅମୃତ କୁଟୁମ୍ ଭେଡ଼େନ୍‌ର ସଦସ୍ୟ ଆନନ୍ଦ ସୁନା, ଭୀଷ୍ମଦେବ ଛନ୍ଦ, ତୋଶବନ୍ତ ବେହେରା, ଶଶିଭୂଷଣ ପାଣିଗ୍ରାହି, ସୁଜିତ୍ ଶତପଥି , ସୁବିଲ୍ ଦାସ, ସୁସନ୍ ତ୍ରିପାଠୀ ସହଯୋଗ କରିଥିଲେ ।

● ଚାକିରି ଦେବା ଆଳରେ ଠକେଇ ଘଟଣା

## ଆଉଟସୋର୍ସିଂ ନର୍ସିଂ ଅଫିସର ନାଁରେ ଏତଲା

**ଫୁଲବାଣୀ,୬।୭ (ସଂଚାର ବ୍ୟୁରୋ):** ଫିରିଙ୍ଗିଆ ବ୍ଲକରେ ସରକାରୀ ସଂସ୍ଥାରେ ସ୍ଥାୟୀ ଚାକିରି କହି ଏକ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଥିବା ଜଣେ ନର୍ସିଂ ଅଫିସର ଚାକିରି ଦେବା ଆଳରେ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ଥିବା ନେଇ ଫିରିଙ୍ଗିଆ ଥାନାରେ ଏତଲା ହୋଇଛି । ସମ୍ପୃକ୍ତ ନର୍ସିଂ ଅଫିସର ଯେଉଁ ମହିଳାଙ୍କ ଜରିଆରେ ଟଙ୍କା ନେଇଛନ୍ତି, ସେହି ମହିଳା ଥାନାରେ ଏତଲା ଦେଇଛନ୍ତି । ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଝାଡାବାନ୍ତି(ଡାଇରିଆ) ୱାର୍ଡରେ ଦେବସ୍ମିତା ଦେବୀ ମୁଖି ଏକ ଆଉଟସୋର୍ସିଂ ସଂସ୍ଥା ଜରିଆରେ ନର୍ସିଂ ଅଫିସର ଭାବେ କାମ କରନ୍ତି । ଆମ ଗ୍ରାମରେ ତାଙ୍କ ସଙ୍ଗାତଙ୍କ ଭଉଣୀ ଘର । ଏହି ସମ୍ପର୍କ ଧରି ଦେବସ୍ମିତା ଆମ ଗ୍ରାମକୁ ଆସି ସମ୍ପର୍କ କରିଥିଲେ । ସେ ନିଜେ ଚାକିରି କରୁଛନ୍ତି, ମୋତେ ଚାକିରି କରାଇ ଦେବାକୁ କହିଥିଲେ । ମୁଁ ମନା କରିଥିଲି । ସେ ବାରମ୍ବାର ଆସି ଏପରି ପ୍ରବର୍ତାଉଥିଲେ । ନିଜ ଅଂଚଳରେ ଥିବା ଶିକ୍ଷିତ ପିଲାଙ୍କୁ ମଧ୍ୟ ଚାକିରି କରାଇ ଦେବାକୁ କହିଥିଲେ । ମୁଁ ଫୁଲବାଣୀ ମେଡିକାଲ ଯାଇ ସେ ଚାକିରି କରିଥିବା ଦେଖିବାକୁ ପାଇଲି । ଏହାପରେ ମୋ ସ୍ୱାମୀଙ୍କୁ ଚାକିରି କରାଇ ଦେବାକୁ କହି ସମସ୍ତ ଆବଶ୍ୟକ ପ୍ରମାଣପତ୍ର ସହ ୨୦ ହଜାର ଟଙ୍କା ଦେଇଥିଲି। ଏହାପରେ ଅନ୍ୟମାନଙ୍କୁ ଚାକିରି କରିବା ପାଇଁ ୩୦ ହଜାର ଲେଖାଏଁ ଟଙ୍କା ମାଗିଥିଲେ । ପାଖାପାଖି ୪୯ ଜଣ ପିଲାଙ୍କ ପାଖରୁ ୨୦ରୁ ୩୦ ହଜାର ଲେଖାଏଁ ଟଙ୍କା ତାଙ୍କୁ ଦେଇଛି । ପାଖାପାଖି ୧୧ ଲକ୍ଷ ୭୦ ହଜାର ଟଙ୍କା ସେ ନେଇଛନ୍ତି। ଯାହାର ପ୍ରମାଣ ରହିଛି । ୨୦୨୩ ମସିହାରୁ ସେ ଏହି ଟଙ୍କା ନେଇଥିଲେ ହେଁ ଚାକିରି ମିଳିଲା ନାହିଁ । ତାଙ୍କୁ ବାରମ୍ବାର ଫୋନ କଲେ ସେ ଉଠାଇଲେ ନାହିଁ କି ଧରାଛୁଆଁ ଦେଉନାହାନ୍ତି ବୋଲି ଜାନକୀ କହଁର ତାଙ୍କ ଏତଲରେ ଦର୍ଶାଇଛନ୍ତି ।

## ମନରେଗା କାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ



### କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିଲେ ଦେଖାଉଛନ୍ତି ନାଲି ଆଖି

**ଭବାନୀପାଟଣା,୬।୭ (ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ରାସ୍ତାରେ ଲୋକଙ୍କ ପାଇଁ ଯାତାୟାତ ଗମନାଗମନକୁ ସୁଦୃଢ଼ କରିବାକୁ ମନରେଗା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଉଛି। ତେବେ ଲାଭଖୋର ପଞ୍ଚାୟତ କର୍ମଚାରୀ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ମଧୁଚନ୍ଦ୍ରିକାରେ ଆସୁଥିବା ଅନୁଦାନକୁ ବାଟ ମାରଣା କରୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି।

ଏଭଳି ଏକ ଅଭିଯୋଗ ଆସିଛି କୋକସରା ବ୍ଲକ ଫୁଂଗାଁ ପଞ୍ଚାୟତ ଚିଲଡ଼ଙ୍ଗରିରୁ ଖଳିଆମାଲକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟରେ। ସ୍ଥାନୀୟ ଚାଷୀ ଓ ଗ୍ରାମବାସୀଙ୍କ ଅଭିଯୋଗ ମତେ ମନରେଗା ଯୋଜନାରେ କାର୍ଯ୍ୟ ହୋଇଥିବା ଏହି ରାସ୍ତା ଅତି ନିମ୍ନମାନର ହୋଇଥିବା ବେଳେ ସୂଚନାଫଳକକୁ ମଧ୍ୟ କେହି ନଜାଣିବେ ବୋଲି ଭାଙ୍ଗି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଏହି ଅଞ୍ଚଳର ଚାଷୀମାନେ ନିଜ ଜମିକୁ ଯାତାୟାତ କରୁଥିବା ବେଳେ କୃଷି ଉପକରଣ ଓ ମେସିନ ନେବାରେ ଏବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀଙ୍କ ମତାମତ ନେବାରୁ ଏକଥା ଆମ ନଜରକୁ ଆସିନଥିଲା ଆପଣ ମାନଙ୍କ ମାଧ୍ୟମରେ ଖବର ଜାଣିବାକୁ ପାଇଲୁ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ



**ବଲାଙ୍ଗିର,୬।୭ (ସଂଚାର ବ୍ୟୁରୋ):** ଆସନ୍ତା ଜୁଲାଇ ୨୫ତାରିଖରେ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ହେବ । ଏହାର ଅବ୍ୟବହିତ ପୂର୍ବରୁ ଓଡିଶାର ସମସ୍ତ ଜିଲ୍ଲାରେ ସାହିତ୍ୟ ସଂପର୍କରେ ବକ୍ତୃତା, ପ୍ରବନ୍ଧ, ସାଧାରଣଜ୍ଞାନ ଓ ଅନୁବାଦ ତଥା କବିତା ଆବୃତ୍ତି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏହି କ୍ରମରେ ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଚାରିଗୋଟି ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବଲାଙ୍ଗିର ଜିଲ୍ଲାର ୧୪ଟି ବ୍ଲକରୁ ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୧୩ ଜୁଲାଇ ଓ ୨୦ ଜୁଲାଇରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ବିପଦସଙ୍କୁଳ ଅବସ୍ଥାରେ ପିଣ୍ଡାଙ୍ଗି ଅଙ୍ଗନୱାଡି କେନ୍ଦ୍ର

**କନ୍ଧମାଳ,୬।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ପାହିରାଜୁ ପଞ୍ଚାୟତ ଅନ୍ତର୍ଗତ ପିଣ୍ଡାଙ୍ଗି ଅଙ୍ଗନୱାଡି କେନ୍ଦ୍ର ବର୍ତ୍ତମାନ ବହୁ ଅବ୍ୟବସ୍ଥାରେ ଓବିପଦ ସଂକୁଳ ଅବ୍ୟବସ୍ଥାରେ ରହିଛି। ଯାହାକୁ ନେଇଁ ପିଣ୍ଡାଙ୍ଗି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଦୀର୍ଘ ବର୍ଷରୁ ନିର୍ମିତ ଏହି ଅଙ୍ଗନୱାଡି କେନ୍ଦ୍ର ଗୃହ ଦୁର୍ବଳ

### ମରାମତି ପାଇଁ ପିଣ୍ଡାଙ୍ଗି ଗ୍ରାମବାସୀଙ୍କ ଦାବି



ହୋଇଥିବାବେଳେ ଛାତରୁ ପାଣି ଘର ଭିତରେ ପଡୁଥିବା ମଧ୍ୟ ଦେଖାଯାଉଛି ଏବଂ କାନ୍ଥର ଇଟା ବାହାରି କାନ୍ଥ ମଧ୍ୟ ଫାଟି ଆଁ କଲାଣି। କେବଳ ଏତିକି ନୁହେଁ ଏହି ଅଙ୍ଗନୱାଡି କେନ୍ଦ୍ରରେ ସୁରକ୍ଷା ପାଚେରୀ ନଥିବା ବେଳେ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା କିଛି ନଥିବାରୁ ପିଣ୍ଡାଙ୍ଗି ଅଙ୍ଗନୱାଡି କେନ୍ଦ୍ର ବହୁ ଅସୁବିଧାରେ ଚାଲୁଛି।

ପିଣ୍ଡାଙ୍ଗି ଅଙ୍ଗନୱାଡି କେନ୍ଦ୍ର ଫିରିଙ୍ଗିଆ ବ୍ଲକ୍‌ର ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡ଼ି ପାରୁନାହିଁ। ବର୍ତ୍ତମାନ ଅଙ୍ଗନୱାଡି କେନ୍ଦ୍ରରେ ୧୫ ଜଣ କୋମଳମତି ଶିଶୁ ପାଠ ପଢୁଛନ୍ତି। କେବଳ ଏତିକି ନୁହେଁ କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତି ମା ମଧ୍ୟ ଏହି ଅଙ୍ଗନୱାଡି କେନ୍ଦ୍ର ଉପରେ ନିର୍ଭରଶୀଳ। ପାଖାପାଖି ସେଭଳି ମେଡିକାଲ କିମ୍ବା ଅନ୍ୟାନ୍ୟ ସୁବିଧା ପାଇଁ ବ୍ୟବସ୍ଥା ନଥିବାରୁ ଅଙ୍ଗନୱାଡି କେନ୍ଦ୍ର ହିଁ ଏହି ଅଞ୍ଚଳ ପାଇଁ ସାହାରା।

ବର୍ତ୍ତମାନ ଏହି ଅଙ୍ଗନୱାଡି କେନ୍ଦ୍ରଟି ବିପଦସଂକୁଳ ଅବସ୍ଥାରେ ରହିଥିବାରୁ କୁନି କୁନି କୋମଳମତି ଶିଶୁମାନଙ୍କ ପାଇଁ ବିପଦ ଆଶଙ୍କା ସୃଷ୍ଟି କରିଛି। ଏହି ଅଙ୍ଗନୱାଡି କେନ୍ଦ୍ରରେ ଆଜିପର୍ଯ୍ୟନ୍ତ ରୋଷେଇ ଘରଟିଏ ମଧ୍ୟ ହୋଇପାରିନାହିଁ । ଏହି ବିପଦସଂକୁଳ ଅଙ୍ଗନୱାଡି କେନ୍ଦ୍ର ସ୍ଥାନରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ, ରୋଷେଇ ଘର, ସୁରକ୍ଷା ପାଚେରୀ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାପାଇଁ ନିବେଦନ କରିଛନ୍ତି ସମାଜସେବୀ ଶ୍ରୀଧର ସାହୁ, ଦାମୋଦର କହଁର, ପ୍ରଦିପ ଦିଗାଲ, ରଙ୍ଗା କହଁର, ସୁହିରା କହଁର,ଦିସୁ କହଁର, ମାଧବ କହଁରଙ୍କ ସମେତ ପିଣ୍ଡାଙ୍ଗି ଗ୍ରାମବାସୀ।

## ସୁକତେଲ ନଦୀରୁ ବାଲି ଚୋରାଚାଲାଣ

**ବଲାଙ୍ଗୀର,୬।୭ (ସଂଚାର ବ୍ୟୁରୋ):** ପାଟଣାଗଡ଼ ବ୍ଲକ ତମିଆ ପଞ୍ଚାୟତ ଦେଇ ପ୍ରବାହିତ ସୁକତେଲ ନଦୀ ଭିତରୁ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଛି । ପ୍ରତିଦିନ ନିର୍ଦ୍ଧିଷ୍ଟ କେତେକ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ହେଉଛି। ଏପରିକି ଭଲ ବାଲି ମିଳୁନଥିବା କହି ଲିଜ ପୋଏଣ୍ଟରୁ ଢେର ଭିତରକୁ ଯାଇ ମନଇଚ୍ଛା ବାଲି ପଠାଯାଉଛି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏସବୁ ସମସ୍ତଙ୍କୁ ଜଣାଥିବା ସତ୍ତ୍ୱେ ରାଜସ୍ୱ ଓ ଖଣି ବିଭାଗ କେହି କିଛି ପଦକ୍ଷେପ ନେଉନାହାନ୍ତି ଯାହା ବେଆଇନ ବାଲି ଚୋରା ଚାଲାଣକାରୀଙ୍କୁ ଆହୁରି ପ୍ରୋତ୍ସାହିତ କରୁଛି। ପ୍ରକାଶଥାଉକି ଗତ



କିଛି ମାସ ହେବ ନିର୍ଦ୍ଧିଷ୍ଟ କେତେଜଣ ଚୋରା ବେପାରୀ ସୂକତେଲ ନଦୀ ବାଗାବାହାଲ ସ୍ଥିତ ତଲୀ ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ କରୁଛନ୍ତି। ଉକ୍ତ ବାଲି ପାଟଣାଗଡ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଉଛି ।ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମକୁ ଖୋଲା ଖୋଲି ଭାବେ ଉଲ୍ଲଙ୍ଘନ କରି ନଦୀରୁ ବାଲି ଉତ୍ତୋଳନ କରାଯାଉଛି। ଗୋଟିଏ ପଟେ ବାଲି ଚାଲାଣକୁ ନେଇ ପ୍ରଶାସନ ତତ୍ପର ଥିବାବେଳେ ଅନ୍ୟପଟେ ଖୁଲମଖୁଲା ସୂକତେଲ ନଦୀରୁ ଚୋରା ବାଲି ଚାଲାଣକୁ ନେଇ ପ୍ରଶାସନର ଦୋମୁହାଁ ନୀତି ଧରାପଡ଼ିଯାଇଛି। ଏଥିପାଇଁ ଜିଲ୍ଲାପାଳଠୁ ତହସିଲଦାର ପର୍ଯ୍ୟନ୍ତ ଗ୍ରାଉଣ୍ଡ ଜିରୋକୁ ଯାଇ ତଦନ୍ତ କରି ବାଲି ଚୋରାଚାଲାଣ କାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ପାରିବାରିକ କଳହରୁ ଘରମୁରବୀଙ୍କ ଆତ୍ମହତ୍ୟା ଅଭିଯୋଗ

**କଳିଙ୍ଗନଗର,୬।୭ (ସଂଚାର ବ୍ୟୁରୋ):** ଗତକାଲି ସନ୍ଧ୍ୟା ସମୟରେ ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମର ଗୌରୀ ପ୍ରଧାନ ଥାନାରେ ଆସି ରିପୋର୍ଟ କରିଥିଲେ ଯେ ତାଙ୍କ ସ୍ୱାମୀ ଦୁର୍ଗା ରାଓ ପ୍ରଧାନ(୪୭) କୌଣସି କାରଣ ବଶତଃ ତାଙ୍କ ପିଲା ଛୁଆ ସହିତ ପାଟି ତୁଣ୍ଡ କରି ଘରେ ଶୋଇବାକୁ ଯାଇଥିଲେ। କିଛି ସମୟ ପରେ ସେ ଓ ତାଙ୍କର ଝିଅମାନେ ଘର ଭିତରକୁ ପଶିବା ପରେ ଦେଖିବାକୁ ପାଇଲେ ଯେ ତାଙ୍କ ସ୍ୱାମୀ ଘର ଭିତର କାଠ ବନ୍ଧରେ ଚୂନି ମାଧ୍ୟମରେ ଆତ୍ମାହତ୍ୟା କରି ଝୁଲୁଛନ୍ତି। ଏହ ପରେ ସେ ପାଖ ପଡୋଶୀଙ୍କୁ ଡାକି ତାଙ୍କୁ ଉଦ୍ଧାର କରି ତୁରନ୍ତ ଦାନଗଦି ମେଡିକାଲ ନେଇଥିଲେ । ଡକ୍ଟର ତାକୁ ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ଜଖପୁରା ଥାନାରେ ଏକ ମାମଲା ରୁଜୁ ହେଇଛି। ଆଜି ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ତାଙ୍କ ଘର ପରିବାରକୁ ହସ୍ତାନ୍ତର କରାଯାଇଛି ।

## ମାଇଁ ଭାରତ ତରଫରୁ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ବାର୍ଷିକ କାର୍ଯ୍ୟକ୍ରମ



**ଫୁଲବାଣୀ,୬।୭ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀ ତରଫରୁ ସରକାରୀ ଆଇଟିଆଇ ଫୁଲବାଣୀ ଠାରେ ଡ଼ ଶ୍ୟାମ ପ୍ରସାଦ ମୁର୍ଖାଜୀଙ୍କ ଜନ୍ମ ବାର୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଅବସପ୍ରାପ୍ତ ଶିକ୍ଷା ବିଭାଗର ଏଏସଆଇ ନବ କିଶୋର ରଥ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତି, ବାଲାଜୀ କଲେଜର ଅଧ୍ୟକ୍ଷ ବ୍ରଜ ମୋହନ ରଥ, ଆ ଇ ଟି ଆଇ କଲେଜ ର ଅଧ୍ୟାପକ ରଶ୍ମି ରଞ୍ଜନ ବିଶ୍ୱାଳ, ସଲମନ ସାହୁ ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଦିବସରେ ଡ଼ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲଚନା କରାଯାଇଥିଲା । ଯୁବ ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ଯୋଗ ଉପରେ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ଏଥିରେ ଅମିତ କୁମାର ଦେହୁରୀ, ଓମ୍ ପ୍ରକାଶ ବେହେରା ଦଳାଇ , ସୌମ୍ୟ ପ୍ରିୟଦର୍ଶିନୀ ପଟ୍ଟନାୟକ, ଗଗନ ବାରିକ, କୁମୁଦ ଦିଗାଲ ପ୍ରମୁଖ ବିଜୟୀ ହୋଇଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ। କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବୈଠକରେ ମାଇ ଭାରତ କନ୍ଧମାଳର ସହକର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ରଚିତାରାନୀ ସାହାଣୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## କେବେ ସୁଧୁରିବ ପମ୍ପାଲ ପଞ୍ଚାୟତର ପାଣି ସମସ୍ୟା ?

**ବାଲିପାଟଣା,୬।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବସୁଧା ଯୋଜନାରେ ଘର ଘର ପାଣି ପହଞ୍ଚାଇ ଦେଉଥିବା କହୁଥିବା ବେଳେ ଏହା କିନ୍ତୁ ଏକ ପ୍ରହସନ ବୋଲି ସ୍ପଷ୍ଟ ବାରି ହେଉଛି। ପ୍ରାୟ ୧୫ ଦିନ ହେବ ସାମାନ୍ୟ ଏକ ମଟର କେବୁଲ ତାର ଚୋରି ଯାଇ ଥିବାରୁ ଦରଡା, ଡେଙ୍ଗ, ନବାଟି, ହରିଜନ ସାହିରେ ଜଳ ଯୋଗାଣ ସମ୍ପୂର୍ଣ ବନ୍ଦ ହୋଇ ଯାଇଛି। ଯେଉଁଠି ସାମାନ୍ୟ କେବୁଲ୍ ତାରଟିଏ ପାଇଁ ୧୫ ଦିନ ଲାଗି ଯାଉଚି ସେଠି ଏ ପଞ୍ଚାୟତ କେତେ ଉନ୍ନତି କରୁଥିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟ କରିଛି ? ରାଜ୍ୟ ସରକାର ବସୁଧା ଯୋଜନାରେ ଘରେ ଘରେ ପାଣି ପହଞ୍ଚାଇ ଦେଉଥିବା କହି ଡ଼ିଣ୍ଡିମ ପିଟୁଥିବା ବେଳେ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲ ପଞ୍ଚାୟତରେ ଏହି ସୁବିଧା ଫେଲ ମାରିଛି।

ଉକ୍ତ ପଞ୍ଚାୟତ କୁଳନ୍ତିରା ଗ୍ରାମ, ଭୋଳ ସାହି, ଶାସନ, ଗୋବିନ୍ଦପୁରର ଲୋକସଂଖ୍ୟା ପ୍ରାୟ ୨୦୦୦ରୁ ଉର୍ଦ୍ଧ ହେବ। ଦୁଇ ଦିନ ହେବ ଟ୍ରାନ୍ସଫର୍ମ ପୋଡ଼ି ଯାଇଥିବାରୁ ପାଣି ପାଇବାର ଆଶା ପୁରା ମଉଳି ଯାଇଛି। ଅର୍ଦ୍ଧାଧିକ ଲୋକେ ବସୁଧା ଯୋଜନାରୁ ପାଣି ନପାଇ ଡହଳ ବିକଳ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା କେବଳ ଆଖିରେ ଦେଖିଲେ ବିଶ୍ୱାସ କରି ହେବ। କେବଳ ଏହି ଗ୍ରାମ ଖାଲି ନୁହେଁ ପମ୍ପାଲ ପଞ୍ଚାୟତର ଏକାଧିକ ଗ୍ରାମରେ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ବାରମ୍ବାର ଅଭିଯୋଗ ପରେ ସରକାରୀ ବାବୁମାନେ ଆସି ପ୍ରତିଶ୍ରୁତି ଦେଲେ ଯେ, ଖୁବ୍‌ଶୀଘ୍ର ମେଗା ପ୍ରୋଜେକ୍ଟ ଯୋଜନାରେ ପାଣି ଯୋଗାଇ ଦିଆଯିବ ଓ କାମ ତ୍ୱରାନ୍ୱିତ ହେବ। ଏବେ ଅଭିଯୋଗ କରିବା ପରେ ଗୋଟିଏ ଉତ୍ତର ମିଳୁଛି ଦୁଇବର୍ଷ ହେଲା ମେଗା ପ୍ରୋଜେକ୍ଟରେ ତୁମ୍ଭର ପାଣି ଯିବ ଆମେ ଆଉ କିଛି କରି ପାରିବୁ ନାହିଁ। ବସୁଧା ଯୋଜନାରେ ଆସୁଥିବା ପାଣି ବି ଗାଁର ପର୍ଯ୍ୟନ୍ତ ଠିକ୍ ସେ ପହଞ୍ଚି ପାରୁ ନାହିଁ। କୋଉଠି କିଏ ଗାଡିଆ ପୋଖରୀରେ ପାଇପି ଫଟେଇ ମନମୁଖି ପାଣି ନେଉଛି ତ କୋଉଠି କିଏ ବିଲ ବାରିକି ନେଇ ପରିବା ଚାଷ କଲାଣି ଆଉ କିଏ ମଟର ଲଗେଇ ବିଲ, ବାରି, ଘରକୁ ନେଇ ଅଯଥା ପାଣି ନଷ୍ଟ କରୁଛନ୍ତି। ଦାୟିତ୍ୱରେ ଥିବା ପମ୍ପ ହାଉସ କର୍ମଚାରୀ ଙ୍କୁ ପଚରା ଗଲେ ଉତ୍ତର ମିଳୁଚି ମୋ ହାତରେ କିଛି ନାହିଁ ପଞ୍ଚାୟତ ବୁଝୁଚି। ମୁଁ ଅଭିଯୋଗ କଲେ କହୁଛନ୍ତି ସେମିତି ଚାଲିବ ସମସ୍ତେ ଆମ ଲୋକ ଆମେ କିଛି କରି ପାରିବୁ ନାହିଁ? ଏଠି କଥା ଉଠୁଚି ଟୋପେ ପିଇ ବା ପାଣି ପାଇଁ ଲୋକ ଡହଳ ବିକଳ ହେଉଥିବା ବେଳେ ପଞ୍ଚାୟତ ଅଧିକାରୀ ମାନଙ୍କ ଉତ୍ତର ଠିକ୍ ତ? ଗୋଟେ ପଟେ ଘନଘନ ବିଦ୍ୟୁତ୍ କାଟକୁ ଯେତିକି ସମୟ ଲାଇନ୍ ରହୁଚି ପାଣି ଟିକେ ମିଳିବା ଯେ କେତେ କଷ୍ଟ ତାହା ଆଖିରେ ଦେଖିଲେ ବିଶ୍ୱାସ କରିହେବ।